# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୧/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, November 11/2025 | Page 12 | ₹ 7.00 | DHENKANAL

୫୧ଶ ଭାଗ ୩୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 345 | ମୂଲ୍ୟ₹୭/-




### ଭାରତୀୟ ଦଳରେ ସୁନେଲିତା

ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ ପାଇଁ ଘୋଷିତ ଭାରତୀୟ ଦଳରେ ସୁନେଲିତା ଟପ୍ପୋଙ୍କ ସମେତ ଓଡ଼ିଶାର ୩ ଖେଳାଳି ସାମିଲ ହୋଇଛନ୍ତି।

୧୨

୦୨

### ଏକାଠି ଆସିବେ ସଲମାନ-ଅଭିଷେକ


ଅଭିନେତା ସଲମାନ ଖାନ ଏବଂ ଅଭିଷେକ ବଚ୍ଚନ 'ରାଜା ଶିବାଜୀ' ଫିଲ୍ମରେ ଏକାଠି ଅଭିନୟ କରିବାକୁ ଯାଉଛନ୍ତି।



# ଲାଲ୍‌କିଲ୍ଲା ନିକଟରେ ବିସ୍ଫୋରଣ: ୮ ମୃତ

## ▪ ୨୪ ଗୁରୁତର ▪ ହାଇଆଲର୍ଟରେ ଦିଲ୍ଲୀ ▪ ଆତଙ୍କବାଦୀ ଲିଙ୍କ୍ ନେଇ ଚାଲିଛି ଖୋଳତାଡ଼





ଦିଲ୍ଲୀର ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେଶନ ନିକଟରେ ପାର୍କିଂ ହୋଇଥିବା ଏକ କାର୍‌ରେ ସୋମବାର ସନ୍ଧ୍ୟାରେ ସଂଘଟିତ ବିସ୍ଫୋରଣ ପରବର୍ତ୍ତୀ ଦୃଶ୍ୟ।

**ଦିଲ୍ଲୀର ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେଶନ ନିକଟରେ ପାର୍କିଂ ହୋଇଥିବା ଏକ କାର୍‌ରେ ସୋମବାର ସନ୍ଧ୍ୟାରେ ବଡ଼ଧରଣର ବିସ୍ଫୋରଣ ଘଟିଛି। ଏଥିରେ ଅନ୍ୟୂନ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ୨୪ରୁ ଉର୍ଦ୍ଧ୍ୱ ଗୁରୁତର ଆହତ ହୋଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ପାଖରେ ଥିବା କେତେକ ଗାଡ଼ି ଜଳିଯିବା ସହ ଝରକା କାଚ ଭାଙ୍ଗିଯାଇଛି। ସହରକୁ ହାଇ ଆଲର୍ଟରେ ରଖାଯିବା ସହ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସ୍ଥିତି ଅନୁଧ୍ୟାନ କରୁଛି। ଗତ ୪ ଦିନ ମଧ୍ୟରେ ଜମ୍ମୁ-କଶ୍ମୀର, ହରିୟାଣା ଏବଂ ଉତ୍ତରପ୍ରଦେଶରୁ ବିପୁଳ ପରିମାଣ ବିସ୍ଫୋରକ ଜବତ ହେବା ସହ ଆତଙ୍କବାଦୀ କାର୍ଯ୍ୟକଳାପରେ ଜଡ଼ିତ ଥିବା ୩ ଡାକ୍ତରଙ୍କ ସମେତ ୮ଜଣ ଗିରଫ ହୋଇଛନ୍ତି। ଏଥିରୁ କେତେକ ସ୍ଥାନରେ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ଘଟଣା ଘଟିବା ଆଶଙ୍କା ରହିଥିବାବେଳେ ଦେଶର ରାଜଧାନୀ ଦିଲ୍ଲୀରେ ଘଟିଛି ବଡ଼ ବିସ୍ଫୋରଣ। ଏହି ଘଟଣା ପଛରେ ଆତଙ୍କବାଦୀ ଲିଙ୍କ୍ ଥିବା ସନ୍ଦେହରେ ଖୋଳତାଡ଼ କରାଯାଉଛି। ଏନେଇ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଟିମ୍ ଘଟଣାସ୍ଥଳ ପହଞ୍ଚି ତଦନ୍ତ ଆରମ୍ଭ କରିଛି।**

**ନୂଆଦିଲ୍ଲୀ,୧୦।୧୧**


ଦିଲ୍ଲୀ ଅଗ୍ନିଶମ ବିଭାଗ ଅନୁଯାୟୀ, ଲାଲ୍‌କିଲ୍ଲା ନିକଟରେ ବିସ୍ଫୋରଣ ସମ୍ପର୍କରେ ୬ଟା ୫୫ ମିନିଟ୍‌ରେ ଖବର ମିଳିଥିଲା। ଘଟଣାସ୍ଥଳରେ ୭ଟି ଫାୟାର ଟେଣ୍ଡର ପହଞ୍ଚିଥିଲେ। ଅଫିସରଙ୍କ କହିବା ଅନୁଯାୟୀ, ୫ ମୃତଦେହକୁ ଲୋକନାୟକ ହସ୍ପିଟାଲକୁ ନିଆଯାଇଛି। ସୂଚନା ଅନୁଯାୟୀ, ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେଶନର ୧ ନମ୍ବର ଗେଟ୍ ନିକଟରେ ଥିବା କାର୍‌ରେ ବିସ୍ଫୋରଣ ହୋଇଥିଲା। ଫଳରେ ପାଖରେ ଥିବା ୩ରୁ ୪ଟି ଗାଡ଼ିରେ ନିଆଁ ଲାଗିଯିବା ସହ କ୍ଷତିଗ୍ରସ୍ତ ହୋଇଥିଲା। ଜଳୁଥିବା କାର୍‌ର ଘନ ଧୂମକୁଣ୍ଡଳୀ ଉଠୁଥିବା ଦେଖାଯାଇଛି। ବିସ୍ଫୋରଣ ଶବ୍ଦରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ବିସ୍ଫୋରଣ ପରେ ଏକାଧିକ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଆଖପାଖ ଦୋକାନ ଭାଙ୍ଗିଯିବା ସହ ସାମଗ୍ରୀଗୁଡ଼ିକ ବିକ୍ଷିପ୍ତ ହୋଇ ଏଣେତେଣେ ପଡ଼ିଥିଲା। ଘଟଣାସ୍ଥଳ ଆଖପାଖ ଅଞ୍ଚଳରେ କେତେଜଣ ମୃତକଙ୍କ ହାତ, ଗୋଡ଼, ଅନ୍ୟ ଅଂଶ ପଡ଼ି ରହିଥିଲା। ଘଟଣା ଏତେ ଭୟଙ୍କର ଥିବା ତାହାକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ ସେ କହିଥିଲେ।

ସୂଚନାଥାଉ କି ଘଟଣାସ୍ଥଳ ହେଉଛି ଅତ୍ୟନ୍ତ ଜନଗହଳିପୂର୍ଣ୍ଣ। ସେଠାରେ ପ୍ରାୟତଃ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଏହାସହ ୧୧ଶହ ମିଟର ଦୂରରେ ରହିଛି ଜାମା ମସଜିଦ୍। ସେହିପରି କିଛି ମିଟର ଦୂରରେ ରହିଛି ଗୁରୁଦ୍ୱାରା ଶିଶ୍ ଗଞ୍ଜ ସାହିବ। ଏଭଳି ଭିଡ଼ ସ୍ଥାନରେ ବଡ଼ଧରଣର ବିସ୍ଫୋରଣ ଘଟିବା ଏକ ସୁଚିନ୍ତିତ ଆତଙ୍କବାଦୀ କାଣ୍ଡ ହୋଇଥାଇପାରେ ବୋଲି ଅନେକେ ସନ୍ଦେହ କରୁଛନ୍ତି। ଅନ୍ୟପକ୍ଷରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦିଲ୍ଲୀ ପୋଲିସର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବାସହ ଘଟଣା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅବଗତ କରାଇଛନ୍ତି।

# ହ୍ୱାଇଟ୍ କଲାର ଆତଙ୍କବାଦ ମଡ୍ୟୁଲ୍‌ର ପର୍ଦ୍ଦାଫାଶ

## ▪ ୨୯୦୦ କେ.ଜି. ବିସ୍ଫୋରକ ଜବତ ▪ ୩ ଡାକ୍ତରଙ୍କ ସମେତ ୮ ଗିରଫ





ଗିରଫ ଡା. ମୁଜାମିଲ ଓ ଡା. ଅଦିଲ୍ ରଥର୍।



ଜବତ ମାରଣାସ୍ତ୍ର।

### ହ୍ୱାଇଟ୍ କଲାର ଆତଙ୍କବାଦ ମଡ୍ୟୁଲ କ'ଣ

ବ୍ୟବସାୟୀ ଓ ସରକାରୀ ପେସାରେ ଥିବା ବ୍ୟକ୍ତି ଆତଙ୍କବାଦୀ କାର୍ଯ୍ୟ ସହ ସମ୍ପୃକ୍ତ ହେଲେ ତାହାକୁ ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍ କୁହାଯାଇଥାଏ। ହ୍ୱାଇଟ୍ କଲାର ଅପରାଧ ସାଧାରଣତଃ ଆର୍ଥିକ ଫାଇଦା ପାଇଁ କରାଯାଇଥାଏ ଏବଂ ଏଥିରେ ଉଚ୍ଚ ଏବଂ ମଧ୍ୟବିତ୍ତ ବର୍ଗର ଲୋକେ ସାମିଲ ହୋଇଥାନ୍ତି। ଏଥିରେ ଶାରୀରିକ ଶକ୍ତି ପରିବର୍ତ୍ତେ ପେସାଦାରୀ ଓ କର୍ପୋରେଟ୍ ସେଟିଂକୁ ବ୍ୟବହାର କରାଯାଇଥାଏ।

**ଶ୍ରୀନଗର/ ଫରିଦାବାଦ, ୧୦।୧୧(ପି.ଟି.)**

ଜମ୍ମୁ-କଶ୍ମୀର, ହରିୟାଣା ଏବଂ ଉତ୍ତରପ୍ରଦେଶରେ ଚାଲିଥିବା 'ହ୍ୱାଇଟ୍ କଲାର' ଆତଙ୍କବାଦ ମଡ୍ୟୁଲ୍‌ର ପର୍ଦ୍ଦାଫାଶ ହୋଇଛି। ସୁରକ୍ଷା ବଳ ଉପରୋକ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ଜଣ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରିଥିବାବେଳେ ୨,୯୦୦ କିଲୋଗ୍ରାମ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଫଳରେ ବେଆଇନ ଘୋଷିତ ଜୈଶ-ଇ-ମହମ୍ମଦ(ଜେଇଏମ୍) ଏବଂ ଅନ୍‌ସର ଘଜୱାତ୍-ଉଲ୍-ହିନ୍ଦ୍ (ଏଜିୟୁଏଚ୍)ର ଏକ ବଡ଼ଧରଣର ଆକ୍ରମଣ ଯୋଜନାକୁ ସଫଳତାର ସହ ପଣ୍ଡ କରାଯାଇଛି। ଉକ୍ତ ଆତଙ୍କବାଦ ମଡ୍ୟୁଲ୍‌ରେ ଜେଇଏମ୍ ଏବଂଏଜିୟୁଏଚ୍ ସାମିଲ ଥିବା ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି।

କଶ୍ମୀରର ଡା. ମୁଜାମିଲ୍ ଗନିଙ୍କୁ ଫରିଦାବାଦରୁ ଗିରଫ କରାଯାଇଥିବାବେଳେ ଲକ୍ଷ୍ନୌର ମହିଳା ଡାକ୍ତର ଶାହିନଙ୍କୁ ଗିରଫ କରାଯାଇ ହାଜତ ଜେରା ପାଇଁ ଶ୍ରୀନଗର ନିଆଯାଇଛି। ମହିଳା ଡାକ୍ତରଙ୍କ କାର୍‌ରୁ ଗୋଟିଏ ଏକେ-୪୭ ରାଇଫଲ୍ ଜବତ ହୋଇଛି। ଜମ୍ମୁ-କଶ୍ମୀର, ଉତ୍ତରପ୍ରଦେଶ ଏବଂ ହରିୟାଣା ପୋଲିସ ସହ କେନ୍ଦ୍ରୀୟ ଏଜେନ୍ସିର ମିଳିତ ଅଭିଯାନକୁ ଏକ ବଡ଼ ସଫଳତା ମିଳିଛି। ଏଜିୟୁଏଚ୍ ହେଉଛି ଭାରତରେ ଆଇଏସ୍ ଆତଙ୍କବାଦୀ ସଂଗଠନର ଶାଖା। ଜବତ ବୋମା ତିଆରି ସାମଗ୍ରୀ ମଧ୍ୟରେ ଆମୋନିୟମ୍ ନାଇଟ୍ରେଟ୍, ପଟାସିୟମ୍ ନାଇଟ୍ରେଟ୍ ଏବଂ ସଲ୍‌ଫର ରହିଛି। ସେଥିରୁ ୩୬୦ କିଲୋଗ୍ରାମ ଦହନଶୀଳ ପଦାର୍ଥ, ଯାହାକୁ ଆମୋନିୟମ୍ ନାଇଟ୍ରେଟ୍ ବୋଲି ସନ୍ଦେହ କରାଯାଉଛି। ଗନିଙ୍କ ହାଇଦ୍ରାବାଦସ୍ଥିତ ଭଡ଼ାଘରୁ କେତେଗୁଡ଼ିଏ ଅସ୍ତ୍ର ଓ ଗୁଳିଗୋଳା ମିଳିଥିବା ଜମ୍ମୁ-କଶ୍ମୀର ପୋଲିସ କହିଛି। ଜବତ ଅସ୍ତ୍ର ମଧ୍ୟରେ ଚାଇନା ନିର୍ମିତ ଷ୍ଟାର୍ ପିସ୍ତଲ, ବେରେଟ୍ଟା ପିସ୍ତଲ, ଏକେ-୫୬ ରାଇଫଲ, ଏକେ କ୍ରିନ୍‌କୋଭ୍ ରାଇଫଲ ସହ ସମସ୍ତ ଆଗ୍ନେୟାସ୍ତ୍ର ପାଇଁ ଆବଶ୍ୟକ ଗୁଳି ରହିଛି। ଏହା ବ୍ୟତୀତ ବିସ୍ଫୋରକ ସାମଗ୍ରୀ, ରାସାୟନିକ ପଦାର୍ଥ, ରିଏଜେଣ୍ଟ, ଦହନଶୀଳ ପଦାର୍ଥ, ଇଲେକ୍ଟ୍ରୋନିକ୍ ସର୍କିଟ, ବ୍ୟାଟେରି, ତାର, ରିମୋଟ କଣ୍ଟ୍ରୋଲ, ଟାଇମର ☞ପୃଷ୍ଠା-୪

# ୧୫ ଡିଗ୍ରୀ ତଳେ ଭୁବନେଶ୍ୱର ସମେତ ୧୩ ସହର

### ଶୀତ ଲହରି: ୬ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୧୦।୧୧ (ବନ୍ଦନା ସେଠୀ)

ରାଜ୍ୟରେ ଏବେ ପାରଦ ତଳମୁହାଁ ରହିଛି। ଧୀରେ ଧୀରେ ଶୀତ ବଢ଼ିବା ସହ ଘନ କୁହୁଡ଼ି କାୟା ବିସ୍ତାର କରୁଛି। ଆଗାମୀ ୨ରୁ ୩ ଦିନ ମଧ୍ୟରେ ରାଜ୍ୟରେ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବା ସହ ପ୍ରବଳ ଶୀତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୧୩ଟି ସହରର ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା। ଦାରିଙ୍ଗବାଡ଼ିଠାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଚଳିତବର୍ଷ ପ୍ରଥମଥର ପାଇଁ ସୋମବାର ଭୁବନେଶ୍ୱରରେ ରାତିର ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସିଛି। ସେହିପରି ଫୁଲବାଣୀରେ ୧୧ ଡିଗ୍ରୀ, ଝାରସୁଗୁଡାରେ ୧୧.୬ ଡିଗ୍ରୀ, ରାଉରକେଲାରେ ୧୨.୫ ଡିଗ୍ରୀ, ଅନୁଗୋଳରେ ୧୨.୬ ଡିଗ୍ରୀ, ଢେଙ୍କାନାଳରେ ୧୩.୫ ଡିଗ୍ରୀ, କେନ୍ଦୁଝରରେ ୧୩.୮ ଡିଗ୍ରୀ, ସୁନ୍ଦରଗଡ଼ ଓ ଭବାନୀପାଟଣାରେ ☞ପୃଷ୍ଠା-୪

# ଅଭିନେତା ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର



**ମୁମ୍ବାଇ,୧୦।୧୧**

ବଲିଉଡ୍‌ର ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ରଙ୍କୁ ନିକଟରେ ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲାବେଳେ ସୋମବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଏହାକୁ ନେଇ ଧର୍ମେନ୍ଦ୍ରଙ୍କ ପ୍ରଶଂସକ ମହଲରେ ଚିନ୍ତା ବଢ଼ିଯାଇଥିଲା। ତେବେ ଭେଣ୍ଟିଲେଟରରେ ରଖାଯିବା ଖବର ଏକ ଗୁଜବ ବୋଲି ତାଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରୀ ଟିମ୍ କହିଛି। ୮୯ ବର୍ଷୀୟ ଅଭିନେତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଓ ସେ କ୍ରମେ ସୁସ୍ଥ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଶ୍ରେଣୀ ବିପଦ

# ଆଜି ନୂଆପଡ଼ା ଉପନିର୍ବାଚନ ଭୋଟ

### ୧୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨,୫୪,୪୯୭ ଭୋଟର

ଭୁବନେଶ୍ୱର/ନୂଆପଡ଼ା, ୧୦।୧୧
(ସୁନିତ୍ ମିଶ୍ର/ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ପାଇଁ ମଙ୍ଗଳବାର ଭୋଟିଂ ହେବ। ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ରାଜ୍ୟର ପ୍ରମୁଖ ୩ ଦଳ ଭାଜପା, ବିଜେଡି ଓ କଂଗ୍ରେସ ସମେତ ମୋଟ୍ ୧୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣର ସମୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୁଇଟି ଏନ୍‌ଏସି ଏବଂ ୨ଟି ବ୍ଲକକୁ ନେଇ ଗଠିତ ଏହି ନୂଆପଡ଼ା ନିର୍ବାଚନମଣ୍ଡଳୀର ମୋଟ୍ ୨ ଲକ୍ଷ ୫୪ ହଜାର ୪୯୭ ଜଣ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ଏଠାରେ ମୋଟ୍ ୩୫୮ଟି ବୁଥ୍ ରହିଥିବାବେଳେ ସେଥିରୁ ୧୦୧ଟି ଗୁରୁତ୍ୱପୂର୍ଣ୍ଣ ରହିଛି। ଏହି ୧୦୧ ବୁଥ୍ ମଧ୍ୟରୁ




୪୭ଟି ମାଓବାଦୀ ପ୍ରଭାବିତ ଅଞ୍ଚଳ ହୋଇଥିବାବେଳେ ୫୪ଟି ଆଇନଶୃଙ୍ଖଳା ପ୍ରଭାବିତ ଅଞ୍ଚଳ ବୋଲି କୁହାଯାଇଛି। ତେବେ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ସକାଳ ୭ଟାରୁ ଭୋଟିଂ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ☞ପୃଷ୍ଠା-୪

## ବିହାର : ଦ୍ୱିତୀୟ ପର୍ଯ୍ୟାୟ ମତଦାନ

ପାଟନା,୧୦।୧୧(ପି.ଟି.)

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୧୨୨ ଆସନ ପାଇଁ ୩.୭୦ କୋଟି ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରି ୧,୩୦୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଉଭୟ ଶାସକ ଏନ୍‌ଡିଏ ଏବଂ ବିରୋଧୀ ଇଣ୍ଡିଆ ବ୍ଲକ୍ ପାଇଁ ଏହି ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟିଂକୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଭାବେ ଦେଖାଯାଉଛି। ଏହି ପର୍ଯ୍ୟାୟରେ ୪୫,୩୯୯ ବୁଥ୍‌ରେ ମତଦାନ ହେବାକୁ ଥିବାବେଳେ ସେଥିରୁ ୪୦,୦୭୩ଟି ବୁଥ୍ ଗ୍ରାମାଞ୍ଚଳରେ ରହିଛି। ଗତ ୬ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଆସନରେ ଭୋଟ ହୋଇଥିବାବେଳେ ମତଦାନ ହାର ୬୫ ପ୍ରତିଶତରୁ ଅଧିକ ରହିଥିଲ। (ଅଧିକ ରିପୋର୍ଟ: ପୃଷ୍ଠା-୨)

# ସ୍ୱାମୀଙ୍କ ମୃତ୍ୟୁର ୨ଘଣ୍ଟା ପରେ ସନ୍ତାନ ଜନ୍ମ

**ନାକଟିଦେଉଳ, ୧୦।୧୧**
**(ବୈକୁଣ୍ଠନାଥ ସାହୁ)**

ବାଇକ୍ ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁର ୨ଘଣ୍ଟା ପରେ କନ୍ୟା ସନ୍ତାନ ଜନ୍ମଦେଲେ ସ୍ତ୍ରୀ। ଏପଟେ ଜନ୍ମର କେଇ ଘଣ୍ଟା ପୂର୍ବରୁ ବାପଛେଉଣ୍ଡ ହୋଇଗଲା ଶିଶୁ। ଆସନ୍ନ ପ୍ରସବା ସ୍ତ୍ରୀଙ୍କୁ ଦେଖି ଫେରିବା ବେଳେ ଘଟିଥିଲା ଦୁର୍ଘଟଣା। ଏହିପରି ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ନାକଟିଦେଉଳ ଅଞ୍ଚଳରେ।

ନାକଟିଦେଉଳ ବ୍ଲକ ସାହେବୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଝାରବେଡ଼ା ଗ୍ରାମର ଧରଣୀଧର ଦେହୁରୀଙ୍କ ଝିଅ ସଙ୍ଗୀତା ଦେହୁରୀ(୨୬)ଙ୍କର ୨୦୨୫ ଜାନୁୟାରୀରେ ରେଢ଼ାଖୋଲ ବ୍ଲକ ଚାରମାଳ ଥାନା ଅନ୍ତର୍ଗତ ପିପିଲିକାନୀ ଗ୍ରାମର ମନୋଜ ମାଝୀ(୩୦)ଙ୍କ ସହିତ ବିବାହ ହୋଇଥିଲା। ସଙ୍ଗୀତା ଗର୍ଭବତୀ ହେବା ପରେ ଗତ ପ୍ରାୟ ୩ ମାସ ହେଲା ନିଜ ବାପଘର ଝାରବେଡ଼ା ଗ୍ରାମରେ ରହୁଥିଲେ। ଗତ ୭ ତାରିଖ ରାତିରେ ଗର୍ଭଯନ୍ତ୍ରଣା ହେବାରୁ ପରିବାର ଲୋକେ ସଙ୍ଗୀତାଙ୍କୁ ନାକଟିଦେଉଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ସ୍ୱାମୀ ମନୋଜ ଏବଂ ଶାଶୁ ମଞ୍ଜୁ ଶନିବାର ଅପରାହ୍ନରେ ନାକଟିଦେଉଳ ଡାକ୍ତରଖାନା ଆସିଥିଲେ। ଏପରିକି ସ୍ୱାମୀ, ଶାଶୁ ଡାକ୍ତରଖାନାରେ ସଙ୍ଗୀତାଙ୍କ ପାଖରେ ରହିଥିଲେ। ରବିବାର ସନ୍ଧ୍ୟାରେ ମା'ପୁଅ ଅର୍ଥାତ୍ ମଞ୍ଜୁ ଓ ☞ପୃଷ୍ଠା-୪



ମା'କୋଳରେ ସଦ୍ୟଜାତ ଶିଶୁକନ୍ୟା।

## ସଂକ୍ଷେପରେ

### ଛାତ ଭୁଶୁଡ଼ି ପରିବାରର ୫ ମୃତ

ସରନ,୧୦।୧୧

ବିହାରର ସରନ ଜିଲାରେ ଏକ ଘରର ଛାତ ଭୁଶୁଡ଼ି ଗୋଟିଏ ପରିବାରର ୩ ପିଲାଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। ରବିବାର ରାତି ୯ଟା ୪୫ ମିନିଟ୍ ସମୟରେ ଅକିଲପୁର ଥାନା ଅନ୍ତର୍ଗତ ମାନସ ଗ୍ରାମରେ ଛାତ ଭୁଶୁଡ଼ିବା ବେଳେ ପରିବାର ସଦସ୍ୟ ଘରେ ଶୋଇଥିଲେ ବୋଲି ପୋଲିସ କହିଛି। ପୋଲିସ ଟିମ୍ ପହଞ୍ଚି ମୃତଦେହଗୁଡ଼ିକୁ ଭଗ୍ନାବଶେଷ ତଳୁ ବାହାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଘରଟି ୩୦ ବର୍ଷର ପୁରୁଣା ହୋଇଥିବାବେଳେ ଦୟନୀୟ ସ୍ଥିତିରେ ରହିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ମାଲିରେ ୫ ଭାରତୀୟଙ୍କୁ ଅପହରଣ

ବମାକୋ,୧୦।୧୧(ପି.ଟି.)

ମାଲିରେ ଗତ ସପ୍ତାହରୁ ୫ ଜଣ ଭାରତୀୟଙ୍କୁ ଅପହରଣ କରିନିଆଯାଇଥିବା ସେଠାର ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ଗତ ୬ ତାରିଖରେ ଏହି ପଶ୍ଚିମ ଆଫ୍ରିକୀୟ ରାଷ୍ଟ୍ରରୁ ଭାରତୀୟଙ୍କୁ ଅପହରଣ କରିନିଆଯାଇଥିଲା। ସେମାନଙ୍କୁ ଯଥାଶୀଘ୍ର ସୁରକ୍ଷିତ ମୁକ୍ତ କରିବା ଲାଗି ଦୂତାବାସ ପକ୍ଷରୁ ମାଲି କର୍ତ୍ତୃପକ୍ଷ ଏବଂ ସମ୍ପୃକ୍ତ କମ୍ପାନୀ ସହ ଯୋଗାଯୋଗ ଜାରି ରହିଥିବା ମିଶନ ପକ୍ଷରୁ କୁହାଯାଇଛି।

### ୟୁଏସ୍, ଜର୍ଜିଆରେ ଭାରତର ୨ ମୋଷ୍ଟୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ଗିରଫ

ନୂଆଦିଲ୍ଲୀ,୧୦।୧୧

ଭାରତର ୨ ଜଣ ମୋଷ୍ଟୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟରଙ୍କୁ ଆମେରିକା ଏବଂ ଜର୍ଜିଆରେ ଗିରଫ କରାଯାଇଛି। ସେମାନେ ହେଲେ ଭେଙ୍କଟେଶ ଗର୍ଗ ଏବଂ ଭାନୁ ରାଣା। ହରିୟାଣା ପୋଲିସ ଓ ଅନ୍ୟ ସୁରକ୍ଷା ଅଧିକାରୀମାନେ ଗର୍ଗଙ୍କୁ ଜର୍ଜିଆରୁ ଏବଂ ରାଣାଙ୍କୁ ଆମେରିକାରୁ ଗିରଫ କରିଛନ୍ତି। ରାଣା ଦୁର୍ଦ୍ଧର୍ଷ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ସହ ସମ୍ପୃକ୍ତ। ଉଭୟ ଗ୍ୟାଙ୍ଗଷ୍ଟରଙ୍କୁ ଖୁବ୍‌ଶୀଘ୍ର ଭାରତ ଅଣାଯିବ। ଭାରତରୁ ୧୨ରୁ ଊର୍ଦ୍ଧ୍ୱ ଗ୍ୟାଙ୍ଗଷ୍ଟର ବିଦେଶରେ ରହି ଅପରାଧ ସିଣ୍ଡିକେଟ୍ ଚଳାଇଛନ୍ତି।

ଦିଲ୍ଲୀରେ ଆଜି




ଭାଜପା ଦ୍ୱାରା 'ଭୋଟ ଚୋରି' ନେଇ କର୍ନାଟକ ଜନସାଧାରଣଙ୍କଠାରୁ କଂଗ୍ରେସ ସଂଗ୍ରହ କରିଥିବା ଦସ୍ତଖତଗୁଡ଼ିକୁ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ସୋମବାର ନୂଆଦିଲ୍ଲୀର କଂଗ୍ରେସ ମୁଖ୍ୟାଳୟଠାରେ ଦେଖାଉଛନ୍ତି। (ଫଟୋ: ଚମନ ଗୌତମ)

### କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରିତା**

ନୂଆଦିଲ୍ଲୀ,୧୦।୧୧(ପି.ଟି.)

ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷିତ ରଖିବା ପାଇଁ ୨୦୨୩ରେ ନାରୀ ଶକ୍ତି ବନ୍ଦନ ଆଇନ୍ ଅଣାଯାଇଥିଲା। ଏହାର କାର୍ଯ୍ୟକାରିତା ନେଇ ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ଦେଶରେ ସର୍ବାଧିକ ସଂଖ୍ୟାଲଘୁ ମହିଳା ହୋଇଥିବା ଅନୁଭବ କରି ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ କେନ୍ଦ୍ରକୁ ନୋଟିସ ଜାରି କରିଛନ୍ତି। ଭାରତୀୟ ସମ୍ବିଧାନର ପ୍ରସ୍ତାବନା ଅନୁଯାୟୀ ସମସ୍ତ ନାଗରିକଙ୍କର ସମାନ ରାଜନୈତିକ ଓ ସାମାଜିକ ଅଧିକାର ରହିଛି। ଦେଶରେ ପ୍ରାୟ ୪୮ ପ୍ରତିଶତ ମହିଳା ଥିବାବେଳେ ସେମାନଙ୍କ ରାଜନୈତିକ ସମାନତା ସମ୍ପର୍କରେ ଜଷ୍ଟିସ୍ ନାଗରତ୍ନା ପ୍ରଶ୍ନ କରିଛନ୍ତି। ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ମଧ୍ୟ ପ୍ରତିନିଧିତ୍ୱ ପାଇଁ ମହିଳାମାନଙ୍କୁ କୋର୍ଟ ଯିବାକୁ ପଡ଼ିବା ଦୁର୍ଭାଗ୍ୟଜନକ ବୋଲି ବରିଷ୍ଠ ଆଇନଜୀବୀ ଶୋଭା ଗୁପ୍ତା କହିଛନ୍ତି।

# ୧୨୨ ଆସନରେ ୧,୩୦୨ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

**ଆଜି ବିହାର ଭୋଟ**

ପାଟନା,୧୦।୧୧(ପି.ଟି.)

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୧୨୨ ଆସନ ପାଇଁ ୩.୭୦ କୋଟି ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରି ୧,୩୦୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଉଭୟ ଶାସକ ଏନ୍‌ଡିଏ ଏବଂ ବିରୋଧୀ ଇଣ୍ଡିଆ ବ୍ଲକ୍ ପାଇଁ ଏହି ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟିଂକୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଭାବେ ଦେଖାଯାଉଛି। ମଙ୍ଗଳବାର ନେପାଳ ସୀମାବର୍ତ୍ତୀ ପଶ୍ଚିମ ଚମ୍ପାରନ୍, ପୂର୍ବ ଚମ୍ପାରନ୍, ସୀତାମାଢ଼ି, ମଧୁବନି, ସୁପୌଲ, ଅରାରିଆ ଏବଂ କିଶନଗଞ୍ଜ ଜିଲାରେ ମତଦାନ ହେବାକୁ ଯାଉଛି। ଏହି ଜିଲାଗୁଡ଼ିକ ମୁସଲମାନ ବହୁଳ ହୋଇଥିବାରୁ ଜୋର୍‌ଦାର ଲଢ଼େଇ



ବିହାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଜାହାନାବାଦ୍‌ରେ ପୋଲିଂ ଅଫିସରମାନେ ଇଭିଏମ୍ ଓ ଅନ୍ୟ ସାମଗ୍ରୀ ନେଇ ଯାଉଛନ୍ତି।

ହେବାକୁ ଯାଉଛି। ଇଣ୍ଡିଆ ବ୍ଲକ୍ ସଂଖ୍ୟାଲଘୁ ସମ୍ପ୍ରଦାୟର ସମର୍ଥନ ଉପରେ ନିର୍ଭର କରୁଥିବାବେଳେ ବିରୋଧୀ ଦଳ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେଉଥିବା ଏନ୍‌ଡିଏ ଅଭିଯୋଗ କରିଛି। ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ସମଗ୍ର ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ନିର୍ବାଚନ ଡ୍ୟୁଟିରେ ୪ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପ୍ରମୁଖ ପ୍ରାର୍ଥୀ ଅଛନ୍ତି ବରିଷ୍ଠ ଜେଡିୟୁ ନେତା ବିଜେନ୍ଦ୍ର ପ୍ରସାଦ ଯାଦବ। ସେ ସୁପାଉଲ୍ ଆସନରୁ ରେକର୍ଡ ଅଷ୍ଟମ ଥର ପାଇଁ ବିଧାନସଭାକୁ ଯିବା ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ଗୟା ସହରରୁ ବିହାର ମନ୍ତ୍ରୀ ତଥା ଭାଜପାର ପ୍ରେମ କୁମାର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେ ଏହି ଆସନରୁ ୭ ଥର ବିଜୟୀ ହୋଇଛନ୍ତି। ପ୍ରାର୍ଥୀ ହୋଇଥିବା ଅନ୍ୟ ମନ୍ତ୍ରୀମାନେ ହେଲେ ଭାଜପାର ରେଣୁ ଦେବୀ (ବେତିଆହ), ନୀରଜ କୁମାର ସିଂ (ଛଟପୁର), ଜେଡିୟୁର ଲେଶି ସିଂ (ଧାମଦାହା), ଶୀଲା ମଣ୍ଡଳ(ଫୁଲପରାସ) ଏବଂ ଜାମା ଖାନ୍ (ଚୈନପୁର)। ଏହା ବ୍ୟତୀତ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ତାରକିଶୋର ପ୍ରସାଦ କଟିହାର ଆସନରୁ କ୍ରମାଗତ ୫ମ ଥର ପାଇଁ ଲଢ଼ୁଛନ୍ତି। ଉକ୍ତ ଜିଲାର ବଲରାମପୁର ଏବଂ କଡୱା ଆସନରୁ ଯଥାକ୍ରମେ ସିପିଆଇ(ଏମ୍‌ଏଲ୍) ଲିବରେଶନ ଏବଂ କଂଗ୍ରେସର ବିଧାୟକ ଦଳ ନେତା ମେହବୁବ୍ ଆଲାମ ଏବଂ ଶକିଲ ଅହମଦ ଖାନ୍ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏନ୍‌ଡିଏ ସହଯୋଗୀ ତଥା କେନ୍ଦ୍ରମନ୍ତ୍ରୀ ଜିତନ ରାମ ମାନ୍‌ଝୀଙ୍କ ହିନ୍ଦୁସ୍ତାନ ଆୱାମି ମୋର୍ଚ୍ଚା, ରାଜ୍ୟ ସଭା ସଦସ୍ୟ ଉପେନ୍ଦ୍ର ଖୁଶ୍‌ୱାହାଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ୬ଟି ଲେଖାଏ ଆସନରେ ଲଢ଼ୁଥିବାବେଳେ ଏହି ପର୍ଯ୍ୟାୟ ସେମାନଙ୍କ ପାଇଁ ଶକ୍ତି ପରୀକ୍ଷା ଭାବେ ଦେଖାଯାଉଛି। କଂଗ୍ରେସ ରାଜ୍ୟ ସଭାପତି ରାଜେଶ କୁମାର କୁଟୁମ୍ବା ଆସନକୁ କ୍ରମାଗତ ଦ୍ୱିତୀୟ ଥର ହାତେଇବା ପାଇଁ ଲଢ଼ୁଛନ୍ତି। ୪୫,୩୯୯ ବୁଥ୍‌ରେ ମତଦାନ ହେବାକୁ ଥିବାବେଳେ ସେଥିରୁ ୪୦,୦୭୩ଟି ବୁଥ୍ ଗ୍ରାମାଞ୍ଚଳରେ ରହିଛି। ଗତ ୬ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଆସନରେ ଭୋଟ ହୋଇଥିବାବେଳେ ମତଦାନ ହାର ୬୫ ପ୍ରତିଶତରୁ ଅଧିକ ରହିଥିଲା।

### ଏସ୍‌ଆଇଆର୍ ଭୟ: ପଶ୍ଚିମବଙ୍ଗରେ ୯ ଜଣଙ୍କ ମୃତ୍ୟୁ ଘଟିଲାଣି

କୋଲକାତା,୧୦।୧୧

ପଶ୍ଚିମବଙ୍ଗରେ ଭୋଟର ତାଲିକାର ବିବାଦୀୟ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ନେଇ ନିର୍ବାଚନ କମିଶନ ଗତ ମାସରେ ଘୋଷଣା କରିଥିଲେ। ଭୋଟର ତାଲିକାରୁ ବାଦ୍ ପଡ଼ିବା ଭୟରେ ବିଚଳିତ ହୋଇ ବର୍ତ୍ତମାନ ସୁଦ୍ଧା ସେଠାରେ ୬ ଜଣ ଆତ୍ମହତ୍ୟା କରିବା ସମେତ ମୋଟ ୯ ଜଣଙ୍କ ମୃତ୍ୟୁ ଘଟିଲାଣି। ସୋମବାର ନଦିଆ ଜିଲାରେ ଶ୍ୟାମଳ କୁମାର ଶାହା ନାମକ ଜଣେ ୭୦ ବର୍ଷୀୟ ହକରଙ୍କ ମୃତ୍ୟୁ ଘଟିଛି। ୨୦୦୨ ଭୋଟର ତାଲିକାରୁ ତାଙ୍କ ନାଁ କାଟିଦିଆଯାଇଥିବା ଜାଣି ସେ ଆତ୍ମହତ୍ୟା କରିଛନ୍ତି। ତାଙ୍କ ପାଖରେ ଭୋଟର ପରିଚୟପତ୍ର, ଆଧାର, ପାନ୍‌କାର୍ଡ ଆଦି ବୈଧ ଦସ୍ତାବିଜ୍ ଥିଲେ ମଧ୍ୟ ଭୋଟର ତାଲିକାରୁ ନାଁ କଟିବା ନେଇ ସେ ବିଚଳିତ ହୋଇଯାଇଥିଲେ। ରବିବାର ଜଣେ ୨୭ ବର୍ଷୀୟ ମହିଳା ଓ ତାଙ୍କ ନାବାଳିକା ଝିଅ ଏସ୍‌ଆଇଆର୍ ଭୟରେ ଆତ୍ମହତ୍ୟା ଉଦ୍ୟମ କରି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

## ବିବିସି ଡିଜି, ନ୍ୟୁଜ୍ ସିଇଓଙ୍କ ଇସ୍ତଫା

ଲଣ୍ଡନ,୧୦।୧୧

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ଭାଷଣକୁ ଏଡିଟିଂ କରିବାକୁ ନେଇ ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେଶନ (ବିବିସି) ସମାଲୋଚିତ ହୋଇଥିଲା। ଏହାକୁ ନେଇ ବିବିସିର ମହାନିର୍ଦ୍ଦେଶକ (ଡିଜି) ଏବଂ ନ୍ୟୁଜ୍ ବିଭାଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ରବିବାର ଇସ୍ତଫା ଦେଇଛନ୍ତି। ଫଳରେ ଉକ୍ତ ବ୍ରଡ୍‌କାଷ୍ଟର ନେତୃତ୍ୱ ସଙ୍କଟର ସମ୍ମୁଖୀନ ହେବା ସହ ରାଜନୈତିକ ଚାପ ବଢ଼ିଛି।



ଟିମ୍ ଡାଭି

୨୦୨୧ ଜାନୁଆରୀ ୬ରେ ୱାଶିଂଟନ୍‌ର କ୍ୟାପିଟୋଲରେ ବିକ୍ଷୋଭକାରୀ ଆକ୍ରମଣ କରିବା ପୂର୍ବରୁ ଟ୍ରମ୍ପ ଦେଇଥିବା ଉଦ୍‌ବୋଧନକୁ ଏଡିଟିଂ କରିଥିବାରୁ ବ୍ରିଟେନର ଏହି ଜାତୀୟ ଗଣମାଧ୍ୟମ ସମାଲୋଚିତ ହୋଇଥିଲା। ବିବିସି ଡିଜି ଟିମ୍ ଡାଭି ଏବଂ ନ୍ୟୁଜ୍ ସିଇଓ ଦେବୋରା ଟୁର୍ନେସ୍ ଇସ୍ତଫା ଦେଇଛନ୍ତି। ଏକ ବିବିସି ଡକ୍ୟୁମେଣ୍ଟାରି ପ୍ରସ୍ତୁତି ଲାଗି ଗତବର୍ଷ ଟ୍ରମ୍ପଙ୍କ ଭାଷଣକୁ ଯେଭଳି ଏଡିଟି କରାଯାଇଥିଲା ଓ କେତେକ ଅଂଶକୁ କାଟିଦିଆଯାଇଥିଲା, ତାହା ବିଭ୍ରାନ୍ତିକର। ସମର୍ଥକମାନଙ୍କୁ ଟ୍ରମ୍ପ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଚାହାନ୍ତି ବୋଲି କହିଥିବାବେଳେ ଉକ୍ତ ଅଂଶକୁ ବାଦ୍ ଦିଆଯାଇଥିଲା।

## ତିରୁପତି ମନ୍ଦିରକୁ ୨୫୦ କୋଟିର ନକଲି ଘିଅ ଯୋଗାଣ

ନୂଆଦିଲ୍ଲୀ,୧୦।୧୧

ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିର ପରିଚାଳନା ସଂସ୍ଥା ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି)କୁ ଉତ୍ତରାଖଣ୍ଡର ଏକ ଡାଏରି ଫାର୍ମ ୨୦୧୯ରୁ ୨୦୨୪ ମଧ୍ୟରେ ୬୮ ଲକ୍ଷ କେ.ଜି. ନକଲି ଘିଅ ଯୋଗାଇଥିବା ଜଣାପଡ଼ିଛି, ଯାହାର ମୂଲ୍ୟ ୨୫୦ କୋଟି ଟଙ୍କା। ତିରୁପତି ଲଡ୍ଡୁ ତିଆରି ପାଇଁ ଅଣାଯାଇଥିବା ଏହି ଘିଅ ଭେଜାଲ ବୋଲି ସିବିଆଇ ତଦନ୍ତରୁ ଜଣାପଡ଼ିଛି। ସିବିଆଇର



ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଅଭିଯୁକ୍ତ ଅଜୟ କୁମାର ସୁଗନ୍ଧଙ୍କୁ ଗିରଫ କରିବା ପରେ ଘିଅ ଭେଜାଲ ସମ୍ପର୍କିତ ବିଭିନ୍ନ ତଥ୍ୟ ସଂଗ୍ରହ କରି ନେଲୋର କୋର୍ଟରେ ରିପୋର୍ଟ ଦାଖଲ କରିଛି। ଟିଟିଡିକୁ ଲଡ୍ଡୁ ପ୍ରସାଦମ୍ ପ୍ରସ୍ତୁତି ପାଇଁ ଘିଅ ଯୋଗାଉଥିବା ଭୋଲେବାବା ଅର୍ଗାନିକ ଡାଏରିକୁ ଅଜୟ ମନୋଡାଇଗ୍ଲିସେରାଇଡ୍ ଏବଂ ଏସିଟିକ୍ ଏସିଡ୍ ଇଷ୍ଟର ଭଳି ରାସାୟନିକ ଯୋଗାଉଥିଲେ। ସିବିଆଇ କହିବା ଅନୁଯାୟୀ ପୋମିଲ୍ ଜୈନ ଏବଂ ବିପିନ ଜୈନ ଏହି ନକଲି ଦେଶୀ ଘିଅ କାରଖାନା ବସାଇଥିଲେ। ସେମାନେ ଦୁଗ୍ଧ କିଣା ଓ ଚାଷୀଙ୍କୁ ଅର୍ଥ ପ୍ରଦାନ ସମ୍ପର୍କିତ ଜାଲ୍ ପେମେଣ୍ଟ ରେକର୍ଡ ରଖୁଥିଲେ। ୨୦୨୨ରେ ଉକ୍ତ କମ୍ପାନୀକୁ କଳାତାଲିକାଭୁକ୍ତ କରାଯିବା ସହ ରଦ୍ଦ କରାଯାଇଥିଲା।

**ଫୁର୍‌ସତ୍**

## ୫ ମନ୍ଦିରକୁ ଗଲେ ପୁତ୍ର ସନ୍ତାନ ପ୍ରାପ୍ତି ବିଶ୍ୱାସ ରହିଛି

**ଦେଶରେ** ଲକ୍ଷ ଲକ୍ଷ ମନ୍ଦିର ଅଛି। କିଛି ମନ୍ଦିର ଅନନ୍ୟ ବିଶ୍ୱାସ ଏବଂ ଚମତ୍କାର ପାଇଁ ଲୋକପ୍ରିୟ। କିଛି ମନ୍ଦିର ପାପରୁ ମୁକ୍ତି ପାଇଁ, କିଛି ଇଚ୍ଛା ପୂରଣ ପାଇଁ, କିଛି ଋଣରୁ ମୁକ୍ତି ପାଇଁ ଏବଂ କିଛି ସନ୍ତାନର ଆଶୀର୍ବାଦ ପାଇଁ ପ୍ରସିଦ୍ଧ।

ଶ୍ରୀ ସନ୍ଥନା ଗୋପାଳ କୃଷ୍ଣସ୍ୱାମୀ ମନ୍ଦିର (ମହୀଶୂର), ହାଲାଭୁ ମକ୍କଲାତୟେ ମନ୍ଦିର (କର୍ନାଟକ), କୁକ୍କେ ସୁବ୍ରମଣ୍ୟ ମନ୍ଦିର, ବିନ୍ଧ୍ୟବାସିନୀ ଦେବୀ ମନ୍ଦିର (ବିନ୍ଧ୍ୟାଚଳ, ଉତ୍ତର ପ୍ରଦେଶ), ସୀମାସା ମାତା ମନ୍ଦିର ଏବଂ ସନ୍ତନେଶ୍ୱର ମହାଦେବ ମନ୍ଦିର (କାଶୀ) ପରି ମନ୍ଦିରଗୁଡ଼ିକ ସେମାନଙ୍କର ପୁତ୍ର ଏବଂ ସନ୍ତାନ ଜନ୍ମ ପାଇଁ ବହୁତ ପ୍ରସିଦ୍ଧ। ଏହି ମନ୍ଦିରଗୁଡ଼ିକରେ ଭଗବାନ କୃଷ୍ଣ, ଦେବୀ କିମ୍ବା ଭଗବାନ ଶିବଙ୍କୁ ପୂଜା କରିବା ଦ୍ୱାରା ସନ୍ତାନର ଆଶୀର୍ବାଦ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। କର୍ନାଟକରେ ଅବସ୍ଥିତ, କୁକ୍କେ ସୁବ୍ରମଣିୟ ମନ୍ଦିରକୁ ସନ୍ତାନ ଜନ୍ମ ଏବଂ ନକାରାତ୍ମକ




ଶକ୍ତିରୁ ମୁକ୍ତି ପାଇଁ ଏକ ପ୍ରମୁଖ ତୀର୍ଥସ୍ଥଳ ଭାବରେ ବିବେଚନା କରାଯାଏ। ଭଗବାନ ସୁବ୍ରମଣିୟ (କାର୍ତ୍ତିକେୟ)ଙ୍କୁ ସମସ୍ତ ସର୍ପର ପ୍ରଭୁ ଭାବରେ ପୂଜା କରାଯାଏ। ଭକ୍ତମାନେ ବିଶ୍ୱାସ କରନ୍ତି ଯେ, ଏହି ମନ୍ଦିରରେ ପୂଜା କରିବା ଦ୍ୱାରା ସେମାନଙ୍କର ପୁତ୍ର ପାଇଁ ଇଚ୍ଛା ପୂରଣ ହୁଏ।

### ସିମସା ମାତା ମନ୍ଦିର

ହିମାଚଳ ପ୍ରଦେଶର ମଣ୍ଡି ଜିଲ୍ଲାରେ ଅବସ୍ଥିତ, ସିମସା ମାତା ମନ୍ଦିର ଲାଡଭାରୋଲ ନିକଟରେ ଏକ ସୁନ୍ଦର ପାହାଡ଼ ଉପରେ ଅବସ୍ଥିତ। କିମ୍ବଦନ୍ତୀ ଅନୁସାରେ ଏହି ମନ୍ଦିର ପ୍ରାୟ ୨୦୦ ବର୍ଷ ପୂର୍ବେ ମହାଶିବରାତ୍ରିରେ ଭୂମି ଖୋଳିବା ସମୟରେ ଟୋଭା ସିଂହ ନାମକ ଜଣେ ବ୍ୟକ୍ତି ଦେବୀଙ୍କ ପିଣ୍ଡି ଆବିଷ୍କାର କରିଥିଲେ। ଏଠାରେ ପୂଜା କରିବା ଦ୍ୱାରା ଦେବୀ ସ୍ୱପ୍ନରେ ଦର୍ଶନ ଦିଅନ୍ତି ଏବଂ ସନ୍ତାନ ପାଇଁ ଆଶୀର୍ବାଦ କରିଥାନ୍ତି ବୋଲି କୁହାଯାଏ।

### ସନ୍ତନେଶ୍ୱର ମହାଦେବ ମନ୍ଦିର

ବାରଣାସୀରେ ଅବସ୍ଥିତ ଏହି ମନ୍ଦିର ନିଃସନ୍ତାନ ଦମ୍ପତିଙ୍କ ପାଇଁ ଏକ ତୀର୍ଥସ୍ଥଳ ଭାବରେ ବିବେଚନା କରାଯାଏ, ଯେଉଁମାନେ ସନ୍ତାନର ଆଶୀର୍ବାଦ ପାଇଁ ଭଗବାନ ଶିବଙ୍କୁ ପ୍ରାର୍ଥନା ଏବଂ ପୂଜା କରନ୍ତି।

### ଶ୍ରୀ ସନ୍ଥନା ଗୋପାଳ କୃଷ୍ଣସ୍ୱାମୀ ମନ୍ଦିର

ମହୀଶୂରର ଶ୍ରୀସନ୍ଥନା ଗୋପାଳ କୃଷ୍ଣସ୍ୱାମୀ ମନ୍ଦିର ଭଗବାନ ଶ୍ରୀକୃଷ୍ଣଙ୍କ ଶିଶୁ ରୂପକୁ ସମର୍ପିତ। ଭକ୍ତମାନେ ବିଶ୍ୱାସ କରନ୍ତି ଯେ, ଏହି ମନ୍ଦିରରେ ପୂଜା କରିବା ଦ୍ୱାରା ସନ୍ତାନ ଜନ୍ମ ସହିତ ଜଡିତ ବାଧା ଦୂର ହୁଏ ଏବଂ ନିଃସନ୍ତାନମାନଙ୍କୁ ଶୀଘ୍ର ସନ୍ତାନ ପାଇବାରେ ସାହାଯ୍ୟ କରେ।

### ବିନ୍ଧ୍ୟବାସିନୀ ଦେବୀ ମନ୍ଦିର

ବିନ୍ଧ୍ୟାଚଳରେ ଅବସ୍ଥିତ ବିନ୍ଧ୍ୟବାସିନୀ ଦେବୀ ମନ୍ଦିରରେ ଲୋକମାନେ ପୁତ୍ର ପାଇଁ ପ୍ରାର୍ଥନା କରନ୍ତି ଏବଂ ସେମାନଙ୍କର ଇଚ୍ଛା ପୂରଣ ହୋଇଥାଏ ବୋଲି କୁହାଯାଏ।

## ଏକାଠି ଆସିବେ ସଲମାନ-ଅଭିଷେକ

**ମୁମ୍ବାଇ:** ଅଭିନେତା ସଲମାନ ଖାନ ଏବଂ ଅଭିଷେକ ବଚ୍ଚନ ଗୋଟିଏ ଫିଲ୍ମରେ ଏକାଠି ଅଭିନୟ କରିବାକୁ ଯାଉଛନ୍ତି। ଏହା ଅନେକ ପ୍ରଶଂସକଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଖବର ହୋଇପାରେ, କିନ୍ତୁ ଏହା ସତ। ଆସନ୍ତା ବର୍ଷ ଏହି ଫିଲ୍ମ ମୁକ୍ତିଲାଭ କରିବାକୁ ସ୍ଥିର ହୋଇଛି। ରିତେଶ ଦେଶମୁଖ ତାଙ୍କ ଫିଲ୍ମର ନାଁ ଘୋଷଣା କରିଛନ୍ତି, ଯାହାର ନାମ ରାଜା ଶିବାଜୀ। ସେ ମୁଖ୍ୟ ଅଭିନେତା ଭାବରେ ଅଭିନୟ କରିବା ସହିତ ଏହି ଫିଲ୍ମର ନିର୍ଦ୍ଦେଶନା ମଧ୍ୟ ଦେବେ। ଅଭିନେତା ଛତ୍ରପତି ଶିବାଜୀ ମହାରାଜଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ସଲମାନ ତାଙ୍କ ଅଙ୍ଗରକ୍ଷୀ ଭୂମିକାରେ ଅଭିନୟ କରିବେ। ସେ ଜୀବଜୀଙ୍କ ଭୂମିକାରେ ଅଭିନୟ କରୁଛନ୍ତି, କିନ୍ତୁ ଫିଲ୍ମଟିର କାହାଣୀ ବହୁତ ବଡ଼।

'ରାଜା ଶିବାଜୀ'ରେ ସଞ୍ଜୟ ଦତ୍ତ, ଅଭିଷେକ ବଚ୍ଚନ, ଭାଗ୍ୟଶ୍ରୀ ଏବଂ ଫରଦୀନ ଖାନ ମଧ୍ୟ ତାଙ୍କ ଦଳର ଅଂଶ। ସଞ୍ଜୟ ଦତ୍ତ ଫିଲ୍ମରେ ଅଫଜଲ ଖାନ ଭୂମିକାରେ ଅଭିନୟ କରୁଛନ୍ତି, ତେଣୁ ଜୀବା ମହଲା (ସଲମାନ) ତାଙ୍କ ସହିତ ସିଧାସଳଖ ମୁହାଁମୁହିଁ ହେବେ। ସେ ଛତ୍ରପତି ଶିବାଜୀ ମହାରାଜଙ୍କ ଜଣେ ବିଶ୍ୱସ୍ତ ସହାୟକ ଥିଲେ, ଯିଏ ଅଫଜଲ ଖାନଙ୍କ ସାମ୍ନା କରିବା ସମୟରେ ତାଙ୍କ ଜୀବନ ମଧ୍ୟ ରକ୍ଷା କରିଥିଲେ। ଅଭିଷେକ ମଧ୍ୟ ଫିଲ୍ମରେ ଅଛନ୍ତି।



ସଲମାନ ଖାନ

ଅଭିଷେକ ବଚ୍ଚନ




# ୨୭ରୁ ଶୀତ ଅଧିବେଶନ

■ ୨୮ରେ ଉପସ୍ଥାପନ ହେବ ଅତିରିକ୍ତ ବଜେଟ

ଭୁବନେଶ୍ୱର,୧୦।୧୧ (ରବିନାରାୟଣ ଜେନା/ସୁନିତ୍ ମିଶ୍ର)

ବିଧାନସଭାର ଶୀତକାଳୀନ ଅଧିବେଶନ ନଭେମ୍ବର ୨୭ରୁ ଆରମ୍ଭ ହେବ। ଅଧିବେଶନର ପ୍ରଥମ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ୨୮ରେ ୨୦୨୫-୨୬ ଆର୍ଥିକବର୍ଷ ଲାଗି ପ୍ରଥମଥର ପାଇଁ ଅତିରିକ୍ତ ବଜେଟ ଗୃହରେ ଉପସ୍ଥାପନ ହେବ। ଏହି ଅଧିବେଶନ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବାକୁ ରହିଥିବାବେଳେ ୨୯ଟି କାର୍ଯ୍ୟଦିବସ ରହିଛି। ସେଥିମଧ୍ୟରେ ୫ଟି ପ୍ରାଇଭେଟ ମେମ୍ବର ବିଜ୍‌ନେସ୍ ରହିଥିବାବେଳେ ଅନ୍ୟସବୁ ସରକାରୀ କାର୍ଯ୍ୟ ଦିବସ ରହିଛି। ସେହିପରି ଅତିରିକ୍ତ ବଜେଟ ଲାଗି ଡିସେମ୍ବର ୮ରେ ବ୍ୟୟ ମଞ୍ଜୁରୀ ବିଧେୟକ ଆଗତ ହେବାକୁ ରହିଥିବାବେଳେ ତିନିଦିନ ଧରି ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା ହେବ। ଏହି ଅଧିବେଶନ କାଳରେ ୬ଟି ଛୁଟି ପଡୁଛି। ଶୀତ ଅଧିବେଶନକୁ ନେଇ ବିଧାନସଭା ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୃହ କିଭଳି ସୁରୁଖୁରୁରେ ଚାଲିବ ସେଥିପାଇଁ ସରକାରଙ୍କ ପକ୍ଷରୁ କସରତ ଆରମ୍ଭ ହୋଇଛି।

# ୨୭ରେ ବିଧାନସଭା ଆସିପାରନ୍ତି ରାଷ୍ଟ୍ରପତି

ଭୁବନେଶ୍ୱର,୧୦।୧୧(ସୁନିତ୍ ମିଶ୍ର)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସରେ ଓଡ଼ିଶା ଗସ୍ତରେ ଆସିପାରନ୍ତି। ଆସନ୍ତା ୨୭ରେ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବ। ଅଧିବେଶନର ପ୍ରଥମ ଦିନରେ ହିଁ ରାଷ୍ଟ୍ରପତି ବିଧାନସଭା ଯାଇ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଥିବା ଚର୍ଚ୍ଚା ହେଉଛି। ଏନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ଗଣମାଧ୍ୟମକୁ ସୂଚନାଦେଇ କହିଛନ୍ତି, ସରକାରଙ୍କ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଆସିବା ଲାଗି ନିମନ୍ତ୍ରଣ କରାଯାଇଛି। ହେଲେ ରାଷ୍ଟ୍ରପତି ଭବନ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇ ନାହିଁ। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ନେଇ ସୂଚନା ଆସିବା ପରେ ହିଁ ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି ସେ କହିଛନ୍ତି।

ଅନ୍ୟପଟେ ରାଷ୍ଟ୍ରପତିଙ୍କ କାର୍ଯ୍ୟସୂଚୀ ପାଇଁ ସରକାର ଅପେକ୍ଷା କରିଥିବା ବେଳେ ଏହା ପୂର୍ବରୁ ବିଧାନସଭା ପରିସରକୁ ସଫାସୁତୁରାଠାରୁ ନୂଆ ରଙ୍ଗ ଲଗାଯିବା ଆରମ୍ଭ କରିଦିଆଯାଇଛି। ଅନ୍ୟପଟେ ଭାରତର ରାଷ୍ଟ୍ରପତି ଭାବେ


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

■ ଗୃହ କାର୍ଯ୍ୟ ଆରମ୍ଭ ଦିନ ନିଜର ଅଭିଭାଷଣ ରଖିବେ ରାଷ୍ଟ୍ରପତି ମୁର୍ମୁ

■ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି, କେବଳ କାର୍ଯ୍ୟସୂଚୀକୁ ଅପେକ୍ଷା

ଦାୟିତ୍ୱ ନେବା ପରେ ଦ୍ରୌପଦୀ ମୁର୍ମୁଙ୍କର ଏହା ପ୍ରଥମ ଥର ବିଧାନସଭାକୁ ଗସ୍ତ କାର୍ଯ୍ୟକ୍ରମ ହେବ। ତେଣୁ ଅଧିବେଶନ ଆରମ୍ଭ ଦିନ ସେ ଗୃହରେ ନିଜର ଅଭିଭାଷଣ ରଖିବେ। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ସେପରି ନିର୍ଦ୍ଦିଷ୍ଟ ଭାବେ କୌଣସି ଖବର ଦିଆଯାଇ ନାହିଁ।

# ଫେରାଇ ଆଣିବାକୁ ଗୁହାରି କଲେ ସାଙ୍ଗ

## ଆମେରିକାରେ ଓଡ଼ିଆ ଯୁବତୀଙ୍କୁ ନିର୍ଯାତନା ଘଟଣା

ବାଲେଶ୍ୱର,୧୦।୧୧(ବାଞ୍ଛାନିଧି ଦେ)

ଆମେରିକାରେ ପୋଷ୍ୟକନ୍ୟା ଭାବେ ରହୁଥିବା ଜଣେ ଯୁବତୀ ଓଡ଼ିଶା ଫେରି ଆସିବାକୁ ଆକୁଳ ନିବେଦନ କରିଛନ୍ତି। ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ଆଳଦା ଗ୍ରାମର ସାଙ୍ଗ ଅମର ଦାସଙ୍କୁ ସେ ଭିଡିଓ ପଠାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ସୋମବାର ଯୁବତୀଙ୍କ ସାଙ୍ଗ ଅମର ବାଲେଶ୍ୱର ଜିଲା ପ୍ରଶାସନର ସହାୟତା ଲୋଡ଼ିଛନ୍ତି। ଯୁବତୀଙ୍କୁ ଓଡ଼ିଶା ଫେରାଇ ଆଣିବା ଦିଗରେ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରିବା ପାଇଁ ସେ ଗୁହାରୀ କରିଛନ୍ତି। ଏନେଇ ସେ ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ ନାୟକ ଘଟଣା ସମ୍ପର୍କରେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାରୀ ଗାଇଡ୍‌ଲାଇନ୍ ମୁତାବକ ଝିଅକୁ ଓଡ଼ିଶା ଫେରାଇ ଆଣିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

ସୂଚନାଯୋଗ୍ୟ, ଓଡ଼ିଆ ଯୁବତୀ ପୂଜା ନାୟକ ଛୋଟ ବେଳେ ଟ୍ରେନ୍‌ରେ ମା', ବାପାଙ୍କ ଠାରୁ ଅଲଗା ହୋଇଯାଇଥିଲେ। ଭୁବନେଶ୍ୱରର ଏକ ଅନାଥ ଆଶ୍ରମରେ ରହୁଥିବା ବେଳେ ଆମେରିକାର ଜଣେ ମହିଳା ତାଙ୍କୁ ପୋଷ୍ୟକନ୍ୟା ଭାବେ ଗ୍ରହଣ କରି ସାଙ୍ଗରେ ନେଇଯାଇଥିଲେ।

ତେବେ ଏ ସମ୍ପର୍କରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି, ଏଯାଏ ଝିଅ ସହ ସିଧାସଳଖ କୌଣସି ଯୋଗାଯୋଗ ହୋଇପାରିନାହିଁ। ଘଟଣାଟି ଅନ୍ୟ ଦେଶରେ। ତେଣୁ ବୈଦେଶିକ ଅଧିକାରୀଙ୍କ ସାହାଯ୍ୟ ନିଆଯିବ। ଯେହେତୁ ଘଟଣା ପୋଷ୍ୟ ସନ୍ତାନ ସମ୍ବନ୍ଧୀୟ, ରାଜ୍ୟ ତଥା କେନ୍ଦ୍ରୀୟ ସଂସ୍ଥା ସହ ଯୋଗାଯୋଗ କରାଯିବ। ଇଏମ୍‌ର ସାହାଯ୍ୟ ନିଆଯିବ ବୋଲି ସେ କହିଥିଲେ।

# ଉପନିର୍ବାଚନ ଆଳରେ ଧାନ ସଂଗ୍ରହ ବୈଠକ ବାତିଲ

## ତେଜିଲା ଆନ୍ଦୋଳନ, ପୋଲିସ-ଚାଷୀ ମୁହାଁମୁହିଁ

ବରଗଡ଼,୧୦।୧୧(ପ୍ରେମାନନ୍ଦ ଖମାରୀ)


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା।

ବରଗଡ଼ ଜିଲାରେ ଖରିଫ୍ ଧାନ ଅମଳ କାର୍ଯ୍ୟ ଜୋର୍ ଧରିଲାଣି। ଜିଲାର ସବୁ ଅଞ୍ଚଳରେ ଚାଷୀମାନେ ନିଜ କଷ୍ଟୋପାର୍ଜିତ ଧାନ ଅମଳ କରୁଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଜିଲାରେ ମଣ୍ଡି ଖୋଲିବା ତ ଦୂରର କଥା, ଜିଲାର ପ୍ରାୟ ୫ହଜାର ଚାଷୀ ଧାନ ବିକ୍ରି ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପଟେ ସୋମବାର ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି(ଡିଏଲ୍‌ପିସି) ବୈଠକ ଡକାଯାଇଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ନୂଆପଡ଼ା ଉପନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧି(ଏମ୍‌ସିସି) ଆଳ ଦେଖାଇ ଉକ୍ତ ବୈଠକକୁ ବାତିଲ କରାଯାଇଛି। ଏ ନେଇ ଚାଷୀ ଆନ୍ଦୋଳନ ତେଜି ଉଠିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବହୁସଂଖ୍ୟକ ଚାଷୀ ସମବେତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜିଲାପାଳ ଆଦିତ୍ୟ ଗୋୟଲ ଚାଷୀ ପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ତାହା ଫଳପ୍ରଦ ହୋଇନାହିଁ। ଅନ୍ୟପଟେ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଅସନ୍ତୁଷ୍ଟ ଚାଷୀମାନେ ଧସେଇ ପଶିବାକୁ ଉଦ୍ୟମ କରିଥିବାବେଳେ ପୋଲିସ-ଚାଷୀ ମୁହାଁମୁହିଁ ହୋଇଥିଲେ। ଖବର ଲେଖାହେବା ସୁଦ୍ଧା(ରାତି ୯ଟା ଯାଏ) ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା ଜାରି ରହିଛି।

ଖରିଫ ଧାନ ସଂଗ୍ରହ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଧାନବିକ୍ରି ପଞ୍ଜୀକରଣ ନୀତି ଅଣାଯାଇଥିଲା। ଏଥିରେ ଚାଷୀଙ୍କ ବଂଶାବଳୀକୁ ବାଧ୍ୟତାମୂଳକ କରାଯାଇଥିଲା। ଫଳରେ ସେତେବେଳୁ ଚାଷୀଙ୍କୁ ଏହା ଅଡୁଆ ସାଜିଥିଲା ଏବଂ ଧାନବିକ୍ରି ପଞ୍ଜୀକରଣ ସରଳୀକରଣ କରିବାକୁ ବିଭିନ୍ନ ଚାଷୀ ସଂଗଠନ ଦାବି କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଚାଷୀଙ୍କ ଚାପରେ ସରକାର ସ୍ୱ-ଘୋଷଣାନାମାରେ ପଞ୍ଜୀକରଣ କରିଥିଲେ ସୁଦ୍ଧା ବିଭାଗୀୟ କର୍ମଚାରୀଙ୍କ ଅବହେଳାରୁ ଅନେକ ଚାଷୀ ସେଥିରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଥିଲା। ଧାନବିକ୍ରି ପଞ୍ଜୀକରଣରୁ ବଞ୍ଚିତ ଚାଷୀଙ୍କୁ ପଞ୍ଜୀକୃତ କରିବା ପାଇଁ ଚାଷୀ ସଂଗଠନଗୁଡ଼ିକ ସ୍ଥାନୀୟ ପ୍ରାଥମିକ କୃଷି ସମବାୟ ସମିତିଠାରୁ ଆରମ୍ଭ କରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଫେରାଦ ହୋଇଥିଲେ। ସ୍ଥାନୀୟ ଏମ୍‌ପି ଏବଂ ବିଧାୟକମାନଙ୍କୁ ମଧ୍ୟ ଲେଖି ଜଣାଇଥିଲେ। ଏମ୍‌ପି ପ୍ରଦୀପ ପୁରୋହିତ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ତଥାପି ତାହା ଫଳପ୍ରଦ ହୋଇନାହିଁ।

ଅନ୍ୟପଟେ ସୋମବାର ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଡକାଯାଇଥିଲା। ବୈଠକକୁ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ଜନ ପ୍ରତିନିଧିମାନେ ମଧ୍ୟ ପହଞ୍ଚିଥିଲେ। ଅପରପକ୍ଷେ ଧାନବିକ୍ରି ପଞ୍ଜୀକରଣରୁ ବଞ୍ଚିତ ଚାଷୀମାନେ ମଧ୍ୟ ସେମାନଙ୍କ ସମସ୍ୟା ଜଣାଇବାକୁ ଆସିଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ନୂଆପଡ଼ା ଉପନିର୍ବାଚନ ପାଇଁ ଲାଗୁ ହୋଇଥିବା ଆଦର୍ଶ ଆଚରଣବିଧି ଲାଗି ଧାନ ସଂଗ୍ରହ କମିଟି ବୈଠକକୁ ସ୍ଥଗିତ ରଖାଗଲା ଏବଂ ପରବର୍ତ୍ତୀ ସମୟରେ ଏହି ବୈଠକ ହେବ ବୋଲି ଜିଲାପାଳ ଗୋୟଲ କହିଥିଲେ। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଥିଲେ। ଆସନ୍ତା ୧୫ତାରିଖ ପରେ ସମସ୍ତ ଚାଷୀ ପଞ୍ଜୀକୃତ ହେବେ ଏବଂ କୌଣସି ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେବେ ନାହିଁ ବୋଲି ସେ କହିଥିଲେ। ନୂଆପଡ଼ାରେ ଉପନିର୍ବାଚନ ଚାଲିଥିବାବେଳେ ବରଗଡ଼ରେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଧାନ ସଂଗ୍ରହ କମିଟି ବୈଠକରେ ଆଦର୍ଶ ଆଚରଣବିଧି ଉଠାଯିବାକୁ ନେଇ ଆନ୍ଦୋଳନ ତେଜି ଉଠିଥିଲା। ନୂଆପଡ଼ାରେ ଉପନିର୍ବାଚନ ହେଉଥିବାବେଳେ ବରଗଡ଼ରେ ଧାନ ସଂଗ୍ରହ କମିଟି ବୈଠକ ପାଇଁ ଆଦର୍ଶ ଆଚରଣବିଧି ଆଳ ଗ୍ରହଣୀୟ ନୁହେଁ ଏବଂ ନିର୍ବାଚନ କମିଶନରଙ୍କ ଗାଇଡଲାଇନରେ ଏହା ଉଲ୍ଲେଖ ନାହିଁ ବୋଲି ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର ଅଭିଯୋଗ କରିଛନ୍ତି।

ପଞ୍ଜୀକରଣରୁ ବାଦ୍ ପଡ଼ିଥିବା ସମସ୍ତ ଚାଷୀଙ୍କୁ ପଞ୍ଜୀକୃତ କରାଯିବା, ଏଟିଏମ୍ ଭଳି ଚାଷୀଙ୍କୁ ଦିଆଯାଉଥିବା ଟୋକନକୁ ବ୍ୟବହାର କରାଯିବା, ମଣ୍ଡିଗୁଡ଼ିକ ଛୋଟ ଏବଂ ସବୁ ମଣ୍ଡିରେ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ, କଟ୍‌ନୀଛଟ୍‌ନୀ ବନ୍ଦ କରାଯିବା, ମଣ୍ଡିକୁ ଧାନ ଆସିବାର ୪୮ଘଣ୍ଟା ମଧ୍ୟରେ ଗୁଣମାନ ପରୀକ୍ଷା କରି ଧାନ କିଣାଯିବା ବ୍ୟବସ୍ଥା କରାଯିବା ଏବଂ ଆବଶ୍ୟକ ଅନୁସାରେ ମିଲ୍‌କୁ ପଠାଯିବା, ପ୍ରତ୍ୟେକ ମଣ୍ଡିରେ ଏଜେଣ୍ଟ ଏବଂ ଦଲାଲରାଜ ବନ୍ଦ କରାଯିବା, ଜିଲାପାଳଙ୍କୁ ଧାନ ସଂଗ୍ରହ ନୀତିରେ ପୂର୍ଣ୍ଣ କ୍ଷମତା ପ୍ରଦାନ କରିବାକୁ ସଂଯୁକ୍ତ କୃଷକ ସଂଗଠନ ଦାବି କରିଛି। ଏହି ଦାବି ସମୂହ ନେଇ ଚାଷୀମାନେ ଆନ୍ଦୋଳନ କରିଥିବାବେଳେ ଜିଲାପାଳ ଗୋୟଲ ୧୦ଜଣିଆ ଚାଷୀ ପ୍ରତିନିଧିଙ୍କୁ ସନ୍ଧ୍ୟା ପ୍ରାୟ ୬ଟାରେ ନିଜ କାର୍ଯ୍ୟାଳୟକୁ ଡାକିଥିଲେ। ମାତ୍ର ଧାନବିକ୍ରି ପଞ୍ଜୀକରଣରୁ ବଞ୍ଚିତ ଚାଷୀ ପଞ୍ଜୀକରଣ ନେଇ ଠୋସ୍ ପ୍ରତିଶ୍ରୁତି ନ ପାଇବାରୁ ସେମାନେ ଆନ୍ଦୋଳନ ଜାରି ରଖିଛନ୍ତି।

# ୧୫ରେ ଆଦିବାସୀଙ୍କ ସହ ବାର୍ତ୍ତାଳାପ କରିବେ ପ୍ରଧାନମନ୍ତ୍ରୀ

## ଜନଜାତି ଗୌରବ ଦିବସରେ ହେବ ଜନଶୁଣାଣି

ଭୁବନେଶ୍ୱର,୧୦।୧୧ (ରବିନାରାୟଣ ଜେନା)

ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଆଦିବାସୀ ମନ୍ତ୍ରଣାଳୟ ଓ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଏଥର ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିପାଇଁ ପ୍ରତ୍ୟେକ ଆଦିବାସୀଙ୍କ ସମସ୍ୟା ଶୁଣିବା ପାଇଁ ଦୁଇଟି ପର୍ଯ୍ୟାୟରେ ଜନଶୁଣାଣି କରାଯିବ। ସାରା ଦେଶ ସମେତ ଓଡ଼ିଶାର ୨୨ଟି ଆଦିବାସୀ ଅଧ୍ୟୁଷିତ ଜିଲାରେ ଏହି ଜନଶୁଣାଣି କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଆଦିବାସୀଙ୍କ ସହ ଭାବବିନିମୟ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ବି. ପରମେଶ୍ୱରନ ସମ୍ପୃକ୍ତ ଜିଲାପାଳଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ସଚିବ ପରମେଶ୍ୱରନ୍ ଅନୁଗୋଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ଼, କଟକ, ଦେବଗଡ଼, ଢେଙ୍କାନାଳ, ଗଜପତି, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାପାଳଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଏଥର ଭଗବାନ ବିର୍ସାମୁଣ୍ଡାଙ୍କ ଜୟନ୍ତୀଙ୍କୁ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ ଯାକଜମକରେ ପାଳନ କରାଯିବାକୁ ରହିଛି। ବିର୍ସାମୁଣ୍ଡାଙ୍କ ୧୫୦ତମ ଜନ୍ମଦିବସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବାର ରହିଛି। ଏହି ପରିପ୍ରେକ୍ଷୀରେ ୧୫ ନଭେମ୍ବରରେ ଦୁଇଟି ପର୍ଯ୍ୟାୟରେ ଆଦିବାସୀ ବର୍ଗଙ୍କ ଜନଶୁଣାଣି କରାଯିବ। ଆଦି ସେବା କେନ୍ଦ୍ର ମାଧ୍ୟମରେ ଏହି ଜନଶୁଣାଣି କରାଯିବ। ଜିଲାରେ ଯେତେସବୁ ଆଦିବାସୀ ବର୍ଗ ରହିଛନ୍ତି ସେମାନେ ସ୍ୱତନ୍ତ୍ର ଗ୍ରାମସଭାରେ ଯୋଗଦେଇ ତାଙ୍କର ସମସ୍ୟା ରଖିବେ। ଏହି ଅବସରରେ ଆଦିବାସୀ ସଂସ୍କୃତି ବିଷୟରେ ଆଲୋଚନା ହେବା ସହିତ ଆଦିବାସୀବର୍ଗଙ୍କୁ ଠିକ୍ ଭାବେ ସରକାରୀ ସୁବିଧା ସୁଯୋଗ ମିଳୁଛି କି ନାହିଁ ତାହା ଉପରେ ମତାମତ ନିଆଯିବ। ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ସିଧା ପ୍ରସାରଣ କରାଯିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଦିବାସୀ ବର୍ଗଙ୍କ ସହିତ ତାଙ୍କର ଭାବବିନିମୟ କରିବାର କାର୍ଯ୍ୟକ୍ରମ ରହିଛି। ଗୁଜରାଟରୁ ଏହି କାର୍ଯ୍ୟକ୍ରମ ଲାଇଭ୍ ଟେଲିକାଷ୍ଟ ହେବାକୁ ରହିଛି। ଏଥିରେ ଆଦିବାସୀ ବର୍ଗଙ୍କ ସହିତ ସ୍ଥାନୀୟ ଜନପ୍ରତିନିଧିମାନେ ଯୋଗଦେଇପାରିବେ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିବା ଲାଗି ସଚିବ ପତ୍ରରେ ଦର୍ଶାଇଛନ୍ତି।

# ସ୍କୁଲ ସମସ୍ୟା ଜିଲାପାଳଙ୍କୁ ଜଣାଇବାକୁ ୬ କି.ମି. ଚାଲିଲେ ଛାତ୍ରୀଛାତ୍ର

କୋରାପୁଟ,୧୦।୧୧(ଅମିତାଭ ବେହେରା)


ଛାତ୍ରୀଛାତ୍ର ରାସ୍ତାରେ ଚାଲିଚାଲି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି।

## ପାଠପଢ଼ାକୁ ନେଇ ବଢୁଛି ଅସନ୍ତୋଷ

କୋରାପୁଟ ପିଏମ୍‌ଶ୍ରୀ ନବୋଦୟ ଜବାହର ବିଦ୍ୟାଳୟରେ ପାଠ ପଢ଼ାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୋମବାର ଅସନ୍ତୋଷ ଦେଖାଦେଇଛି। ବିଦ୍ୟାଳୟର ଇତିହାସ ଶିକ୍ଷୟିତ୍ରୀ ଭଲ ପଢ଼ାଉ ନ ଥିବା ଓ ତାଙ୍କ ପାଠ ବୁଝିପାରୁ ନ ଥିବା କହି ଛାତ୍ରୀଛାତ୍ର ଶିକ୍ଷୟିତ୍ରୀଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ ପରେ ସମାଧାନ ନ ହେବାରୁ ସୋମବାର ଜାତୀୟ ରାଜପଥ ଉପରେ ୬ କି.ମି. ରାସ୍ତା ଚାଲି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପ୍ରକାଶ ଯେ, ଗତ ଅଗଷ୍ଟରୁ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଜିଲାପାଳଙ୍କୁ ଅଭିଯୋଗ ଶୁଣାଇବା ନିଷ୍ପତ୍ତି ନେଇଥିଲେ। ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଦ୍ୟାଳୟ ପ୍ରିନ୍ସିପାଲଙ୍କ ସହ ଆଲୋଚନା ପରେ ପ୍ରାୟ ୬ କି.ମି. ୨୬ ନଂ ଜାତୀୟ ରାଜପଥ ଉପରେ ଚାଲିଚାଲି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଉପଜିଲାପାଳ ପ୍ରେମଲାଲ ହିଆଲ ଓ ଏସଡିପିଓ ସଞ୍ଜୟ କୁମାର ମଣ୍ଡଳଙ୍କ ସହ ବିଦ୍ୟାଳୟ କର୍ତ୍ତୃପକ୍ଷ ବୁଝାଶୁଝା କରିଥିବା ବେଳେ ଛାତ୍ରୀଛାତ୍ର ଜିଲାପାଳଙ୍କୁ ଅଭିଯୋଗ କରିଲେ ସମସ୍ୟା ସମାଧାନ ହେବ ବୋଲି ଜିଦ୍ ଧରି ବସିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇଙ୍କ ସହ ଛାତ୍ରୀଛାତ୍ର ଆଲୋଚନା କରିଥିଲେ। ଇତିହାସ ଶିକ୍ଷୟିତ୍ରୀଙ୍କ ପାଠପଢ଼ା ଶୈଳୀ ଓ ଦୁର୍ବ୍ୟବହାର ନେଇ ଦୃଷ୍ଟି ଆକର୍ଷଣ କରିବା ସହ ବିଦ୍ୟାଳୟର ଅନ୍ୟ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଅଭିଯୋଗ ଶୁଣିବା ପରେ ବିଭାଗୀୟ ଅଧିକାରୀ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଉକ୍ତ ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ବାହାର କରିଥିବା ସୂଚନା ଦେଇଛନ୍ତି। ଅତିଶୀଘ୍ର ବିଦ୍ୟାଳୟରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି କରିବା ଯାଏ ପ୍ରଶାସନ ପକ୍ଷରୁ ୨ ଅଧିକାରୀ ନିୟମିତ ବିଦ୍ୟାଳୟ ଯିବା ସହ ପିଲାଙ୍କୁ ପାଠ ପଢ଼ାଇବେ ବୋଲି ଅତିରିକ୍ତ ଜିଲାପାଳ ସୂଚନା ଦେଇଛନ୍ତି। ପ୍ରତିଶ୍ରୁତି ପାଇବା ପରେ ଛାତ୍ରୀଛାତ୍ର ମାନିଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ଏକ ବସ୍ ଯୋଗେ ବିଦ୍ୟାଳୟ ପଠାଇବାକୁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆଶାବରୀ ସାଂସ୍କୃତିକ ସମାଜର ଏକବିଂଶତିତମ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଦିବ୍ୟଦିଗନ୍ତ ଅନୁଷ୍ଠାନ ପକ୍ଷରୁ ଔଷଧୀୟ ବୃକ୍ଷ ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ ପ୍ରଦର୍ଶନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଊନତ୍ରିଂଶତମ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ୭ମ ବାଟାଲିୟନ ସ୍ପୋର୍ଟ ଗ୍ରାଉଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ୧୬ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଯାନ୍ତ୍ରିକ ଭବନ, ସତ୍ୟନଗର, ସମୟ: ମଧ୍ୟାହ୍ନ୧୨ଟା।
- ସ୍ୱାଭିମାନ ପକ୍ଷରୁ ଅଞ୍ଜଳି ଅନ୍ତର୍ଜାତୀୟ ଶିଶୁ ଓ ଯୁବ ଉତ୍ସବ ସଂକ୍ରାନ୍ତ ଖବରଦାତା ସମ୍ମିଳନୀ, ସ୍ଥାନ: ଆଦିବାସୀ ପଡ଼ିଆ, ୟୁନିଟ୍-୧, ସମୟ: ଅପରାହ୍ନ ୪ଟା।
- ସୃଜନୀ ଅନୁଷ୍ଠାନ ପକ୍ଷରୁ ନାରାୟଣ ନାଟ୍ୟ ମହୋତ୍ସବ-୨୦୨୫, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।
- ଭୁବନେଶ୍ୱର ଓକିଲ ସଂଘ ଓ ରାଜ୍ୟ ପୂଜ୍ୟପୂଜା ଟ୍ରଷ୍ଟ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଜ୍ୟୋତିର୍ବିଦ୍, ଲେଖକ ତଥା ଆଇନଜୀବୀ ରେବତୀକାନ୍ତ ଶାସ୍ତ୍ରୀଙ୍କ ଅଷ୍ଟଦଶ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ଟାଇମ୍ ଟୁ ସାଇନ୍ ପକ୍ଷରୁ 'ବାପା ! ଭାରି ମନେ ପଡ଼େ ତୁମ କଥା' କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ସିଆର୍‌ପି ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ବ୍ଲକ ମିଶନ ଶକ୍ତି ଗୃହ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- କାର୍ତ୍ତିକେଶ୍ୱର ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: କଳାପାହାଡ଼ ଛକ ପୂଜା ମଣ୍ଡପ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଏମଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ ତାଲିମ ବୈଠକ, ସ୍ଥାନ: ହାଟଡ଼ିହୀ ବ୍ଲକ, ସମୟ :ପୂର୍ବାହ୍ନ ୧୧ଟା।
- ସାଇବାବାଙ୍କ ୧୦୦ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଭଜନ ସମ୍ମିଳନୀ, ସ୍ଥାନ : ମଠ କପୁଣ୍ଡି, ହାଟଡିହୀ, ସମୟ : ସନ୍ଧ୍ୟା ୫ ଟା।
- ସାଇବର ଅପରାଧ ସୁରକ୍ଷା ସଚେତନତା ସାଇକେଲ ରାଲି, ସ୍ଥାନ: ବଡ଼ବିଲସ୍ଥିତ କିରିବୁରୁ ଛକ, ସମୟ : ସକାଳ ୮ ଟା ୩୦।
- ଆନନ୍ଦପୁର ଓ ଷେଣ୍ଢପୁରରେ ରାଧାକୃଷ୍ଣଙ୍କ ଦର୍ଶନ, ସ୍ଥାନ: ଆନନ୍ଦପୁର, ସମୟ : ସନ୍ଧ୍ୟା ୭ ଟା ୩୦।

## ମୟୂରଭଞ୍ଜ

- ଜିଲା କଂଗ୍ରେସର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲୀ ଲାଇବ୍ରେରୀ, ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।
- ଜୁନିୟର ଡ୍ୟାନ୍ସ ଗ୍ରୁପ୍‌ର ଫାଇନାଲ କାର୍ଯ୍ୟକ୍ରମ, ସ୍ଥାନ: ଭପୁର ଜଗଦ୍ଧାତ୍ରୀ ମେଳା ପଡ଼ିଆ, ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ମା' ଭୈରବୀ ଯାତ୍ରା କମିଟିର ପ୍ରସ୍ତୁତି ବୈଠକ, ସ୍ଥାନ: ଚିତ୍ରଡ଼ା ଶୀର୍ଷାପାଳ ଯାତ୍ରା ପଡ଼ିଆ, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ଦାରିଙ୍ଗବାଡ଼ି ହେଲିପ୍ୟାଡ ପଡ଼ିଆ, ସମୟ: ସକାଳ ୮ଟା ୩୦।
- ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ମିନି ଷ୍ଟାଡିୟମ, ବାଲିଗୁଡ଼ା, ସମୟ : ସକାଳ ୯ ଟା ।
- ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱନାଥ ପଟନାୟକ(ଆଞ୍ଜା)ଙ୍କ ଜୟନ୍ତୀ, ସ୍ଥାନ: ବନବାସୀ, ବାଲିଗୁଡା, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ଢେଙ୍କାନାଳ

- କବି ବୁଦ୍ଧଦେବ ନାୟକଙ୍କ ସ୍ମୃତିଚାରଣ ସଭା ଓ କବିତା ପାଠୋତ୍ସବ, ସ୍ଥାନ: ଢେଙ୍କାନାଳ ବାଣିଜ୍ୟ ଭବନ, ସମୟ: ଅପରାହ୍ନ ୩ଟା

## ଅନୁଗୋଳ

- ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଘାଟନ, ସ୍ଥାନ: ଆଠମଲ୍ଲିକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୦ ଟା ୩୦।
- ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପନ ଉତ୍ସବ, ସ୍ଥାନ: ଆଠମଲ୍ଲିକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ ଟା ୩୦।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅବସରରେ ଚାଷୀ ଓ ବିଶେଷଜ୍ଞଙ୍କ ସହ ଆଲୋଚନା, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାସ୍ତରୀୟ ଯୁବମହୋତ୍ସବ ପାଇଁ ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ ଘଟିକା।

## ଜଗତ୍‌ସିଂହପୁର

- ନୀଳାଚକ୍ର ୟୁଥ୍ କ୍ଲବ ପକ୍ଷରୁ ତାଳମଞ୍ଜି ରୋପଣ କାର୍ଯ୍ୟକ୍ରମ, ସ୍ଥାନ: କାଉଡ଼ିଆ ନଦୀ ବନ୍ଧ, ଲକପଡ଼ା ଅଠରବାଙ୍କୀ, ପାରାଦୀପ, ସମୟ: ସକାଳ ୮ ଟା।
- ଫାଇନାନ୍ସିଆଲ ଲିଟେରାସି କ୍ୟାମ୍ପ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଗ୍ରାମବାସୀଙ୍କ ପକ୍ଷରୁ ଅକାଳବାଧକ ମା' ମନସା ଦେବୀଙ୍କ ପୂଜା ଉତ୍ସବ, ସ୍ଥାନ:ପିତାପଲ୍ଲୀ, ମହାକାଳପଡା, ସମୟ:ସଂଧ୍ୟା ୬ଟା ।
- ଶ୍ରୀ ସିଦ୍ଧ ମହାପୁରୁଷ ଭୋଳି ବାବାଙ୍କ ବାର୍ଷିକ ଉତ୍ସବ, ସ୍ଥାନ:ବେଲତଳ, ପଟ୍ଟାମୁଣ୍ଡାଇ, ସମୟ- ସଂଧ୍ୟା ୬ଟା ।
- ଶ୍ରୀ କାର୍ତ୍ତିକେଶ୍ୱର ଦେବଙ୍କ ମିଳନ ଉତ୍ସବ, ସ୍ଥାନ:ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡା ସହର, ସମୟ: ସଂଧ୍ୟା ୬ଟା ।
- ବାଲିଯାତ୍ରା ମହୋତ୍ସବ ଓ ରାସ ଉତ୍ସବ, ସ୍ଥାନ:ଗୋବରୀ ନଦୀ କୂଳ, ଗୁଲନଗର, କେନ୍ଦ୍ରାପଡା ସହର, ଲୁଣା ନଦୀ ତଟ, କଳପଡା, କେନ୍ଦ୍ରାପଡା, ମାଆ ମାଟିଆମଙ୍ଗଳା ପୀଠ, ବାରଗାଁ, ପଟ୍ଟାମୁଣ୍ଡାଇ, ମହାନଦୀ ଘାଟ, ବାହାକୁଦ, ମାଆ ରାମଚଣ୍ଡୀ ଭାଗବତ ଆଶ୍ରମ, କୋଚିଲା ଭାଗବତ ପୀଠ, ଧ୍ୟାନ ଦାସ ମଠ, ବାରଡାଙ୍ଗ, ମହାକାଳପଡା, ଶାସନୀପଡା ସେତୁ, ମାର୍ଶାଘାଇ, ଚନ୍ଦ୍ରମୌଳି ପୀଠ, ଚନ୍ଦନନଗର, ରାଜନଗର, ସମୟ:ସଂଧ୍ୟା ୭ଟା ।

## ଯାଜପୁର

- ରାହାସ କୁଞ୍ଜ ଯାତ୍ରା, ସ୍ଥାନ : ରସୁଲପୁର ବ୍ଲକର ହରିପୁର ଜଗନ୍ନାଥ ମଠ ପରିସର, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ବାବା ବଳିଆଙ୍କ ହରି କଥାମୃତ ଉଦ୍‌ଯାପନ ଦିବସ, ସ୍ଥାନ:କଣ୍ଟିଲୋ ମାଘମେଳା ପଡିଆ, ସମୟ: ସଂଧ୍ୟା ୬ଟା ।

## ରାୟଗଡ଼ା

- ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ହାଇସ୍କୁଲ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ପୋଲିସ ପ୍ରଶାସନ ପକ୍ଷରୁ ସାଇକେଲ ଶୋଭାଯାତ୍ରା, ସାଇବର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ, ସମୟ: ସକାଳ ୮ଟା।
- ରାଜସ୍ୱ ବିଭାଗର ମାସିକ ସମୀକ୍ଷା ବୈଠକ, ସ୍ଥାନ: ନବରଙ୍ଗପୁର ପଞ୍ଚାୟତ ସାଧନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଧାନ କିଣା ୨୦୨୫-୨୬ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନବରଙ୍ଗପୁର ଆଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ସମୟ:ଅପରାହ୍ନ ୪ଟା।

## କୋରାପୁଟ

- କିଶୋରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ସେମିଳିଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଭୀମ ଆର୍ମି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଠେମର ଗ୍ରାମ, ସମୟ : ସକାଳ ୯ଟା ୩୦।
- ଜିଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ କୃଷକ ସମାବେଶ, ସ୍ଥାନ:ଜମାଦାରପାଲିସ୍ଥିତ ଚାଷୀର ରେଖା, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ଭାଜପା ପକ୍ଷରୁ ସମ୍ବଲପୁର ମ୍ୟୁନିସିପାଲିଟିର ପୂର୍ବତନ ଉପାଧ୍ୟକ୍ଷା ମୈଥିଳୀ ମହାପାତ୍ରଙ୍କ ବିୟୋଗରେ ଶୋକସଭା, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାଇ ଶିକ୍ଷା ପରିଷଦ ପକ୍ଷରୁ ସମ୍ବଲପୁର ଲିଟିଲ ମିସ, ଟିନ ଓ ଲିଟିଲ ମାଷ୍ଟର, ଟିନ -୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ, ସମୟ : ସନ୍ଧ୍ୟା ୭ଟା।

## ରାଉରକେଲା

- ୪ର୍ଥ ଜାତୀୟ ଇଏମ୍‌ଆରଏସ୍ କ୍ରୀଡ଼ା ସମାବେଶ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମ୍, ସମୟ: ସକାଳ ୮ଟା।
- ମୋ ଶିକ୍ଷା ଅଭିଯାନ, ସ୍ଥାନ: ସେକ୍ଟର-୫ ଅଭିରାମପାଲୀ, ସମୟ: ସକାଳ ୯ଟା।
- ଠିକାଦାର ଶ୍ରମିକଙ୍କୁ ନେଇ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଆର୍‌ଏଲ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଲୋଟେରୋ ମହାବିଦ୍ୟାଳୟ ପକ୍ଷରୁ ଶିଶୁ ମହୋତ୍ସବ, ସ୍ଥାନ: ସେକ୍ଟର-୧୯ ସିଭିକ୍ ସେଣ୍ଟର, ସମୟ: ଅପରାହ୍ନ ୪ଟା।
- ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟ ପକ୍ଷରୁ ମାସିକ ସାହିତ୍ୟ ଆସର, ସ୍ଥାନ: ମଧୁସୂଦନ ପାଠଗାର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଜିଲା ପରିଷଦ ଗ୍ରାମୀଣ ଗୃହ ନିର୍ମାଣ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ଓ ଉଦ୍ୟାନ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଦେବଗଡ଼

- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼, ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୋନପୁର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୯ଟା।
- ଗୋକୁଳାଷ୍ଟାମୀ ମହୋତ୍ସବର ତୃତୀୟ ଦିନ, ସ୍ଥାନ: କଂସାରୀ ପଡା, ବିନିକା, ସମୟ: ସନ୍ଧ୍ୟା ୬ଟା।
- ସୁବର୍ଣ୍ଣପୁର ସହର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରେ ସାମାଜିକ ସ୍ତରରେ ଆଦରଣୀୟ ହେବେ ଓ ଲୋକସମ୍ପର୍କ ବଢ଼ିବ। ସଭାସମିତିରେ ବନ୍ଧୁଙ୍କ ସ୍ମୃତିଚାରଣ, ଆନୁଷ୍ଠାନିକ କର୍ମାରମ୍ଭ ସକାଶେ ଉତ୍ସାହିତ ରହିବେ। ପାରିବାରିକ କ୍ଷେତ୍ର, ପରିବହନ ଏବଂ ଯୋଗାଯୋଗରୁ ବ୍ୟତିକ୍ରମର ସାମ୍ନା କରିବେ। ଅର୍ଥ ସଙ୍କଟ ଥିଲେ ମଧ୍ୟ ସରକାରୀ ସାହାଯ୍ୟ ପାଇବେ।

**ବୃଷ** ରାଶି ପ୍ରତି ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟିଜନିତ ମୃଦୁମନ୍ଦ ଗତିରେ କର୍ମସମ୍ପାଦନ କରିବେ। ବିଜାତୀୟ ବ୍ୟକ୍ତିଙ୍କ ସହାୟତାରେ ଅର୍ଥଲାଭ ଓ କାର୍ଯ୍ୟସିଦ୍ଧି ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟିହେବ। ସ୍ୱଗୃହୀରୁ ଶୁକ୍ର ପ୍ରଭାବରୁ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ସମ୍ମୁଖୀନ ହେବାରେ ଅସୁବିଧା ହେବ ନାହିଁ।

**ମିଥୁନ** ଦୁଃସ୍ଥାନସ୍ଥ ବୁଧ ଓ ମଙ୍ଗଳ ବନ୍ଧୁଙ୍କ ସହ ଅର୍ଥ ଓ ମତ ମନ୍ତବ୍ୟକୁ କେନ୍ଦ୍ରକରି ସମସ୍ୟା ସୃଷ୍ଟି କରିପାରେ। କୌଣସି ଦୁଃଖାନ୍ତକ ଖବର ମନକୁ ନିସ୍ତେଜ କରିଦେବ। ପୂର୍ବ ଯୋଜନା ଅନୁଯାୟୀ କୌଣସି କର୍ମ କରିବାରେ ସମର୍ଥ ହେବେ ଓ କାମ ମଧ୍ୟ ଅଟକିବ ନାହିଁ। ପାରିବାରିକ ସ୍ତରରେ ପୁରୁଣା କଥାକୁ ଦୋହରାଇବା ଠିକ୍ ହେବନାହିଁ।

**କର୍କଟ** ଚନ୍ଦ୍ରଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସାଙ୍ଗକୁ ଆପଣଙ୍କ ଆଶା ପୂରଣ ଦିଗରେ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ। ନିଜର ଭଳି ବ୍ୟବହାର ଦେଖାଉଥିବା ବନ୍ଧୁ ଓ ସ୍ୱଜନମାନେ ବ୍ୟକ୍ତିକେନ୍ଦ୍ରିକ ଚିନ୍ତାଧାରା ଗ୍ରହଣ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନରେ ଆଶାତୀତ ସଫଳତା ପାଇବେ। ଆଜିର କର୍ମାରମ୍ଭ ପ୍ରୀତିପ୍ରଦ ହେବ।

**ସିଂହ** ରବିଙ୍କ ଦୁର୍ବଳତା ସାଙ୍ଗକୁ ଶୁକ୍ର ସମ୍ପର୍କ ପ୍ରଭାବରୁ କୌଣସି ପଡ଼ୋଶିନୀ କିମ୍ବା ହିତୈଷୀ ମହିଳାଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ପରିସ୍ଥିତି ଯାହା ହେଉନା କାହିଁକି ଆପଣଙ୍କୁ ପଛକୁ ଫେରିଚାହିଁବା ପରିସ୍ଥିତି ମଧ୍ୟ ସୃଷ୍ଟି ହେବନାହିଁ। କୌଣସି ବିଭ୍ରାନ୍ତିକର ଖବର ପାଇ ମାନସିକ ଅସ୍ଥିରତା ସୃଷ୍ଟିହେବା ବହୁ ସମ୍ଭାବନା ରହିଛି।

**କନ୍ୟା** ଶନିଙ୍କ ଦୃଷ୍ଟି ଆପଣଙ୍କୁ ଶାରୀରିକ ଏବଂ ମାନସିକ ଦୃଷ୍ଟିକୋଣରୁ ଶିଥିଳତା ପ୍ରଦାନ କରିପାରେ। ସମସ୍ତ ସୁବିଧା ଥିଲେ ମଧ୍ୟ କାମ ହାସଲ ପାଇଁ ଖର୍ଚ୍ଚାନ୍ତ ହେବେ। ପ୍ରତ୍ୟେକ କ୍ଷେତ୍ରରେ କାମ ସମ୍ପନ୍ନ ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ । ଆଜି ଯାତ୍ରା ସମୟରେ କୌଣସି ଅଜଣା ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ କାମ କରିବା ଠିକ୍ ହେବନାହିଁ ।

**ତୁଳା** ଆଜିର ଗ୍ରହଯୋଗ ଆପଣଙ୍କୁ ଅର୍ଥ ଓ ସମ୍ମାନଜନକ ସ୍ଥିତିରେ ରଖିବା ସାଙ୍ଗକୁ ବନ୍ଧୁଙ୍କ ପରାମର୍ଶରୁ ଖୁସି ରହିବେ। କର୍ମକ୍ଷେତ୍ରର ସମସ୍ୟା ସମାଧାନ ହେବ। କିନ୍ତୁ ମୁଖଭାବରେ ବୁଧ ଓ ମଙ୍ଗଳଜନିତ ଶାଣିତ ବ୍ୟବହାର ବନ୍ଧୁସମ୍ପର୍କକୁ କ୍ଷୁଣ୍ଣ କରିପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ବିଛା** ଭାଗ୍ୟ ସ୍ଥାନରେ ଭାଗ୍ୟାଧିପତି ସହ ବୃହସ୍ପତିଙ୍କ ସଂଯୋଗ ପ୍ରଭାବରେ ଉନ୍ନତମାନର ଯୋଜନାକୁ ବାସ୍ତବରୂପ ପ୍ରଦାନ କରିବାର ନକ୍ସା ପ୍ରସ୍ତୁତ କରିପାରନ୍ତି। ଆବଶ୍ୟକତା ଅନୁଯାୟୀ ଆପଣଙ୍କ ମନ୍ତବ୍ୟ ଶାଳୀନତାପୂର୍ଣ୍ଣ ରହିବ। ପ୍ରତୀକ୍ଷିତ ଶୁଭଖବର ଆହ୍ଲାଦିତ କରିବ। ସାଙ୍ଗସାଥୀଙ୍କ ସହ କିଛି ନୂଆ ସ୍ଥାନକୁ ପରିଦର୍ଶନରେ ଯାଇପାରନ୍ତି।

**ଧନୁ** ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିବାର ଧୈର୍ଯ୍ୟଧାରଣ କରି କର୍ମକ୍ଷେତ୍ରରେ ପ୍ରବୃତ୍ତ ହେବେ। ଶନିଙ୍କ ପ୍ରଭାବରୁ ଆଲୋଚନାରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ଆତ୍ମୀୟଙ୍କ ଜରିଆରେ ବକେୟା ଆଦାୟରେ ସକ୍ଷମ ହେବେ। ଆଇନ ଅଦାଲତ କ୍ଷେତ୍ରରେ ଆଇନଜ୍ଞଙ୍କ ପରାମର୍ଶ ପାଇଁ ବାରମ୍ବାର ଦୌଡ଼ିବାକୁ ପଡ଼ିପାରେ।

**ମକର** ସପ୍ତମସ୍ଥ ଗ୍ରହମାନେ ଦୂରଯାତ୍ରା ଓ ବ୍ୟୟଭାର ବୋଝରେ ଚିନ୍ତିତ କରାଇପାରନ୍ତି। ଦୀର୍ଘଦିନରୁ ଦେଖି ନ ଥିବା ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ନୂଆ ଦିଗନ୍ତ ସୃଷ୍ଟିହେବ। ସାହିତ୍ୟ ସାଧନାରେ, ସାମ୍ବାଦିକତାରେ ସଫଳତା ମିଳିବ। ପରିବାର ଭିତରେ, ପରିବହନରେ ଏବଂ ଚେଷ୍ଟା କରୁଥିବା କାମରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ରାହୁଙ୍କ ସଂସ୍ଥିତିରୁ ପୃଷ୍ଠ ସାହାଯ୍ୟ ବଳରେ ପ୍ରତ୍ୟେକ ସମସ୍ୟା ସମାଧାନରେ ସଫଳ ହେବେ। ସଭାସମିତି, ବନ୍ଧୁଙ୍କ ସହ ବିଚାରବିମର୍ଶ ମାନସିକ ଶାନ୍ତି ଫେରାଇ ଆଣିବାରେ ସହାୟ ହେବ। ଆର୍ଥିକ ଅନଟନ ଭରଣା କରିବାକୁ ନୂଆ ଯୋଜନା କରିପାରନ୍ତି। ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ସମ୍ପର୍କୀୟଙ୍କ ସହାୟତା ନେବାକୁ ପଡ଼ିପାରେ।

**ମୀନ** ବୃହସ୍ପତିଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ପାରିପାର୍ଶ୍ୱିକ ସୁନ୍ଦର ପରିବେଶ ମନକୁ ଉତ୍ସାହିତ କରିବ। ପୂର୍ବଭାଦ୍ରପଦ ନକ୍ଷତ୍ରର ଅଫିସ୍ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବାରୁ ମାନସିକ ସୁସ୍ଥତା ରହି ନ ପାରେ। ନିକଟତର ବନ୍ଧୁଙ୍କ ଦ୍ୱାରା କାମ ହାସଲ କରିବେ। ଆପଣଙ୍କ ପରାମର୍ଶ ଓ ପ୍ରସ୍ତାବକୁ ବନ୍ଧୁଙ୍କ ସମର୍ଥନ ରହିବ।

ଆଜି ନଭେମ୍ବର ୧୧ ତାରିଖ, ରାଷ୍ଟ୍ରୀୟ ଶିକ୍ଷା ଦିବସ, ମାର୍ଗଶିର କୃଷ୍ଣ ସପ୍ତମୀ ମଙ୍ଗଳବାର। ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୫୬ ଗତେ, ଘ.୦୬।୪୧ ମଧ୍ୟେ, ଘ.୦୮।୪୩ ଗତେ, ଘ.୧୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୨।୧୭ ଗତେ, ଘ.୦୩।୪୧ ମଧ୍ୟେ ରାହୁକାଳ ।

## ଅଭିନେତା ଧର୍ମେନ୍ଦ୍ରଙ୍କ ...

ହେଉଥିବା ଟିମ୍ ସ୍ପଷ୍ଟ କରିଛି। ଅଭିନେତା ଅବ୍‌ଜରଭେଶନରେ ରହିଛନ୍ତି, ଚିନ୍ତା କରିବାର କୌଣସି କାରଣ ନାହିଁ। ବର୍ତ୍ତମାନ ସମୟରେ ପ୍ରିଭେସି ଜରୁରୀ ବୋଲି ଟିମ୍ କହିଛି। ଧର୍ମେନ୍ଦ୍ର ଗତ ମାସରେ ଅଣନିଃଶ୍ୱାସୀ ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କ ହୃଦ୍‌ସ୍ପନ୍ଦନ, ରକ୍ତଚାପ ଆଦି ସ୍ଥିର ରହିଥିଲା। ସେ ଆଇସିୟୁରେ ରହିଥିବା ଗତ ୧ ତାରିଖରେ ହସ୍ପିଟାଲର ଜଣେ କର୍ମଚାରୀ କହିଥିଲେ। ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଗତ ୪ ତାରିଖରେ ତାଙ୍କ ସ୍ତ୍ରୀ ଅଭିନେତ୍ରୀ ହେମାମାଳିନୀ ବିମାନବନ୍ଦରରେ ଗଣମାଧ୍ୟମକୁ କହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଶୀ ବରଷରେ ହେତୁ ନାଶ ଯାଏ**
**କଷି ନାଶ ଯାଏ କୁହୁଡ଼ି ପାତେ**
**ବସି ଖାଇଲେ ଯେ ଧନ ନାଶ ଯାଏ**
**ଅସ୍ତ୍ର ନାଶ ଯାଏ ହାତୁ ଦି'ହାତେ ।**

ବୟସ ଅତ୍ୟଧିକ ହୋଇଗଲେ ମଣିଷର ସ୍ମୃତିଶକ୍ତି ଲୋପ ପାଇଯାଏ। ଅତ୍ୟଧିକ କୁହୁଡି ପଡିଲେ ଆମ୍ବକଷି ଝଡ଼ି ଯାଇଥାଏ। ଉପାର୍ଜନ ନ କରି ସଞ୍ଚିତ ଅର୍ଥକୁ ଖର୍ଚ୍ଚ କରି ଚାଲିଲେ ତାହା ଅଚିରେ ଶେଷ ହୋଇଯାଇଥାଏ। ସେହିପରି ହାତ ହତିଆର ହାତରୁ ଦି ହାତ ହେଲେ ଗୁଣ ହରାଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଅଧା ଭୋଜନ,**
**ବୁଢ଼ୀ ଗାଈ ଦାନ।**

ଅଧା ଭୋଜନରେ ପେଟ ପୂରି ନ ଥାଏ କି ଆତ୍ମତୃପ୍ତି ମିଳି ନ ଥାଏ। ସେହିପରି ଦାନ ସୂତ୍ରରେ ମିଳିଥିବା ବୁଢ଼ୀ ଗାଈ କୌଣସି ପ୍ରକାର ଆବଶ୍ୟକତାକୁ ମେଣ୍ଟାଇପାରି ନ ଥାଏ। ବାସ୍ତବ କ୍ଷେତ୍ରରେ ଏସବୁ ନିରର୍ଥକ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଆଜି ନୂଆପଡ଼ା ...

ଚାଲିବ। ସେହିପରି ସାଧାରଣ ଭୋଟ୍ ଗ୍ରହଣ କେନ୍ଦ୍ରରେ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟିଂ ଚାଲିବ ବୋଲି ଜିଲା ନିର୍ବାଚନ ଅଧିକାରୀ ସୋମବାର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମାଓବାଦୀ ପ୍ରଭାବିତ ବୁଥ୍ ମଧ୍ୟରୁ ୮ଟି ଦୁର୍ଗମ ପାହାଡିଆ ଅଞ୍ଚଳରେ ରହିଛି। ସେଗୁଡ଼ିକ ହେଉଛି ୩୨୦-ସୋସେଙ୍ଗ, ୩୨୧- ସୋସେଙ୍ଗ(୨), ୩୨୨ ଦେଓସିଲ, ୩୨୪ ସୁନାବେଡ଼ା(୧), ୩୨୫ ସୁନାବେଡ଼ା ୧(କ), ୩୨୬ ଜାମଗାଁ, ୩୨୭ ଗୋଡିବେଡ଼ା ଓ ୩୨୮ ଗୋଡିବେଡା(୨) ରହିଛି। ଏହି ବୁଥ୍‌ଗୁଡ଼ିକ ଅତି ସମ୍ବେଦନଶୀଳ ହୋଇଥିବାରୁ ପୋଲିଂପାର୍ଟି ସୁରକ୍ଷିତ ଯିବା ସହିତ ଶାନ୍ତିଶୃଙ୍ଖଳାର ସହ ଭୋଟ ଗ୍ରହଣ କରି ଫେରିବା ପାଇଁ ଭାରତୀୟ ବାୟୁସେନାର ବିମାନ ଉପଯୋଗ କରାଯାଇଛି। ମାଓବାଦୀ ପ୍ରଭାବିତ ୮ ବୁଥ୍ ଲାଗି ୬ ଜଣ ଲେଖାଏ ମୋଟ୍ ୪୮ ଜଣ ପୋଲିଂପାର୍ଟି ନିୟୋଜିତ ହୋଇଛନ୍ତି। ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଥରକରେ ୬ ଜଣ ଲେଖା ୮ଥରରେ ପୋଲିଂପାର୍ଟିକୁ ଦୁର୍ଗମ ଅଞ୍ଚଳରେ ଥିବା ବୁଥ୍‌ରେ ସୁରକ୍ଷିତ ଛଡ଼ାଯାଇଛି।

ଅନ୍ୟପଟେ ଏହି ଉପନିର୍ବାଚନ ଲାଗି ରହିଥିବା ମୋଟ୍ ୩୫୮ ବୁଥ୍ ମଧ୍ୟରୁ ୬ଟି ସଖୀ ବୁଥ୍ ରହିଛି। ସଖୀ ବୁଥ୍‌କୁ ମହିଳା ପୋଲିଂପାର୍ଟି ପରିଚାଳନା କରିବେ। ନୂଆପଡ଼ା ଓ ଖରିଆର୍ ରୋଡ୍‌ରେ ୩ଟି ଲେଖାଏ ସଖୀ ବୁଥ୍ କରାଯାଇଛି। ଉପନିର୍ବାଚନ ଲାଗି ଜିଲା ପ୍ରଶାସନ ୩୯୬ ପୋଲିଂପାର୍ଟି ପ୍ରସ୍ତୁତ କରିଛନ୍ତି। ପୋଲିଂ ପାର୍ଟି ନୂଆପଡ଼ା ନ୍ୟାଶନାଲ୍ କଲେଜଠାରୁ ବିଭିନ୍ନ ବୁଥ୍‌କୁ ଯିବା ବ୍ୟବସ୍ଥା କରାଯାଇଛି। ନ୍ୟାଶନାଲ କଲେଜରେ ଷ୍ଟ୍ରଙ୍ଗ ରୁମ୍ ରହିଛି। ସେଠାରୁ ପୋଲିଂପାର୍ଟିକୁ ଇଭିଏମ୍ ଓ ଭିଭିପିଏଟି ସହ ଗନ୍ତବ୍ୟ ସ୍ଥଳକୁ ପଠାଯାଇଛି। ଅନ୍ୟପଟେ ଅବାଧ ଓ ନିରପେକ୍ଷ ସହିତ ଶାନ୍ତିଶୃଙ୍ଖଳାରେ ଉପନିର୍ବାଚନକୁ କରିବା ଲାଗି ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପୋଲିସ ପକ୍ଷରୁ ସୀମାନ୍ତ ବା ଆଇନଶୃଙ୍ଖଳା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରାଯାଇଛି। ଏପରିକି ଚେକ୍‌ପୋଷ୍ଟ କରି ପୋଲିସ ୨୪ ଘଣ୍ଟା ପହରା ଦେଉଛି। ଏଥିରେ ୧୪ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ସହ ୨ ସେକ୍ସନ ୬ ପ୍ଲାଟୁନ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି। ଜଣେ ଏସ୍‌ପି, ୬ ଡିଏସ୍‌ପି, ୯ ଜଣ ଇନ୍‌ସପେକ୍ଟର, ୧୫୧ ଜଣ ସବ୍-ଇନ୍‌ସପେକ୍ଟର ଓ ଅତିରିକ୍ତ ଇନ୍‌ସପେକ୍ଟର, ୧୦୩ ଜଣ ହାବିଲଦାର୍, ୪୭୭ ଜଣ କନ୍‌ଷ୍ଟେବଲ, ୧୫୯ ଜଣ ଏପିଆର୍ କନ୍‌ଷ୍ଟେବଲ, ୩୭ ଜଣ ଓଏପିଏଫ, ୨୮୭ ଜଣ ହୋମଗାର୍ଡ ନିୟୋଜିତ ଅଛନ୍ତି। ଶାନ୍ତିଶୃଙ୍ଖଳା ଲାଗି ପ୍ରତ୍ୟେକ ପୋଲିଂପାର୍ଟି ସହିତ ଜଣେ ସୁରକ୍ଷା କର୍ମୀ ନିୟୋଜିତ ରହିଛନ୍ତି। ସୂଚନାଯୋଗ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ରବିବାର ଅପରାହ୍ନ ୪ଟାରେ ନିର୍ବାଚନୀ ପ୍ରଚାର ଶେଷ ହୋଇଛି। ବର୍ତ୍ତମାନ ବିଭିନ୍ନ ଦଳର କର୍ମୀ ଓ ସମର୍ଥକ ଶେଷ ପର୍ଯ୍ୟାୟ ଲଢ଼େଇ ପାଇଁ ପୂରା ଦମ୍‌ରେ ଲାଗିପଡ଼ିଛନ୍ତି। ପ୍ରଚାର ଶେଷ ହେବାପରେ ବିଭିନ୍ନ ସ୍ଥାନରେ ଅନ୍ଧାରି ବିଜେ ଦେଖିବାକୁ ମିଳୁଛି। ବିଭିନ୍ନ ଦଳର କର୍ମୀମାନେ ଘରକୁ ଘର ବୁଲି ଚିର୍‌କୁଟି ବାଣ୍ଟିବା ଆରମ୍ଭ କରିଛନ୍ତି। ଯେଉଁ ଗାଁ ବା ପଡ଼ାରେ ଦୁର୍ବଳ ସ୍ଥିତି ଦେଖୁଛନ୍ତି ତାହା ଉପରେ ଅଧିକ ନଜର ରଖୁଛନ୍ତି। ଅନ୍ୟପଟେ ବିଭିନ୍ନ ଦଳର ବଡ଼ ନେତାମାନେ ସେମାନଙ୍କ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ଭିଡିଓ ବାର୍ତ୍ତା ଜରିଆରେ ଅନୁରୋଧ କରିବା ଆରମ୍ଭ କରିଛନ୍ତି। ପ୍ରଚାର ବନ୍ଦ ହୋଇଯାଇଥିବାରୁ ସବୁ ଦଳ ପକ୍ଷରୁ ସେମାନଙ୍କ ପୁରୁଣା ଭିଡିଓ ପ୍ରଚାର ସମୟରେ ଯାହା ଉତ୍ତୋଳନ କରାଯାଇଥିଲା ସେଗୁଡ଼ିକୁ ବିଭିନ୍ନ ମାଧ୍ୟମରେ ଶେୟାର କରିବାରେ ଲାଗିଛନ୍ତି, ଯାହାଫଳରେ ଇଣ୍ଟରନେଟ୍ ଜରିଆରେ ସେମାନଙ୍କ ପ୍ରାର୍ଥୀ ପ୍ରତି ଆକୃଷ୍ଟ କରିପାରିବେ।

## ହ୍ୱାଇଟ୍ କଲାର ...

ଏବଂ ମେଟାଲ ଶିଟ୍ ଜବତ ହୋଇଛି। ଗନି ହରିୟାଣାର ଅଲ୍ ଫଲାହ ୟୁନିଭର୍ସିଟିରେ ଶିକ୍ଷକ ଥିବାବେଳେ ଶ୍ରୀନଗରରେ ଜେଇଏମ୍‌କୁ ସମର୍ଥନ କରି ପୋଷ୍ଟର ଲଗାଇବାରେ ସେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ କଶ୍ମୀର ପୋଲିସର ୱାଣ୍ଟେଡ୍ ତାଲିକାରେ ଥିଲେ। ଗିରଫ ୮ ଜଣଙ୍କ ମଧ୍ୟରୁ ୭ ଜଣ କଶ୍ମୀରର। ଅରିଫ ନିସାର ଦର ଓରଫ ସହିଲ, ୟାସିର-ଉଲ୍-ଅଶ୍ରଫ ଏବଂ ମକସୁଦ ଅହମଦ ଦର ଓରଫ ଶହିଦଙ୍କ ଘର ଶ୍ରୀନଗରର ନାଓଗାମ୍ ହୋଇଥିବାବେଳେ ମୌଲବୀ ଇର୍ଫାନ ଅହମଦଙ୍କ ଘର ଶୋପିଆନ, ଜମିର ଅହମଦ ଅହଙ୍ଗେର ଓରଫ ମୁତ୍‌ଲାଶାଙ୍କ ଘର ଗଣ୍ଡରବାଲର ୱାକୁରାର। ଡ. ମୁଜାମିଲ୍ ଅହମତଦ ଗନି ଓରଫ ମୁସାଇବଙ୍କ ଘର ପୁଲ୍‌ୱାମା ଏବଂ ଡ. ଆଦିଲଙ୍କ ଘର କୁଲଗାମ୍‌ର ୱାନ୍‌ପୋରା ବୋଲି ଜଣାପଡ଼ିଛି। ଡା. ଶହିନଙ୍କ ଘର ଲକ୍ଷ୍ନୌରେ। ଗନି ଏବଂ ଆଦିଲଙ୍କ ଫୋନ୍‌ରୁ ବହୁ ପାକିସ୍ତାନୀ ନମ୍ବର ମିଳିଛି। ସେମାନେ ଆତଙ୍କବାଦୀ ନେଟ୍‌ୱର୍କର ପରିଚାଳକ ହୋଇଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

ଗତ ମାସ ୧୯ରେ ଶ୍ରୀନଗରର ବୁନ୍‌ପୋରା ନାଓଗାମ୍ ଅଞ୍ଚଳର ବିଭିନ୍ନ ସ୍ଥାନରେ ଜେଇଏମ୍‌ର ଏକାଧିକ ପୋଷ୍ଟର ଲଗାଯାଇ ପୋଲିସ ଓ ସୁରକ୍ଷା ବଳକୁ ଧମକ ଦିଆଯାଇଥିଲା। ଏହା ଉପରେ ତଦନ୍ତ ଚାଲୁଥିବାବେଳେ ଆନ୍ତଃରାଜ୍ୟ ଟେରର ନେଟ୍‌ୱର୍କର ପର୍ଦ୍ଦାଫାଶ ହୋଇଛି। ଉନ୍ନତ ପେସାରେ ଥିବା ବ୍ୟକ୍ତିବିଶେଷ ଏବଂ ଛାତ୍ରମାନେ ପାକିସ୍ତାନ ଓ ଅନ୍ୟାନ୍ୟ ଦେଶରୁ ପରିଚାଳିତ ବିଦେଶୀ ହ୍ୟାଣ୍ଡଲରଙ୍କ ସହ ଯୋଗାଯୋଗରେ ଥିବାରୁ ହ୍ୱାଇଟ୍ କଲାର ଟେରର ଇକୋସିଷ୍ଟମ୍ ସାମ୍ନାକୁ ଆସିଛି। ଏହି ଗ୍ରୁପ୍ ପ୍ରଶିକ୍ଷଣ, ସମନ୍ୱୟ, ପାଣ୍ଠି ଏବଂ ଲଜିଷ୍ଟିକ୍ ଯୋଗାଣ ଲାଗି ଏନ୍‌କ୍ରିପ୍ଟେଡ୍ ଚ୍ୟାନେଲ୍ ବ୍ୟବହାର କରୁଥିବା ଜମ୍ମୁ-କଶ୍ମୀର ପୋଲିସ କହିଛି। ସାମାଜିକ ବା ଦାତବ୍ୟ କାର୍ଯ୍ୟ ନାମରେ ପେସାଦାର ଏବଂ ଶିକ୍ଷା ନେଟ୍‌ୱର୍କ ଜରିଆରେ ପାଣ୍ଠି ସଂଗ୍ରହ କରାଯାଉଛି। ଅଭିଯୁକ୍ତମାନେ ଲୋକଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ କଠୋରପନ୍ଥୀ କରି ଆତଙ୍କବାଦୀ ର୍‍ୟାଙ୍କରେ ନିଯୁକ୍ତି ଦେଇଥାନ୍ତି। ଏଥିସହିତ ସେମାନେ ପାଣ୍ଠି ଉଠାଇବା, ଲଜିଷ୍ଟିକ୍ ବ୍ୟବସ୍ଥା, ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ବୋମା ପ୍ରସ୍ତୁତି ସାମଗ୍ରୀ କ୍ରୟ କରିଥାନ୍ତି।

## ସ୍ୱାମୀଙ୍କ ମୃତ୍ୟୁର ...

ମନୋଜ ନିଜ ଘର ପିପିଲିକାନୀକୁ ବାଇକ୍‌ରେ ଫେରୁଥିଲେ। ରେଢ଼ାଖୋଲ ଆଦର୍ଶ ବିଦ୍ୟାଳୟ ଛକରେ ସମ୍ମୁଖ ଦିଗରୁ ଆସୁଥିବା ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା । ଏଥିରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ତେବେ ସବୁଠାରୁ ଦୁଃଖଦ ଘଟଣା ହେଉଛି ସନ୍ଧ୍ୟା ପ୍ରାୟ ୭ଟା ବେଳେ ସ୍ୱାମୀ ମନୋଜଙ୍କର ମୃତ୍ୟୁ ଘଟିଥିବାବେଳେ ନାକଟିଦେଉଳ ଡାକ୍ତରଖାନାରେ ସଙ୍ଗୀତା ରାତ୍ର ପ୍ରାୟ ସାଢ଼େ ୯ଟାରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ମା' ଗର୍ଭରୁ ଭୂମିଷ୍ଠ ହେବାର ପ୍ରାୟ ଅଢେଇ ଘଣ୍ଟା ପୂର୍ବରୁ ଜଣେ ଶିଶୁ ବାପଛେଉଣ୍ଡ ହୋଇଯାଇଥିଲେ। ଏହି ଘଟଣା ଉଭୟ ପରିବାରକୁ ମର୍ମାହତ କରିଛି ।

## ୧୫ ଡିଗ୍ରୀ ତଳେ ...

୧୪ ଡିଗ୍ରୀ, କୋରାପୁଟରେ ୧୪.୨ ଡିଗ୍ରୀ, ବଲାଙ୍ଗୀରରେ ୧୪.୫ ଡିଗ୍ରୀ ଏବଂ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୧୪.୯ ଡିଗ୍ରୀ ସେଲସିୟସ୍ ରହିଛି। ତେବେ ଶୀତ ଲହରିକୁ ନେଇ ମଙ୍ଗଳବାର ଓ ବୁଧବାର ୬ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ଦୁଇଦିନ କଟକ, ଖୋର୍ଦ୍ଧା, ଅନୁଗୋଳ, ଝାରସୁଗୁଡା, କନ୍ଧମାଳ ଏବଂ ସୁନ୍ଦରଗଡ଼ ଜିଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେବ। ବିଶେଷକରି ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାରେ ଶୀତ ସହ ଅଧିକ କୁହୁଡି ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ୫ଦିନରେ ୫ ଡିଗ୍ରୀ ହ୍ରାସ

ରାଜଧାନୀ ଭୁବନେଶ୍ୱରରେ ୫ ଦିନରେ ତାପମାତ୍ରା ପ୍ରାୟ ୫ ଡିଗ୍ରୀ ହ୍ରାସ ପାଇଛି। ହଠାତ୍ ଥଣ୍ଡା ବଢ଼ିଯିବାରୁ ରାତିରେ ସହରର ଜନଜୀବନ ପ୍ରଭାବିତ ହେଉଛି। ଗୁରୁବାର ଭୁବନେଶ୍ୱର ତାପମାତ୍ରା ୧୮.୫ ଡିଗ୍ରୀ ରହିଥିବାବେଳେ ଶୁକ୍ରବାର ୧୯.୮ ଡିଗ୍ରୀ, ଶନିବାର ୧୮.୯ ଡିଗ୍ରୀ, ରବିବାର ୧୭.୪ ଡିଗ୍ରୀ ଏବଂ ସୋମବାର ୧୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଆଗାମୀ ୨୪ ଘଣ୍ଟାରେ ମଧ୍ୟ ଭୁବନେଶ୍ୱର ତାପମାତ୍ରା ୧୪ ଡିଗ୍ରୀ ସେଲସିୟସ୍ ରହିବା ନେଇ ପୂର୍ବାନୁମାନ କରାଯାଇଛି।

# ମାସେ ପରେ ମୁଖ୍ୟ ଅଭିଯୁକ୍ତ ଶିବା ଗିରଫ

**ଏମ୍ସ କର୍ମଚାରୀଙ୍କୁ ଗୁଳିକରି ହତ୍ୟା ଘଟଣା**

- ପୂର୍ବରୁ ବାପ, ପୁଅ ସମେତ ୪ଜଣ ଗିରଫ ହୋଇଥିଲେ
- ଜିମ୍‌ରେ ହୋଇଥିଲା ଧମକ ଦିଆନିଆ


ଶିବା

ଭୁବନେଶ୍ୱର,୧୦।୧୧(ସତ୍ୟଜିତ୍ ରାଉତ)

ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ଗାଁରେ ଜମିଜମା ବିବାଦକୁ କେନ୍ଦ୍ର କରି ସୁଧାଂଶୁ ଖୁଣ୍ଟିଆ ଓରଫ ରବି (୩୦)ଙ୍କୁ ଗୁଳିମାଡ଼ ଘଟଣାରେ ପୋଲିସ ପ୍ରାୟ ମାସେ ପରେ ଦାଦାପୁଅ ଭାଇ ତଥା ମୁଖ୍ୟ ଅଭିଯୁକ୍ତ ସଦାଶିବ ପ୍ରଧାନ ଓରଫ ଶିବାଙ୍କୁ ସୋମବାର ଗିରଫ କରିଛି। ଶିବା ପୋଲିସକୁ ଚକ୍‌ମା ଦେଇ କଟକ, ନିଆଳି, ଅଡ଼ଶପୁର, ବନମାଳିପୁର ଆଦିରେ ଘୂରି ବୁଲୁଥିଲେ। ପୋଲିସ ତାଙ୍କୁ ପିଛା କରି ପଞ୍ଚପାଳ-ବାଲିଅନ୍ତା ରାସ୍ତାରୁ ଧରିଥିଲା। ଅଭିଯୁକ୍ତ ଶିବାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହା ପୂର୍ବରୁ ଶିବାଙ୍କ ବାପା ସୁକାନ୍ତ ପ୍ରଧାନ ଓରଫ ଭାଲୁ, ବଡ଼ଭାଇ ଶୁଭେନ୍ଦୁ ପ୍ରଧାନ ଓରଫ ଛବି, ସାଙ୍ଗ ରାକେଶ ଖୁଣ୍ଟିଆ ଓରଫ ରାକା ଓ ରଘୁନାଥନଗରର କାହ୍ନା ଓରଫ ସୁବ୍ରତ ସାହୁଙ୍କୁ ଗିରଫ କରାଯାଇଥିବାବେଳେ ସେମାନେ ଏବେ ଜେଲରେ ଅଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜୋନ୍ ଏସିପି ତାପସ ପ୍ରଧାନ କହିଛନ୍ତି। ତେବେ ଶିବା ବନ୍ଧୁକ କେଉଁଠୁ ଆଣିଲେ, ତାହା ଜାଣିବାକୁ ପ୍ରୟାସ ଚାଲିଥିବା ଏସିପି ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ସୁଧାଂଶୁଙ୍କ ପରିବାର ଓ ଶିବାଙ୍କ ପରିବାର ମଧ୍ୟରେ ଘରଡିହ ଜମିକୁ ନେଇ ବିବାଦ ଲାଗି ରହୁଥିଲା। ଏପରି କି ୭ବର୍ଷ ହେବ ଭୁବନେଶ୍ୱର ସିଭିଲ କୋର୍ଟରେ ଏନେଇ ମାମଲା ମଧ୍ୟ ଚାଲୁ ରହିଛି। ମୃତ୍ୟୁ ପୂର୍ବରୁ ଜେଜେ ମା' ବିଳାସିନୀ ସୁଧାଂଶୁଙ୍କ ନାଁରେ ଘରଡିହ କରିଦେଇଥିଲେ। କୋର୍ଟରେ ଏନେଇ ସୁଧାଂଶୁ ପ୍ରମାଣ ଦେବାରୁ ଦାଦା ପରିବାର ହତ୍ୟା ଷଡ଼ଯନ୍ତ୍ର କରିଥିଲେ। ଦାଦା ସୁକାନ୍ତ, ଦୁଇ ପୁଅ ଛବି ଓ ଶିବା ଏବଂ ସାଙ୍ଗ ରାକେଶ ଏନେଇ ଷଡ଼ଯନ୍ତ୍ର କରିଥିଲେ। କିଛିଦିନ ତଳେ ଶିବା ଏକ ବନ୍ଧୁକ ଯୋଗାଡ଼ କରି ଆଣିଥିଲେ। ସୁଧାଂଶୁ ଅକ୍ଟୋବର ୧୩ ସକାଳ ୯ଟା ବେଳେ ବାଇକ୍ ଯୋଗେ ଏମ୍ସକୁ ଡ୍ୟୁଟି ଲାଗି ଯାଉଥିବାବେଳେ ଗାଁ ରାସ୍ତାରେ ଶିବା ଛକି ରହିଥିଲେ। ରାକେଶ ସେହି ବାଟେ ଆସି ପଛରେ ସୁଧାଂଶୁ ଆସୁଥିବା ଜଣାଇଥିଲେ। ସୁଧାଂଶୁଙ୍କୁ ରାସ୍ତାରେ ଅଟକାଇବା ସହ ତାଙ୍କ ଉପରକୁ ଶିବା ଗୁଳିମାଡ଼ କରି ହତ୍ୟା କରିଥିଲେ। ସୁଧାଂଶୁଙ୍କ ସାନ ଭାଇ ଦେବାଶିଷଙ୍କ ଏତଲାକ୍ରମେ ଖଣ୍ଡଗିରି ଥାନା ମାମଲା (ନଂ.୭୩୮/୨୦୨୫) ରୁଜୁ କରିଥିଲା। ତେବେ ଶିବା ଓ ସୁଧାଂଶୁ ସ୍ଥାନୀୟ ଅଞ୍ଚଳର ଏକ ଜିମ୍‌କୁ ଯାଉଥିବାବେଳେ ସେଠାରେ ପାରିବାରିକ ବିବାଦକୁ ନେଇ ଧମକ ଦିଆନିଆ ହେଉଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି।

### ବାଲି ବସ୍ତା ରଖି ଗୁଳିଚାଳନା ଅଭ୍ୟାସ କରୁଥିଲେ

ଅଭିଯୁକ୍ତ ଶିବାଙ୍କ ପାଖରୁ ଏକ ମୋବାଇଲ୍ ଜବତ ହୋଇଥିବାବେଳେ ସେଥିରୁ ଏକ ସାଙ୍ଘାତିକ ଭିଡିଓ ମିଳିଛି, ଯାହା ପୋଲିସକୁ ଚକିତ କରିଦେଇଛି। ଶିବା ୬ ମାସ ପୂର୍ବରୁ ସୁଧାଂଶୁଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଏଥିପାଇଁ ସେ ବନ୍ଧୁକ ଧରି ଗୁଳିଚାଳନା ଅଭ୍ୟାସ କରୁଥିଲେ। ଘରେ ବାଲିବସ୍ତା ଥୋଇ ଲକ୍ଷ୍ୟ ସାଧନା ପାଇଁ ବନ୍ଧୁକ ଚଳାଉଥିଲେ। ଏହାକୁ ବଡ଼ଭାଇ ଛବି ମୋବାଇଲରେ ଶୁଟିଂ କରିଥିଲେ। ତେବେ ଏହି ଭିଡିଓ ଥିବା ମୋବାଇଲକୁ ପୋଲିସ ଶିବାଙ୍କଠାରୁ ଜବତ କରିଛି। ଏହି ଭିଡିଓକୁ ବଳିଷ୍ଠ ପ୍ରମାଣ ଭାବେ କୋର୍ଟରେ ଉପସ୍ଥାପନା କରାଯିବ ବୋଲି ଏସିପି ପ୍ରଧାନ କହିଛନ୍ତି।

# ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ହେବ: ଏସ୍‌ପି

**ଥାନାରେ ନାବାଳକଙ୍କୁ ମାଡ଼ ଅଭିଯୋଗ ଘଟଣା**

ଭଦ୍ରକ/ତିହିଡ଼ି,୧୦।୧୧
(ସନାତନ ରାଉତ/ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକର ପୀରହାଟ ଥାନାରେ ଏକ ମୋବାଇଲ ଚୋରି ମାମଲାରେ ଜଣେ ନାବାଳକଙ୍କୁ ପୋଲିସର ମାଡ଼ ମାରିବା ଘଟଣା ଏବେ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଅପରପକ୍ଷେ ଏହି ଘଟଣାକୁ ଭଦ୍ରକ ଏସ୍‌ପି ମନୋଜ ରାଉତ ଅସ୍ୱୀକାର କରିଛନ୍ତି। ନାବାଳକ ଏବଂ ତାଙ୍କ ବାପାଙ୍କୁ ଥାନାକୁ ଡକାଯାଇଥିଲା। ନାବାଳକଙ୍କୁ ଯେମିତି ପଚାରିବା କଥା ପୋଲିସ ସେମିତି ପଚରାଉଚରା କରିଥିଲା। କିନ୍ତୁ କେତେଜଣ ଲୋକଙ୍କ ପ୍ରରୋଚନାରେ ପଡ଼ି ପୋଲିସ ମାଡ଼ ମାରିଥିବା ନେଇ ମିଥ୍ୟା ଅଭିଯୋଗ ହୋଇଛି। ଯଦି ଏଥିରେ ସତ୍ୟତା ଥିବ, ତେବେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରବିବାର ରାତିରେ ଏସ୍‌ପି କହିଛନ୍ତି। ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରାଙ୍କୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି।

ପ୍ରକାଶ ଯେ, ପୀରହାଟ ଥାନା ଅଧୀନ ନରେନ୍ଦ୍ରପୁର ଗ୍ରାମର ଏକ ମୋବାଇଲ ଚୋରି ଘଟଣାକୁ ନେଇ ଶରତ ମାଝୀଙ୍କ ପରିବାର ସହ ଅନ୍ୟ ଏକ ପରିବାରର ବିବାଦ ଉପୁଜିଥିଲା। ଅପରପକ୍ଷର ଜଣେ ମହିଳା ଗତ ମାସ ୨୭ ତାରିଖରେ ଶରତଙ୍କ ନାବାଳକ ପୁଅ ନାଁରେ ପୀରହାଟ ଥାନାରେ ଅଭିଯୋଗ କରିଥିଲେ। ପରଦିନ ଶରତ ମଧ୍ୟ ଏହି ଘଟଣାକୁ ନେଇ ଥାନାରେ ପାଲଟା ଅଭିଯୋଗ କରିଥିଲେ। ଗତ ୨ତାରିଖ ରାତି ୮ଟାରେ ଥାନାରେ ହାଜର ହେବାକୁ ଶରତଙ୍କୁ ଫୋନ ଯୋଗେ

**ଅତିରିକ୍ତ ଏସ୍‌ପିଙ୍କୁ ତଦନ୍ତ ଦାୟିତ୍ୱ**

ପୋଲିସ ଜଣାଇଥିଲା। ଶରତ, ତାଙ୍କ ନାବାଳକ ପୁଅ ଏବଂ ଅପରପକ୍ଷ ଥାନାରେ ପହଞ୍ଚିଥିଲେ। ଥାନାଧିକାରୀ ରୋଜାଲିନ ବେହେରା ଉଭୟ ପକ୍ଷଙ୍କୁ ଡାକି ମୋବାଇଲ ସମ୍ପର୍କରେ ପଚରାଉଚରା କରିଥିଲେ। ମୋବାଇଲ ଚୋରି କରି ନ ଥିବା ନାବାଳକ ଜଣକ କହିବା ପରେ ଥାନାର ଜଣେ ଏସ୍‌ଆଇ ତାଙ୍କୁ ବାହାରକୁ ଟାଣି ନେଇ ଥାନା ବାହାରେ ଏକ ଅନ୍ଧାରୁଆ ସ୍ଥାନରେ ମାଡ଼ ମାରିଥିଲେ ବୋଲି ତାଙ୍କ ବାପା ଅଭିଯୋଗ କରିଛନ୍ତି। ଥାନାର ଅନ୍ୟ ଜଣେ କର୍ମଚାରୀ ମଧ୍ୟ ନାବାଳକଙ୍କ ଛାତିକୁ ଏକ ପାଇପ୍‌ରେ ପିଟିବା ସହ ଶାର୍ଟ, ପ୍ୟାଣ୍ଟ ଖୋଲିବାକୁ ଧମକ ଦେବାରୁ ସେ ଶାର୍ଟ ଖୋଲିଥିବା ଅଭିଯୋଗରେ ଦର୍ଶାଯାଇଥିଲା। ରାତି ୧ଟା ପରେ ବାପ ପୁଅଙ୍କୁ ପୋଲିସ ଛାଡ଼ିବା ପରେ ନାବାଳକ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ନାବାଳକ ସୁସ୍ଥ ହେବା ପରେ ତାଙ୍କ ବାପା ଏ ସମ୍ପର୍କରେ ଏସ୍‌ପିଙ୍କ ସମେତ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଥାନାର ସିସିଟିଭି ଫୁଟେଜ ଆଧାରରେ ପୋଲିସର ମାଡ଼ ଘଟଣାର ସତ୍ୟାସତ୍ୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ନିବେଦନ କରିଥିଲେ। ଏପରିକି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ କରା ନ ଗଲେ ସପରିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଅନଶନ କରିବେ ବୋଲି ଶରତ ଚେତାବନୀ ଦେଇଛନ୍ତି।

# ରାଜ୍ୟରେ ଅଛନ୍ତି ୮୦ ମାଓବାଦୀ

**୨୦୨୬ ମାର୍ଚ୍ଚ ସୁଦ୍ଧା ଓଡ଼ିଶାକୁ ମାଓବାଦୀମୁକ୍ତ କରିବାକୁ କସରତ**

ଭୁବନେଶ୍ୱର,୧୦।୧୧(ସତ୍ୟଜିତ ରାଉତ)

- ୧୦ ମାସରେ ୧୯ ଏନ୍‌କାଉଣ୍ଟର, ୭ ଗିରଫ, ୧୧ଜଣଙ୍କ ଆତ୍ମସମର୍ପଣ
- କେକେବିଏନ୍ ମାଓ ଡିଭିଜନକୁ ଅଧିକ ଫୋକସ୍

ଦେଶର କେତେକ ରାଜ୍ୟରେ ମାଓବାଦୀଙ୍କ ହିଂସାକାଣ୍ଡ ଚିନ୍ତାର କାରଣ ପାଲଟିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ୨୦୨୬ ମାର୍ଚ୍ଚ ସୁଦ୍ଧା ସବୁ ରାଜ୍ୟକୁ ମାଓବାଦୀମୁକ୍ତ କରିବାକୁ ଟାର୍ଗେଟ୍ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମହାରାଷ୍ଟ୍ର ଓ ଛତିଶଗଡ଼ରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଜୋରଦାର କୋମ୍ବିଂ ଅପରେଶନ କରାଯାଇ ବହୁ ସଂଖ୍ୟାରେ ମାଓବାଦୀଙ୍କୁ ଏନ୍‌କାଉଣ୍ଟର କରାଯାଉଛି। ଏପରିକି କିଛି ମାସ ତଳେ ମହାରାଷ୍ଟ୍ର ଓ ଛତିଶଗଡ଼ରେ ଗଣସଂଖ୍ୟାରେ ମାଓବାଦୀମାନେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତକୁ ଫେରିଛନ୍ତି। ଏଭଳି ସ୍ଥିତିରେ ଓଡ଼ିଶାକୁ ଧାର୍ଯ୍ୟ ତାରିଖ ସୁଦ୍ଧା ମାଓବାଦୀମୁକ୍ତ କରିବାକୁ ରାଜ୍ୟ ପୋଲିସ ପକ୍ଷରୁ ପ୍ରୟାସ କରାଯାଉଛି। ଓଡ଼ିଶାରେ ଏବେ ମୋଟ କେତେ ମାଓବାଦୀ ଅଛନ୍ତି, ସେମାନଙ୍କ ମଧ୍ୟରୁ କେତେ ସଂଖ୍ୟାରେ ଅଣଓଡ଼ିଆ ଏବଂ ମାଓବାଦୀମାନେ ବିଶେଷକରି କେଉଁ ଡିଭିଜନରେ ଅଧିକ ଚଳପ୍ରଚଳ କରୁଛନ୍ତି, ପୋଲିସ ଏହାର ବିବରଣୀ ପ୍ରସ୍ତୁତ କରି ସବୁ ମାଓବାଦୀ ଡିଭିଜନ୍‌କୁ ମୂଳପୋଛ କରିବାକୁ ଅଭିଯାନ ଆରମ୍ଭ କରିଛି।

ମିଳିଥିବା ତଥ୍ୟ ଅନୁସାରେ, ରାଜ୍ୟର ୯ ଜିଲା ମାଓବାଦୀ ପ୍ରଭାବିତ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ତାଲିକାଭୁକ୍ତ କରାଯାଇଛି। ଉକ୍ତ ଜିଲାଗୁଡ଼ିକ ହେଲା କଳାହାଣ୍ଡି, କନ୍ଧମାଳ, ବଲାଙ୍ଗିର, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା ଏବଂ ବୌଦ୍ଧ। ଛତିଶଗଡ଼ ସୀମାକୁ ଲାଗି ଥିବା ଜିଲାଗୁଡ଼ିକୁ ବିଶେଷ ଧ୍ୟାନ ଦିଆଯାଉଛି। ତେବେ ୪ ମାଓବାଦୀ ଡିଭିଜନ୍ ଓଡ଼ିଶା ମଧ୍ୟରେ ଆସୁଥିବାବେଳେ ସେଗୁଡ଼ିକ ହେଲା ଡିଜିଏନ (ଧମତ୍ରୀ-ଗରିଆବନ୍ଦ-ନୂଆପଡ଼ା), କେକେବିଏନ୍ (କନ୍ଧମାଳ-କଳାହାଣ୍ଡି-ବୌଦ୍ଧ-ନୟାଗଡ଼), ବିଜିଏନ (ବଂଶଧାରା-ଘୁମୁସର-ନାଗାବଳୀ) ଓ ବିବିଏମ (ବଲାଙ୍ଗୀର-ବରଗଡ଼- ମହାସମନ୍ଦ)। ଏଗୁଡ଼ିକ ମଧ୍ୟରୁ ଧମତ୍ରୀ, ଗରିଆବନ୍ଦ ଓ ମହାସମନ୍ଦ ଛତିଶଗଡ଼ରେ ଆସୁଛି। ତଥ୍ୟ ଅନୁଯାୟୀ, ଏବେ ଓଡ଼ିଶାରେ ମୋଟ ୮୦ ମାଓବାଦୀ ରହିଥିବା ବେଳେ ଏମାନଙ୍କ ମଧ୍ୟରୁ ମାତ୍ର ୪ଜଣ ଓଡ଼ିଶାର। ୨୦୨୫ ଜାନୁଆରୀରୁ ଏଯାଏ ରାଜ୍ୟରେ ୧୯ ଜଣ ମାଓବାଦୀଙ୍କୁ ଏନ୍‌କାଉଣ୍ଟର କରାଯାଇଛି। ଓଡ଼ିଶା ପୋଲିସ ଏବଂ ରାଜ୍ୟର ସୀମାନ୍ତରେ ଛତିଶଗଡ଼-ଓଡ଼ିଶା ପୋଲିସ ମିଳିତ ଅପରେଶନରେ ଏସବୁ ମାଓବାଦୀଙ୍କୁ ନିହତ କରାଯାଇଛି। ୭ଜଣଙ୍କୁ ଗିରଫ କରାଯାଇଥିବାବେଳେ ୧୧ଜଣ ମାଓବାଦୀ ବନ୍ଧୁକ ଛାଡ଼ି ଆତ୍ମସମର୍ପଣ କରିଛନ୍ତି। ଅପରପକ୍ଷରେ ଝାଡ଼ଖଣ୍ଡ ସରଣ୍ଡା ଜଙ୍ଗଲରେ ଥିବା ମାଓବାଦୀଙ୍କ ପାଇଁ ସୁନ୍ଦରଗଡ଼ ଜିଲାରେ ବିପଦ ଘନେଇଛି। କିଛିମାସ ତଳେ ସରଣ୍ଡା ଜଙ୍ଗଲରୁ ମାଓବାଦୀମାନେ ଓଡ଼ିଶା ସୀମାରେ ପଶି ସୁନ୍ଦରଗଡ଼ରୁ ବିସ୍ଫୋରକ ସାମଗ୍ରୀ ଲୁଟ୍ କରିନେଇଥିଲେ। ଏହାକୁ ଦୃଷ୍ଟିରେ ରଖି ସରଣ୍ଡା ଜଙ୍ଗଲକୁ ଲାଗି ଓଡ଼ିଶା ସୀମା ସୁନ୍ଦରଗଡ଼ ଜିଲାରେ ୩ଟି ସିଆର୍‌ପିଏଫ୍(ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ) କ୍ୟାମ୍ପ ସ୍ଥାପନା କରାଯାଇଛି। ଗତମାସରେ ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ସମେତ ସ୍ପେଶାଲ ଜୋନାଲ କମିଟିର ୫ ଜଣ, ୨ଜଣ ମିଲିଟାରି ପ୍ଲାଟୁନ୍ କମାଣ୍ଡର ଏବଂ ୨ଜଣ ଡିଭିଜନାଲ କମିଟି ସଦସ୍ୟଙ୍କ ସୂଚନା ଦେବା ପାଇଁ ପୁରସ୍କାର ରାଶି ଘୋଷଣା ସହ ପୋଷ୍ଟର ଜାରି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୪ଜଣ ଓଡ଼ିଶାର। ତେବେ ଆଗାମୀ ମାର୍ଚ୍ଚ ସୁଦ୍ଧା ଓଡ଼ିଶା ମାଓବାଦୀମୁକ୍ତ ହେଉଛି କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏନେଇ ଆଣ୍ଟି ନକ୍ସଲ ଅପରେଶନ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି, ରାଜ୍ୟର କନ୍ଧମାଳ ଓ ଏହାର ପଡ଼ୋଶୀ ଜିଲାରେ ମାଓବାଦୀ ସକ୍ରିୟ ରହିଛନ୍ତି। ବିଏସ୍‌ଏଫ୍ (ସୀମା ସୁରକ୍ଷା ବଳ) ଓ ସିଆର୍‌ପିଏଫ୍ ସହଯୋଗରେ ରାଜ୍ୟ ପୋଲିସ ପକ୍ଷରୁ ମିଳିତ ଅପରେଶନ କରାଯାଉଛି। ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ମାଓବାଦୀଙ୍କ ସମ୍ପର୍କରେ ସୂଚନା ଦେବାକୁ ହେଲ୍ପଲାଇନ୍ ନମ୍ବର (୯୪୩୭୬୪୩୮୩୯) ମଧ୍ୟ ଜାରି କରାଯାଇଛି। ତେବେ ମାର୍ଚ୍ଚ ସୁଦ୍ଧା ରାଜ୍ୟକୁ ମାଓବାଦୀମୁକ୍ତ କରିବାକୁ ପୂର୍ଣ୍ଣ ପ୍ରସ୍ତୁତି କରାଯାଇଛି ବୋଲି ଏଡିଜି ପଣ୍ଡା କହିଛନ୍ତି।

# ଲାଏ ଡିଟେକ୍ସନ ଟେଷ୍ଟ ଆବେଦନର ଶୁଣାଣି ହୋଇନି

ବ୍ରହ୍ମପୁର,୧୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ସିଲିକନ ଟେକ୍ ଲାବ ସଂସ୍ଥାର ମୁଖ୍ୟ ସୁରେଶ ଚନ୍ଦ୍ର ନାୟକଙ୍କ ଲାଏ ଡିଟେକ୍ସନ ଟେଷ୍ଟ ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ବ୍ରହ୍ମପୁର ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ) କୋର୍ଟରେ ହୋଇଥିବା ଆବେଦନର ଶୁଣାଣି ସୋମବାର ହୋଇପାରି ନାହିଁ। ତଦନ୍ତକାରୀ ଅଧିକାରୀ କୌଣସି କାରଣବଶତଃ କୋର୍ଟରେ ହାଜର ହୋଇ ନ ଥିବାରୁ ଶୁଣାଣି ହୋଇପାରିନି ବୋଲି ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି। କୋର୍ଟଙ୍କ ଅନୁମତି ପରେ ଅଭିଯୁକ୍ତଦ୍ୱୟଙ୍କ ଭୁବନେଶ୍ୱର ଷ୍ଟେଟ୍ ଫରେନ୍‌ସିକ୍ ଲାବ୍‌ରେ ପଲିଗ୍ରାଫ ଟେଷ୍ଟ କରାଯିବ ବୋଲି ଜଣାପଡ଼ିଛି।

ସିଲିକନ ଟେକ୍‌ର ମୁଖ୍ୟ ସୁରେଶ ଓ ପଞ୍ଚସଫ୍ଟ ସଂସ୍ଥାର ମୁଖ୍ୟ ଶଙ୍କରଙ୍କୁ କ୍ରାଇମବ୍ରାଞ୍ଚ ଗତ ୪ ତାରିଖରେ କୋର୍ଟ ଚାଲାଣ କରିଥିଲା। ପରେ ଶଙ୍କର ଏବଂ ପୂର୍ବରୁ ବାଲେଶ୍ୱରରୁ ଗିରଫ ହୋଇଥିବା ଦଲାଲ ଅରବିନ୍ଦ ଦାସଙ୍କୁ ରିମାଣ୍ଡରେ ନେଇ ଜେରା କରିବା ପରେ ଗତ ୮ତାରିଖରେ କୋର୍ଟ ହାଜର କରିଥିଲା। ଶଙ୍କରଙ୍କୁ ଜେରା ବେଳେ ଅନେକ ତଥ୍ୟ ମିଳିଥିବା ସୂଚନା ମିଳିଛି। ତେବେ ଶଙ୍କର ସତ କହିଥିଲେ ନା ନାହିଁ, ତାହା ଏବେ ସନ୍ଦେହ ଘେରରେ। ସେପଟେ ସୁରେଶ ଓ ଶଙ୍କରଙ୍କ ଭିତରେ କ'ଣ ଡିଲ୍ ହୋଇଥିଲା ତାହା ଜଣାପଡ଼ିନାହିଁ। ଏହି ୨ ଜଣଙ୍କ ଲାଏ ଡିଟେକ୍ସନ ଟେଷ୍ଟ ହେଲେ ସତ ଜଣାପଡିବ ବୋଲି କ୍ରାଇମବ୍ରାଞ୍ଚ କୋର୍ଟରେ ଆବେଦନ କରିଥିଲେ।

## Business

# ଅପଗ୍ରେଡ୍ ହେବ ସମ୍ବଲପୁର ଡିଭିଜନରେ ବିଦ୍ୟୁତୀକରଣ ପ୍ରଣାଳୀ

ଭୁବନେଶ୍ୱର,୧୦।୧୧(ଅନୁରାଧା ମହାରଣା)



ପୂର୍ବତଟ ରେଳପଥ ଏହାର ଟ୍ରାକ୍ସନ ପାୱାର ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛି, ଯାହାଦ୍ୱାରା ସିଙ୍ଗାପୁର ରୋଡ-ଟିଟିଲାଗଡ଼ ସେକ୍ସନରେ ବିଦ୍ୟମାନ ୧X୨୫ କେଭି ଓଭରହେଡ ବିଦ୍ୟୁତୀକରଣ (ଓଏଚ୍‌ଇ) ସିଷ୍ଟମକୁ ଉନ୍ନତ ୨X୨୫ କେଭି ସିଷ୍ଟମରେ ଅପଗ୍ରେଡେଶନ କରାଯିବ, ଯେଉଁଥିରେ ସମ୍ବଲପୁର ଡିଭିଜନର ଟିଟିଲାଗଡ଼-ବଡ଼ମାଲ ଏବଂ ଟିଟିଲାଗଡ଼-ମୁରିବାହାଲ ଟ୍ରିପଲ ଲାଇନ ସେକ୍ସନ ରହିଛି । ଏହି ପ୍ରକଳ୍ପ ୧୫୩ ରୁଟ୍ କିଲୋମିଟର ଏବଂ ୫୭୫ ଟ୍ରାକ କିଲୋମିଟରକୁ ଅନ୍ତର୍ଭୁକ୍ତ କରି ୪୬୫.୪୭ କୋଟି ଟଙ୍କାର ଆନୁମାନିକ ମୂଲ୍ୟରେ ପ୍ରସ୍ତାବିତ ହୋଇଛି। ଏହି କାର୍ଯ୍ୟ ଭାରତୀୟ ରେଳପଥରେ ବୈଦ୍ୟୁତିକ ଟ୍ରାକ୍ସନ ସିଷ୍ଟମକୁ ଉନ୍ନତ କରିବା ପାଇଁ ଏହା ରେଲୱେ ବୋର୍ଡ ପଦକ୍ଷେପର ଏକ ପ୍ରମୁଖ ଅଂଶ, ଯାହା ପାଇଁ ବିଦ୍ୟୁତ୍ ଯୋଗାଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ବିଦ୍ୟୁତୀକରଣ ହୋଇଥିବା ରୁଟ୍‌ର କ୍ଷମତା ବୃଦ୍ଧି କରିବା ପାଇଁ ଦେଶବ୍ୟାପୀ ପ୍ରାୟ ୧୨,୦୦୦ କୋଟି ଟଙ୍କାର ଆବଣ୍ଟନ କରାଯାଇଛି। ୨X୨୫ କେଭି ଟ୍ରାକ୍ସନ ସିଷ୍ଟମ ଏକ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ବିଦ୍ୟୁତୀକରଣ ବିନ୍ୟାସ, ଯାହା ୫୦କେଭିରେ ଶକ୍ତି ପରିବହନ କରେ ଏବଂ ନିୟମିତ ବ୍ୟବଧାନରେ ସ୍ଥାପିତ ଅଟୋଟ୍ରାନ୍ସଫର୍ମର ମାଧ୍ୟମରେ ଟ୍ରେନଗୁଡ଼ିକୁ ୨୫କେଭି ପ୍ରଦାନ କରେ। ଏହା ସ୍ଥିର ଭୋଲଟେଜ ସୁନିଶ୍ଚିତ କରିବା ସହିତ ବିଦ୍ୟୁତ କ୍ଷତିକୁ କମ୍ କରେ ଏବଂ ବୈଦ୍ୟୁତିକ ଲୋକୋମୋଟିଭର ସାମଗ୍ରିକ କାର୍ଯ୍ୟକ୍ଷମତାକୁ ଉନ୍ନତ କରେ। ଅପଗ୍ରେଡ ସିଷ୍ଟମ ସେମି-ହାଇ-ସ୍ପିଡ ଯାତ୍ରୀବାହୀ ଟ୍ରେନ ଏବଂ ଅତ୍ୟଧିକ ଲୋଡ ହୋଇଥିବା ମାଲବାହୀ ଟ୍ରେନଗୁଡ଼ିକର ନିର୍ବିଘ୍ନ କାର୍ଯ୍ୟକୁ ସକ୍ଷମ କରିବ, ନିର୍ଭରଯୋଗ୍ୟତା, ଉନ୍ନତ ପରିବହନ କ୍ଷମତା ଏବଂ ହ୍ରାସିତ ରକ୍ଷଣାବେକ୍ଷଣ ଆବଶ୍ୟକତା ସୁନିଶ୍ଚିତ କରିବ। ସିଙ୍ଗାପୁର ରୋଡ-ଟିଟିଲାଗଡ଼ କରିଡର ପୂର୍ବତଟ ରେଳପଥ ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଲ ପରିବହନ ମାର୍ଗ, ଯାହା ଖଣିଜ ପଦାର୍ଥ, କୋଇଲା ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନକୁ ସହଜ କରିଥାଏ। ୨X-୨୫କେଭି ସିଷ୍ଟମ ଗ୍ରହଣ କରିବା ଦ୍ୱାରା ସେକ୍ସନର ପରିବହନ ଶକ୍ତି ବୃଦ୍ଧି ହେବ, ଭୋଲଟେଜ ନିୟନ୍ତ୍ରଣରେ ଉନ୍ନତି ଆସିବ ଏବଂ ଯାତ୍ରୀ ଏବଂ ମାଲ୍ ପରିବହନ କାର୍ଯ୍ୟରେ ଭବିଷ୍ୟତର ଅଭିବୃଦ୍ଧିକୁ ସମଯୋଚିତ କରାଯିବ।

## ଏୟାରଟେଲ ପେମେଣ୍ଟସ ବ୍ୟାଙ୍କର ତ୍ରୈମାସିକ ଆର୍ଥିକ ଫଳାଫଳ

ଭୁବନେଶ୍ୱର,୧୦।୧୧

ଏୟାରଟେଲ ପେମେଣ୍ଟ୍ସ ବ୍ୟାଙ୍କ ପକ୍ଷରୁ ୨ୟ ତ୍ରୈମାସିକ ପାଇଁ ଏହାର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ପ୍ରଥମ ଥର ପାଇଁ ବ୍ୟାଙ୍କର ତ୍ରୈମାସିକ ରାଜସ୍ୱ ୮୦୦ କୋଟି ଟଙ୍କା ଅତିକ୍ରମ କରିଛି, ଯାହା ୧୯.୪%ର ଏକ ବାର୍ଷିକ ଅଭିବୃଦ୍ଧି ହାସଲ କରିଛି। ଏହି ତ୍ରୈମାସିକ ପାଇଁ ଇବିଆଇଟିଡିଏ ୮୯.୩ କୋଟି ଟଙ୍କା ରହିଛି ଯାହା ଗତବର୍ଷର ସମାନ ଅବଧି ତୁଳନାରେ ୧୭.୪% ଅଧିକ ରହିଛି। ୨ୟ ତ୍ରୈମାସିକରେ ବ୍ୟାଙ୍କର ଲାଭ ୧୧.୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହି ଅବଧିରେ ବ୍ୟାଙ୍କର ଆନୁଆଲାଇଜ୍‌ଡ ଗ୍ରସ୍ ମର୍ଚ୍ଚାଣ୍ଡାଇଜ ଭାଲ୍ୟୁ(ଜିଏମଭି) ୪୫୬୦ ବିଲିୟନ ଟଙ୍କାରେ ପହଞ୍ଚିଛି। ଏସମ୍ପର୍କରେ ଏୟାରଟେଲ ପେମେଣ୍ଟ୍ସ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଅନୁବ୍ରତ ବିଶ୍ୱାସ କହିଛନ୍ତି ଯେ, ଆମର ନିରନ୍ତର ଅଭିବୃଦ୍ଧି ଆମର ଡିଜିଟାଲ-ପ୍ରଥମ ମଡେଲର ଶକ୍ତି ଏବଂ ଆମ ଉପରେ ଗ୍ରାହକମାନେ ଦେଖାଇଥିବା ଗଭୀର ବିଶ୍ୱାସକୁ ପ୍ରତିଫଳନ କରୁଛି।

# ଖିମ୍‌ଜୀ ଗ୍ରୁପର ୨୪ ଜଣ କଲେ ରକ୍ତଦାନ

ଭୁବନେଶ୍ୱର,୧୦।୧୧(ଅନୁରାଧା ମହାରଣା)




ଖିମଜୀ ଗ୍ରୁପ ଓ ଭାରତୀୟ ରେଡକ୍ରସ ସୋସାଇଟି (ଆଇଆରସିଏସ) ର ଓଡ଼ିଶା ରାଜ୍ୟ ଶାଖା ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏନ୍‌ଏସ୍‌ଆଇସି ସୌଧରେ ଥିବା ଖିମଜୀ ଗ୍ରୁପ କର୍ପୋରେଟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ୩୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଖିମଜୀ ଗ୍ରୁପର ୨୪ଜଣ କର୍ମଚାରୀଙ୍କ ସହିତ ଏନ୍‌ଏସ୍‌ଆଇସି ପରିସରରୁ ୧୦ଜଣ ରକ୍ତଦାନ କରିଥିଲେ। ଏହି ଶିବିରକୁ ଖିମ୍‌ଜୀ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ମିତେଶ ଖିମ୍‌ଜୀ ଏବଂ ଆଇଆର୍‌ସିଏସ୍ ମେଡିକାଲ ଅଫିସର ଡା. ରଘୁନାଥ ବେହେରା, ରେଡକ୍ରସ୍ ପ୍ରତିନିଧି ଗୁଲ୍‌ଶନ କୁମାର ଦାଶ, ଓଡ଼ିଶା ରକ୍ତ ସଞ୍ଚାର ମହାସଂଘ ସଂଯୋଜକ ପ୍ରମୁଖ ଏହି ଶିବିର ଉଦଘାଟନ କରିଥିଲେ। ଏହି ଅବସରରେ ମିତେଶ ଖିମଜୀ କହିଥିଲେ, 'ରକ୍ତ ହେଉଛି ଲାଲ୍ ସୁନା ଏବଂ ଏହାର ମୂଲ୍ୟ ଜରୁରୀ ପରିସ୍ଥିତିରେ କେତେ ମୂଲ୍ୟବାନ ତାହା ଜଣାପଡିଥାଏ। ପ୍ରତ୍ୟେକ ରକ୍ତ ବୁନ୍ଦା ଆବଶ୍ୟକ କରୁଥିବା ଜଣେ ବ୍ୟକ୍ତିଙ୍କ ପାଇଁ ଆଶାର କିରଣ। ଜଣେ ବ୍ୟକ୍ତି ସମାଜ ପ୍ରତି ନିଜର ଅନ୍ୟତମ ଉଲ୍ଲେଖନୀୟ ଅବଦାନ ଭାବରେ ରକ୍ତଦାନ କରିପାରିବେ। ଖିମ୍‌ଜୀରେ ଆମେ ବିଶ୍ୱାସ ରଖୁଛୁ ଯେ, ପ୍ରତ୍ୟେକ ୟୁନିଟ୍ ରକ୍ତର ତିନିଟି ମୂଲ୍ୟବାନ ଜୀବନ ବଞ୍ଚାଇବାର ଶକ୍ତି ରହିଛି। ଏହି ପ୍ରୟାସ ଅନୁକମ୍ପା, ଯତ୍ନ ଏବଂ ପିଢି ପରେ ପିଢି ଆମ ଉପରେ ବିଶ୍ୱାସ ରଖିଆସୁଥିବା ସମାଜ ପ୍ରତି ପ୍ରତିଦାନ ରଖିବା ନିମନ୍ତେ ଆମର ଦୀର୍ଘସ୍ଥାୟୀ ମୂଲ୍ୟବୋଧର ଏକ ବାସ୍ତବ ପ୍ରତିଫଳନ ହୋଇଛି।

# ଦୈନିକ ୩.୫ ଲକ୍ଷ ଡିଜିଟାଲ ବୁକିଂ କରିବ ରେଡବସ୍

ଭୁବନେଶ୍ୱର,୧୦।୧୧
(ଅନୁରାଧା ମହାରଣା)

ବିଶ୍ୱର ସର୍ବବୃହତ ଅନ୍‌ଲାଇନ ବସ୍ ଟିକେଟିଂ ପ୍ଲାଟଫର୍ମ ରେଡବସ୍ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ସହ ଏହାର ସହଭାଗିତା ଘୋଷଣା କରିଛି। ଏହି ସହଯୋଗ ରେଡବସ୍ ବ୍ୟବହାରକାରୀଙ୍କୁ ରେଡବସ୍ ପ୍ଲାଟଫର୍ମ ମାଧ୍ୟମରେ ଓଏସ୍‌ଆର୍‌ଟିସିରେ ବୁକିଂ କରିବାକୁ ଅନୁମତି ଦେବ, ଯେଉଁଥିରେ ଏହାର ସହଯୋଗୀ ସେବା ଯେପରିକି ଶ୍ରୀଜଗନ୍ନାଥ ଏକ୍ସପ୍ରେସ, ସିଏମ୍ ବସ ସେବା ଓ ମୁଖ୍ୟମନ୍ତ୍ରୀଙ୍କ ବସସେବା ଅନ୍ତର୍ଭୁକ୍ତ। ରେଡବସ୍ ଏବେ ରାଜ୍ୟ ମାଲିକାନାରେ ଥିବା ବସ ପରିବହନ ନିଗମର ୩.୫ ଲକ୍ଷ ଦୈନିକ ଯାତ୍ରୀଙ୍କୁ ରେଡବସ ଆପ ମାଧ୍ୟମରେ ସହଜରେ ସେମାନଙ୍କ ସିଟ୍ ବୁକ କରିବାକୁ ସକ୍ଷମ କରିବ। ରେଡବସ୍‌ରେ ୧୪ ହଜାର ସିଟ(ପ୍ରତିଦିନ)ର ଇନଭେଣ୍ଟାରୀ ରଖିବାକୁ ସକ୍ଷମ କରିଥାଏ, ଯାହା ସମଗ୍ର ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ମଧ୍ୟପ୍ରଦେଶରୁ ନିଗମ ପାଇଁ ଅନଲାଇନ ଟିକଟ ବିକ୍ରୟକୁ ବୃଦ୍ଧି କରିଥାଏ। ଓଏସ୍‌ଆର୍‌ଟିସିର ଫ୍ଲିଟ ଅନ୍ତର୍ଭୁକ୍ତ ହେବା ସହ ରେଡବସରେ ଉପଲବ୍ଧ ମୋଟ ବସ ସଂଖ୍ୟା ଓଡ଼ିଶାରେ ପ୍ରାୟ ୬୦% ବୃଦ୍ଧି ପାଇବ। ରେଡବସ୍‌ର ସିବିଓ ମନୋଜ ଅଗ୍ରୱାଲା କହିଛନ୍ତି ଯେ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ସହିତ କାମ କରିବା ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ, ବ୍ୟବସାୟିକ ଏବଂ ଗ୍ରାହକ ଦୃଷ୍ଟିକୋଣରୁ ଏହା ମହତ୍ତ୍ୱପୂର୍ଣ୍ଣ।

# ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ସମ୍ପର୍କ




ଭୁବନେଶ୍ୱର,୧୦।୧୧

ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ସାମୁଦାୟିକ ବିକାଶ ପଦକ୍ଷେପ, ପ୍ରୋଜେକ୍ଟ ସମ୍ପର୍କ ମାଧ୍ୟମରେ ସ୍ୱାସ୍ଥ୍ୟ, ପୁଷ୍ଟି ଏବଂ ସ୍ଥାୟିତ୍ୱର ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। କାର୍ଯ୍ୟକ୍ରମର ଏକ ଅଂଶ ଭାବରେ କମ୍ପାନୀ ବଞ୍ଜାରୀ, କୁଡାଲୋଇ ଏବଂ ପିପଲିମାଲ ଗ୍ରାମରୁ ୧,୦୦୦ରୁ ଅଧିକ ମହିଳାଙ୍କୁ ରୋଷେଇ ଘର ଉଦ୍ୟାନ ଗ୍ରହଣ କରିବା ଏବଂ ଘରେ ଉତ୍ପାଦିତ ଜୈବିକ ଖାଦ୍ୟ ଅଭ୍ୟାସ ଗ୍ରହଣ କରିବା ପାଇଁ ପ୍ରସ୍ତୁତ କରିଛି। ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଜୈବିକ ସାର ସହିତ ୧୦ ପ୍ରକାରର ପନିପରିବା ବିହନ ଥିବା ଏକ ରୋଷେଇ ଘର ଉଦ୍ୟାନ କିଟ୍ ପ୍ରଦାନ କରାଯାଇଛି। ମହିଳା ଏବଂ ଅଙ୍ଗନୱାଡିକର୍ମୀଙ୍କୁ ଏହା ବଣ୍ଟନ କରାଯାଇଥିଲା। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ସ୍ଥାୟୀ ବିକାଶ ସମ୍ପ୍ରଦାୟକୁ ସଶକ୍ତ କରିବା ସହିତ ଆରମ୍ଭ ହୁଏ। ପ୍ରୋଜେକ୍ଟ ସମ୍ପର୍କ ମାଧ୍ୟମରେ ଆମେ ଗ୍ରାମୀଣ ଓଡ଼ିଶାର ମହିଳାମାନଙ୍କୁ ରୋଷେଇ ଘର ଉଦ୍ୟାନ ଚାଷ କରି ସେମାନଙ୍କ ପରିବାରର ପୁଷ୍ଟି ଏବଂ କଲ୍ୟାଣର ଦାୟିତ୍ୱ ନେବାକୁ ସକ୍ଷମ କରୁଛୁ।

# କାର୍ବନ ନିର୍ଗମନ ହ୍ରାସକୁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଗୁରୁତ୍ୱ

ଭୁବନେଶ୍ୱର,୧୦।୧୧

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍‌ଏନ୍‌ଏସ୍ ଇଣ୍ଡିଆ) ଆର୍ଥିକ ବର୍ଷ ୨୦୨୪-୨୦୨୫ ପାଇଁ ଏହାର ସଷ୍ଟେନେବିଲିଟି ରିପୋର୍ଟ ପ୍ରକାଶ କରିଛି, ଯାହା ଡିକାର୍ବୋନାଇଜେଶନ, ସର୍କୁଲାରିଟି ଏବଂ ଗୋଷ୍ଠୀମାନଙ୍କ ସଶକ୍ତୀକରଣ ପ୍ରତି ଏହାର ପ୍ରତିବଦ୍ଧତା ଉପରେ ମାପଯୋଗ୍ୟ ଅଗ୍ରଗତିକୁ ସୂଚିତ କରିଛି। ଗ୍ଲୋବାଲ ରିପୋର୍ଟିଂ ଇନିସିଏଟିଭ (ଜିଆର୍‌ଆଇ) ୨୦୨୧, ୟୁରୋପିଆନ ସଷ୍ଟେନେବିଲିଟି ରିପୋର୍ଟିଂ ଷ୍ଟାଣ୍ଡାର୍ଡସ (ଇଏସ୍‌ଆର୍‌ଏସ), ଇଣ୍ଟିଗ୍ରେଟେଡ ରିପୋର୍ଟିଂ (ଆଇଆର) ଏବଂ ବ୍ୟବସାୟିକ ଦାୟିତ୍ୱ ଏବଂ ସଷ୍ଟେନେବିଲିଟି ରିପୋର୍ଟିଂ (ବିଆର୍‌ଏସଆର) ଭଳି ବିଶ୍ୱ ମାନକ ସହିତ ସମନ୍ୱୟ ରକ୍ଷା କରି ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଏବଂ ସର୍କୁଲାରିଟିକୁ ଗ୍ରହଣ କରିବା ପାଇଁ ଏଏମ୍‌ଏନ୍‌ଏସ ଇଣ୍ଡିଆର ପ୍ରୟାସ ସମ୍ପର୍କରେ ଏହି ରିପୋର୍ଟରେ ମଧ୍ୟ ଉଲ୍ଲେଖ କରାଯାଇଛି । ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍‌ଏନ୍‌ଏସ୍ ଇଣ୍ଡିଆ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ଉମେନ କହିଛନ୍ତି, ସ୍ଥାୟିତ୍ୱ ଆମର ବ୍ୟବସାୟ ପରିଚାଳନାର ଏକ ଅବିଚ୍ଛେଦ୍ୟ ଅଂଶ, ଯାହା ନବସୃଜନକୁ ପ୍ରୋତ୍ସାହନ, ଜାତୀୟ ଜଳବାୟୁ କାର୍ଯ୍ୟନ୍ୱୟନ ଲକ୍ଷ୍ୟରେ ଯୋଗଦାନ ଏବଂ ଆମର କର୍ମଚାରୀ ଏବଂ ଅନ୍ୟାନ୍ୟ ସମସ୍ତ ଅଂଶୀଦାରଙ୍କ କଲ୍ୟାଣ ଏବଂ ସୁରକ୍ଷାକୁ ସୁନିଶ୍ଚିତ କରୁଛି।

ଇନ୍ଦ୍ରିୟମାନଙ୍କର କ୍ରିୟାକଳାପ ବା ପ୍ରାଣର ଆବେଗ କିମ୍ବା କାମନା ବାସନାଗୁଡ଼ିକୁ ଯଦି ଆମେ ପରିହାର ବା ଦମନ କରୁ – ତେବେ ଆମେ ସେଗୁଡ଼ିକୁ ନିରାମୟ କରି ପାରିବା ନାହିଁ। ତା'ପରିବର୍ତ୍ତେ ଆମେ ଯଦି ସେଗୁଡ଼ିକୁ ବୁଦ୍ଧି ଓ ବିବେକ ଦ୍ୱାରା ଅନୁଶାସିତ ବା ପରିଶୀଳିତ କରୁ ବା ମାର୍ଜିତ କରୁ– ତା'ହେଲେ ସେମାନଙ୍କ ଉପଦ୍ରବରୁ ଆମେ ରକ୍ଷା ପାଇବା। –ଶ୍ରୀମା



# ଶ୍ରେଣୀ ବିପଦ

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପୁଅ ପାର୍ଥ ଓ ତାଙ୍କ ବ୍ୟବସାୟିକ ସହଯୋଗୀ ପୁନେର ମୁନ୍ଧୱା-କେରୋଗାଁଓ ପାର୍କ ଅଞ୍ଚଳରେ ୪୦ ଏକର ସରକାରୀ ଜମିକୁ ୩୦୦ କୋଟି ଟଙ୍କାରେ କିଣିବା ବିଷୟ ପ୍ରଘଟ ହେବା ପରେ ମହାରାଷ୍ଟ୍ର ରାଜନୀତିରେ ଉତ୍ତାପ ବୃଦ୍ଧି ପାଇଛି। ଏହି ଜମିର ମୂଲ୍ୟ ୧,୮୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିବା ବେଳେ ତାହାକୁ କାରସାଦି କରାଯାଇ କିଣାଯାଇଥିବା ଅଭିଯୋଗ ହୋଇଛି। ଫଳରେ ଭାଜପା ପରିଚାଳିତ ମହାୟୁତି ସରକାର ଅଡୁଆରେ ପଡ଼ିଛନ୍ତି। ସୂଚନା ଦିଆଯାଇପାରେ ଯେ, ସେଠାରେ ଭାଜପା ନେତା ଦେବେନ୍ଦ୍ର ଫଡ୍‌ନବିସ ମୁଖ୍ୟମନ୍ତ୍ରୀ ଥିବା ବେଳେ ଜାତୀୟତାବାଦୀ କଂଗ୍ରେସ ପାର୍ଟି(ଏନ୍‌ସିପି)ରୁ ଅଜିତ ପାୱାର ଓ ଶିବ ସେନାରୁ ଏକନାଥ ସିନ୍ଦେ ଉପମୁଖ୍ୟମନ୍ତ୍ରୀ ଅଛନ୍ତି। ଭାଜପା ଦୁର୍ନୀତିକୁ ପ୍ରଶ୍ରୟ ଦିଏ ନାହିଁ ବୋଲି କହୁଥିବା ବେଳେ ମେଣ୍ଟ ସରକାରର ଉପମୁଖ୍ୟମନ୍ତ୍ରୀଙ୍କ ପୁଅ ଜମି ହେରଫେରରେ ଜଡ଼ିତ ରହିବା ମହାରାଷ୍ଟ୍ର ରାଜନୀତିକୁ ଗରମ ରଖିବା ସ୍ୱାଭାବିକ। ସବୁଠାରୁ କୌତୂହଳ କଥା ହେଉଛି ସ୍ୱୟଂ ଅଜିତ ପାୱାର କହିଛନ୍ତି, କିଣାଯାଇଥିବା ଜମି ସରକାରଙ୍କର ବୋଲି ତାଙ୍କ ପୁଅ ଓ ସହଯୋଗୀମାନେ ଜାଣି ନ ଥିଲେ। ବିରୋଧୀ ଦଳଗୁଡ଼ିକ ଉପମୁଖ୍ୟମନ୍ତ୍ରୀ ଅଜିତଙ୍କ ଏହି ଘଟଣାରେ ସମ୍ପୃକ୍ତି ଥିବା ଅଭିଯୋଗ ଆଣି ନୈତିକ ଦୃଷ୍ଟିକୋଣରୁ ସେ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି। ଏ ନେଇ ସେମାନେ ନ୍ୟାୟିକ ତଦନ୍ତ ମଧ୍ୟ ଦାବି କଲେଣି।

ଏଠାରେ ଉଲ୍ଲେଖଯୋଗ୍ୟ, ଆଜିର ଭାରତରେ ତୁଳନାତ୍ମକ ଭାବରେ ଦେଖିଲେ ଅଜିତ୍ ପାୱାରଙ୍କ ପୁତ୍ର ସରକାରୀ ଜମି ପାଇଁ ଅତ୍ୟଧିକ ଅର୍ଥ ଦେଇ ଜମି ହାତେଇଛନ୍ତି। ଅନ୍ୟ ଗୋଟିଏ ଉଦାହରଣ ଦେଖାଯାଉ। ବିହାରର ଭାଗଲପୁର ଜିଲାରେ ଆଦାନୀ କମ୍ପାନୀକୁ କୋଇଲା ଚାଳିତ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କାରଖାନା ସ୍ଥାପନ କରିବା ପାଇଁ ୧,୦୫୦ ଏକର ଜମି ରାଜ୍ୟ ସରକାର ୩୩ ବର୍ଷ ପାଇଁ ଲିଜ୍ ଆକାରରେ ଦେଇଛନ୍ତି। ଆଦାନୀକୁ ମୂଲ୍ୟ ଭାବେ ପ୍ରତ୍ୟେକ ବର୍ଷ ଏକର ପିଛା ୧ ଟଙ୍କା ଦେବାକୁ ବାଧ କରାଯିବ। ଅର୍ଥାତ୍ ୧,୦୫୦ ଏକର ପାଇଁ ବାର୍ଷିକ ୧,୦୫୦ ଟଙ୍କା ଦେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଲିଜ୍ ଦିଆଗଲା। ଅନିର୍ଦ୍ଦିଷ୍ଟ କାଳ ଏଇଥିପାଇଁ କୁହାଯାଉଛି କାରଣ ସରକାରୀ ଜମିକୁ ଯେଉଁ ଉଦ୍ଦେଶ୍ୟରେ ଦିଆଯାଇଛି ସେହି ଉଦ୍ଦେଶ୍ୟରେ ଯଦି ବ୍ୟବହାର କରାଯାଏ, ତେବେ ସବୁବେଳେ ଲିଜ୍ ନବୀକରଣ ହୋଇଚାଲୁଥିବ। ଉଲ୍ଲେଖଯୋଗ୍ୟ ଯେ, ଭାଗଲପୁର ଜମି ଉପରେ ଥିବା ପ୍ରାୟ ୧୦ ଲକ୍ଷ ଗଛ କଟାଯିବା ଆରମ୍ଭ ହୋଇଛି, ଯାହାକୁ ଚାଷୀ ସଙ୍ଗଠନଗୁଡ଼ିକ ବିରୋଧ କରିଛନ୍ତି। ପରବର୍ତ୍ତୀ ସମୟରେ, ଉତ୍ପାଦନ ଆରମ୍ଭ ହେବା ପରେ, କମ୍ପାନୀ ତାହାର ବିଦ୍ୟୁତ୍ ୟୁନିଟ୍ ପିଛା ୬ ଟଙ୍କାରେ ରାଜ୍ୟ ସରକାରଙ୍କୁ ବିକ୍ରି କରିବ।

> ଦେଶରେ କୋଟିପତି ସୃଷ୍ଟି ହେଲେ ସେମାନଙ୍କ ମାଧ୍ୟମରେ ଅନେକ ସାଧାରଣ ଲୋକ ଚାକିରି କରି ଦରମା ପାଇବେ। କିନ୍ତୁ ଯେତେବେଳେ ରାଜନୈତିକ କ୍ଷମତା ବ୍ୟବହାର କରାଯାଏ, ସେତେବେଳେ ଯେଉଁ ବଡ଼ କର୍ପୋରେଟ ବା କୋଟିପତି ଶ୍ରେଣୀ ସୃଷ୍ଟି ହୁଏ, ସେହି ଶ୍ରେଣୀ ଦେଶ ଏବଂ ସମାଜର ମନ୍ଦ କରିବସିବେ।

ଏଭଳି ପ୍ରଚ୍ଛଦପଟରେ ଗୋଟିଏ ବିଷୟ ମନକୁ ଆସୁଛି। ସମସ୍ତେ ମନେରଖିବା ଉଚିତ ହେବ ଯେ ଦେଶ ଏବଂ ସମାଜ ପାଇଁ ଅଧିକରୁ ଅଧିକ କୋଟିପତି ସୃଷ୍ଟି ହେବା ମଙ୍ଗଳମୟ। ଚାଇନା ଭଳି କମ୍ୟୁନିଷ୍ଟ ଦେଶରେ ମଧ୍ୟ ବୁଦ୍ଧି ଖଟାଇ କୋଟିପତି ହେବାର ଯଥେଷ୍ଟ ସୁଯୋଗ ସୃଷ୍ଟି କରାଯାଇଛି। ତେବେ ଏହି କୋଟିପତିମାନେ ସରକାରୀ କାର୍ଯ୍ୟ, ନିର୍ବାଚନ ପ୍ରକ୍ରିୟା ଏପରିକି ଗଣମାଧ୍ୟମର ମାଲିକାନା କିମ୍ବା ପରିଚାଳନାରେ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଚାଇନାରେ ବ୍ୟବସ୍ଥା ଅଛି। ଅନ୍ୟ ଭାଷାରେ କହିବାକୁ ଗଲେ କୋଟିପତି ହେବା ଅପରାଧ ନୁହେଁ ଏବଂ ଜଣେ ହୋଇପାରିବେ। କିନ୍ତୁ କୋଟିପତି ଶ୍ରେଣୀ ସୃଷ୍ଟି କଲେ ତାହା ଦେଶ ପାଇଁ କ୍ଷତିକାରକ ହେବ। ଏହାର କାରଣ ମୁଖ୍ୟତଃ ବୁଝାପଡ଼େ ଯେ ସେହି ଅତୁଳନୀୟ ସମ୍ପତ୍ତିର ମାଲିକମାନେ ସବୁ କ୍ଷେତ୍ରରେ ମୁଣ୍ଡ ପୂରାଇଲେ ପରବର୍ତ୍ତୀ ସମୟରେ ସେମାନେ ପଛରେ ରହି ଦେଶର ମଙ୍ଗ ଧରିବାକୁ ପ୍ରଚେଷ୍ଟା କରିବେ। ଗୋଟିଏ ଗଣତାନ୍ତ୍ରିକ ଜନମଙ୍ଗଳ ରାଷ୍ଟ୍ରରେ ଆଦାନୀ ଓ ଟାଟାଙ୍କ ଭଳି ହାତଗଣତି କେତେ କମ୍ପାନୀକୁ ଯଦି ଆକାଶଠୁ ଭୂମି ପର୍ଯ୍ୟନ୍ତ ସବୁକିଛି ଟେକି ଦିଆଯାଏ, ତେବେ ଖୁବ୍‌ଶୀଘ୍ର ଜନସାଧାରଣଙ୍କ କ୍ଷତି ଘଟିବ।

ଶେଷରେ ଅଜିତ୍ ପାୱାରଙ୍କ ପୁତ୍ର ହାତେଇ ନେଇଥିବା ସରକାରୀ ଜମିକୁ ବ୍ୟବହାର କରିବେ କି ନାହିଁ ତାହା କେହି କହିପାରିବେ ନାହିଁ। ହୁଏତ ପରବର୍ତ୍ତୀ ସମୟରେ ସେହି ଜମିକୁ କୌଣସି ଗୋଟିଏ ବଡ଼ କର୍ପୋରେଟ ହାଉସ୍‌କୁ ଆହୁରି ଅଧିକ ଅର୍ଥରେ ବିକ୍ରି କରିଦେଇପାରନ୍ତି। ତେଣୁ ମୁଖ୍ୟ ବିଷୟ ହେଲା କୋଟିପତି ସୃଷ୍ଟି ହେଲେ ସେମାନଙ୍କ ମାଧ୍ୟମରେ ଅନେକ ସାଧାରଣ ଲୋକ ଚାକିରି କରି ଦରମା ପାଇବେ। କିନ୍ତୁ ଯେତେବେଳେ ରାଜନୈତିକ କ୍ଷମତା ବ୍ୟବହାର କରାଯାଏ, ସେତେବେଳେ ଯେଉଁ ବଡ଼ କର୍ପୋରେଟ ବା କୋଟିପତି ଶ୍ରେଣୀ ସୃଷ୍ଟି ହୁଏ, ସେହି ଶ୍ରେଣୀ ଦେଶ ଏବଂ ସମାଜର ମନ୍ଦ କରିବସିବେ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | 9 | 3 | | 8 | 4 |
| | | | | | 7 | 1 | | 9 |
| | | 6 | | | | | 5 | |
| | 3 | | | | | | 1 | |
| | | | | | 5 | 7 | | |
| | 8 | 2 | | | | | | |
| | | | | 6 | | 8 | | |
| | | | 2 | | 9 | | | |
| 8 | | | | | | | 9 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 9 | 2 | 3 | 7 | 6 | 5 | 4 |
| 4 | 6 | 7 | 9 | 5 | 8 | 2 | 1 | 3 |
| 5 | 2 | 3 | 4 | 1 | 6 | 7 | 8 | 9 |
| 2 | 5 | 6 | 1 | 8 | 4 | 3 | 9 | 7 |
| 3 | 4 | 8 | 7 | 9 | 2 | 5 | 6 | 1 |
| 7 | 9 | 1 | 5 | 6 | 3 | 4 | 2 | 8 |
| 8 | 7 | 5 | 6 | 4 | 1 | 9 | 3 | 2 |
| 9 | 3 | 2 | 8 | 7 | 5 | 1 | 4 | 6 |
| 6 | 1 | 4 | 3 | 2 | 9 | 8 | 7 | 5 |

ଗତକାଲିର ଉତ୍ତର

# ଦେଶ ପ୍ରଗତିରେ ସମବାୟ



ପ୍ରତାପ ଚନ୍ଦ୍ର ସାମଲ

ଭାରତରେ ସ୍ୱାଧୀନତାର ବହୁ ପୂର୍ବରୁ ସମବାୟ ଆନ୍ଦୋଳନର ମୂଳଦୁଆ ପଡ଼ିଥିଲା। କିନ୍ତୁ ତାହା କୃଷିଋଣ ପ୍ରଦାନ ମଧ୍ୟରେ ଥିଲା ସୀମିତ। ପଞ୍ଚବାର୍ଷିକ ଯୋଜନା ପ୍ରଣୟନ ତଥା ରୂପାୟନ ପରେ ଆମ ଦେଶରେ ସମବାୟ କ୍ଷେତ୍ରରେ ଅନେକ କିଛି ଯୁଗାନ୍ତକର ପଦକ୍ଷେପ ନିଆଯାଇଛି। ଦେଶର ଅର୍ଥନୈତିକ ପ୍ରଗତିର ଏକ ବଳିଷ୍ଠ ମାଧ୍ୟମ ରୂପେ ସମବାୟ ପ୍ରତିପାଦିତ। ସମବାୟ ଯୋଜନା ପରିଷଦ ୧୯୪୭ ମସିହାରେ ଦୃଢ଼ ମତପୋଷଣ କରିଥିଲେ ଯେ ଅର୍ଥନୈତିକ ଯୋଜନାର ଗଣତନ୍ତ୍ରୀକରଣ ପ୍ରକ୍ରିୟାରେ ସମବାୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ଗ୍ରାମାଞ୍ଚଳର ଲୋକଙ୍କୁ ଯୋଜନାବଦ୍ଧ ଅର୍ଥନୈତିକ ବିକାଶ ପ୍ରକ୍ରିୟା ମାଧ୍ୟମରେ ସଚେତନ କରିଥିଲା। ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ସମବାୟ ଆନ୍ଦୋଳନକୁ ଦେଶରେ ଯୋଜନାବଦ୍ଧ ଅର୍ଥନୈତିକ ପ୍ରଗତିର ଅପରିହାର୍ଯ୍ୟ ମାଧ୍ୟମ ରୂପେ ଅଭିହିତ କରାଯାଇଥିଲା। କିନ୍ତୁ ସମବାୟ ଆନ୍ଦୋଳନର ପ୍ରଗତି ତଥା ଭୂମିକା ଅଧ୍ୟୟନ କରି ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଗଠିତ ଅଲ୍ ଇଣ୍ଡିଆ ରୁରାଲ ସର୍ଭେ କମିଟି ରିପୋର୍ଟ ୧୯୫୪ ମସିହାରେ ପ୍ରତିକୂଳ ମନ୍ତବ୍ୟ ଦେଇଥିଲେ ଯେ, ଭାରତରେ ସମବାୟ ଆନ୍ଦୋଳନ ବିଫଳ ହୋଇଛି, ଏହାକୁ ସଫଳ କରିବା ପାଇଁ ସରକାର ସମବାୟକୁ ନିର୍ଣ୍ଣାୟକ ଭୂମିକା ରୂପେ ଗ୍ରହଣ କରିଛନ୍ତି। ଯେଉଁ ସବୁ କୃଷି ପରିବାର ସାହୁକାରଙ୍କଠାରୁ ଋଣ ଗ୍ରହଣ କରୁଥିଲେ ସେମାନଙ୍କ ଦୁର୍ଦ୍ଦଶା ଅକଥନୀୟ ହୋଇପଡ଼ିଥିବା ବେଳେ ଏବେ ଦେଶରେ ବିନିଯୋଗ ହୋଇଥିବା ମୋଟ୍ କୃଷିଋଣର ଶତକଡ଼ା ୬୭ ଭାଗ ଅର୍ଥ ସମବାୟ ମାଧ୍ୟମରେ ଯୋଗାଇ ଦିଆଯାଇଛି। ଜମିର ଉନ୍ନତୀକରଣ, ଆଧୁନିକ ପଦ୍ଧତିରେ ଚାଷ, ଉନ୍ନତ ଯନ୍ତ୍ରପାତିର ବ୍ୟବହାର, ଅଧିକ ଅମଳକ୍ଷମ ବିହନ ଏବଂ ଜୈବିକ କୃଷି ତଥା ସାର ପ୍ରୟୋଗ କରି ଖାଦ୍ୟଶସ୍ୟ ଉତ୍ପାଦନର ବୃଦ୍ଧି ଏବଂ ଅର୍ଥନୈତିକ ଜୀବନର ମାନଦଣ୍ଡ ବୃଦ୍ଧି କରାଇବା ପାଇଁ ସମବାୟ ସମିତିମାନଙ୍କର ସେବା ପ୍ରଣିଧାନଯୋଗ୍ୟ।

ଜମିର ଉନ୍ନତୀକରଣ ପାଇଁ ଗଭୀର କୂପ ଓ ନଳକୂପ ଖନନ, କେନାଲ ଓ ନଦୀର ପ୍ରବାହିତ ଜଳକୁ ପମ୍ପଦ୍ୱାରା ଚାଷଜମିକୁ ପାଣି ମଡ଼ାଇବା ନିମନ୍ତେ ଆର୍ଥିକ ସହାୟତା, ବିଭିନ୍ନ ପ୍ରକାର ଫଳ ବଗିଚା ପାଇଁ ଋଣ ଯୋଗାଇ ଦିଆଯାଉଛି। ସହରାଞ୍ଚଳଗୁଡ଼ିକରେ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କଗୁଡ଼ିକ ଛୋଟ ଛୋଟ ପାନ ଦୋକାନୀ, ପରିବା ଓ ଫଳ ବିକାଳି, ରିକ୍ସାବାଲା, ସାଇକେଲ ଦୋକାନୀ, ଅଟୋରିକ୍ସା, ଜନସେବା କେନ୍ଦ୍ର, କ୍ଷୁଦ୍ର ବ୍ୟବସାୟୀ, ଟ୍ରାଭେଲ୍ସ, ଡି.ଟି.ପି. ପ୍ରକାଶନ, ବହି ବନ୍ଧେଇ, ମନୋହରି ଓ ଡେଜରାତି ଦୋକାନ ପାଇଁ ଋଣ ପ୍ରଦାନ କରୁଛନ୍ତି। ଫଳରେ ଉକ୍ତ ବ୍ୟବସାୟରୁ କିଛି ଲାଭ ପାଇ ଲୋକେ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଉଛନ୍ତି। ଏହା ସହିତ ବେକାରି ସମସ୍ୟା ଦୂରୀଭୂତ ହୋଇପାରିଛି। ସୁଲଭ ମୂଲ୍ୟରେ ଗ୍ରାମାଞ୍ଚଳରେ ସମବାୟ ସମିତି ଦ୍ୱାରା ସାର, ବିହନ, ପୋକମରା ଔଷଧ, ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ସୁଲଭ ମୂଲ୍ୟରେ ଖାଉଟି ସାମଗ୍ରୀ ଯୋଗାଣ, ସଭ୍ୟମାନଙ୍କୁ ବାସଗୃହ ନିର୍ମାଣ ପାଇଁ ଋଣ ଯୋଗାଣ, କୁଶଳୀ କାରିଗରଙ୍କୁ ଆର୍ଥିକ ସହାୟତା ପ୍ରଦାନ, ଚାଷୀ ତଥା ସମବାୟର ସଭ୍ୟମାନଙ୍କ ଦ୍ୱାରା ଉତ୍ପାଦିତ ତଥା ସଂଗୃହୀତ ଦ୍ରବ୍ୟର ଉପଯୁକ୍ତ ବିପଣନ ଇତ୍ୟାଦି ଅନେକ ସୁବିଧା ଓ ସେବା ସମବାୟ ଦ୍ୱାରା ପ୍ରଦାନ କରାଯାଉଛି। ଅର୍ଥନୈତିକ ଓ ଗୁଣାତ୍ମକ ପ୍ରଗତି ପ୍ରକ୍ରିୟାରେ ଋଣର ପ୍ରକୃତ ବିନିଯୋଗ, ଠିକ୍ ସମୟରେ ଋଣ ପରିଶୋଧ, ଆର୍ଥିକ ତଥା ସାମାଜିକ ଜୀବନର ଉନ୍ନତି ସାଧନ ଓ ଜନସଚେତନତା ସୃଷ୍ଟି କରାଯାଇ ଆତ୍ମବିଶ୍ୱାସ, ଆତ୍ମନିର୍ଭରଶୀଳ ଏବଂ ଦୃଢ଼ ମନୋବଳର ବାତାବରଣ ସୃଷ୍ଟିକରି ସର୍ବସାଧାରଣଙ୍କର ଉନ୍ନତି ସାଧନ ପାଇଁ ସମବାୟ ଆନ୍ଦୋଳନ ଉତ୍ସର୍ଗୀକୃତ।



ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ପ୍ରାଥମିକ ସେବା ସମବାୟ ସମିତି ସ୍ୱଚ୍ଛଳଭାବେ କାର୍ଯ୍ୟ କରିବା ଆବଶ୍ୟକ। କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ସମବାୟ ପୁନଃ ଦୃଢ଼ୀକରଣ ଯୋଜନା ଏକ ସମୟ ଉପଯୋଗୀ ପଦକ୍ଷେପ। ଏହା କାର୍ଯ୍ୟକାରୀ ହେଲେ ଅନେକ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟକ୍ଷମ ହୋଇପାରିବେ ଏବଂ କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକ ଅଧିକ ଦକ୍ଷତା ହାସଲ କରିପାରିବେ। ଏହା ବ୍ୟତୀତ ଗ୍ରାମାଞ୍ଚଳରେ ସଚେତନତାର ଅଭାବ ପରିଲକ୍ଷିତ ହେଉଛି। ଦୀର୍ଘଦିନ ହେଲା କିଷାନ୍ କ୍ରେଡିଟ୍ କାର୍ଡ ପ୍ରଚଳନର ସୁବିଧା ଅନେକ ସଭ୍ୟ ପାଇପାରିନାହାନ୍ତି। ଆଜି ମଧ୍ୟ ସମିତି କର୍ମଚାରୀଙ୍କ ଦ୍ୱାରା କିଷାନ୍ କ୍ରେଡିଟ୍ କାର୍ଡଧାରୀଙ୍କର ବ୍ଲାଙ୍କ୍ କିଷାନ୍ କ୍ରେଡିଟ୍ ଚେକ୍ ଓ ବ୍ଲାଙ୍କ ବ୍ୟାଙ୍କ ଚେକ୍ ଉପରେ ଦସ୍ତଖତ ନିଆଯାଇ କିଷାନ୍ କ୍ରେଡିଟ୍ ପାସ୍‌ବୁକ୍ ସହିତ ସମିତିରେ ମହଜୁଦ ରଖାଯାଉଛି। କାର୍ଡଧାରୀମାନଙ୍କୁ ନ ଜଣାଇ ସମୟ କ୍ରମେ ସେବା ସମବାୟ ସମିତିର ସମ୍ପାଦକମାନେ ବ୍ଲାଙ୍କ୍ ଚେକ୍‌କୁ ପୂରଣ କରି ବ୍ୟାଙ୍କ କର୍ମଚାରୀମାନଙ୍କ ସଲାସୁତରାରେ କାର୍ଡଧାରୀମାନଙ୍କ ନାମରେ ଋଣ ଉଠାଇ ନିଜ ନିକଟରେ ରଖି କେତେକ କ୍ଷେତ୍ରରେ କିଛି ପରିମାଣର ଋଣ ଦିଅନ୍ତି। ଚାଷୀଟି ସମିତି ସମ୍ପାଦକଙ୍କୁ ବିଶ୍ୱାସ କରି ବ୍ଲାଙ୍କ ଚେକ୍‌ରେ ଦସ୍ତଖତ କରି ଦେଉଥିଲାବେଳେ ସମିତି ସମ୍ପାଦକ ଋଣୀର ବିଶ୍ୱାସରେ ବିଷ ଦେଇ ଚାଲିଛନ୍ତି। କିଷାନ କ୍ରେଡିଟ୍ ପାସ୍‌ବୁକ୍‌ଗୁଡ଼ିକ ମଧ୍ୟ ସମବାୟ ସମିତି ସମ୍ପାଦକଙ୍କ ନିକଟରେ ରହିଥାଏ। ଋଣୀ ସଭ୍ୟଟି କେତେ ଟଙ୍କା ଋଣ ନେଲା ତାହା ଜାଣିପାରେ ନାହିଁ। ଚାଷୀମାନଙ୍କୁ କୃଷିଋଣ ବିଷୟରେ ସଚେତନ କରାଯାଏ ନାହିଁ।

ସଭ୍ୟମାନେ ସମବାୟର କାର୍ଯ୍ୟଧାରାରେ ସକ୍ରିୟ ଅଂଶ ଗ୍ରହଣ କରିବା ଆବଶ୍ୟକ। ସମବାୟର କାର୍ଯ୍ୟଧାରାରେ ଅଂଶଗ୍ରହଣ କରୁଥିବା ଉଭୟ କର୍ମଚାରୀ ଓ ପରିଚାଳନା ପରିଷଦର ସଭ୍ୟମାନଙ୍କର କର୍ତ୍ତବ୍ୟ ସମ୍ପାଦନରେ ନିଷ୍ଠା, ସଚ୍ଚୋଟତା, ଏକାଗ୍ରତା ଏବଂ ଅଙ୍ଗୀକାରବଦ୍ଧତା ରହିବା ଅପରିହାର୍ଯ୍ୟ। ଆଧୁନିକ ଜ୍ଞାନ କୌଶଳର ପ୍ରକୃଷ୍ଟ ବିନିଯୋଗ, ଉଜ୍ଜ୍ୱଳ ମାନବସମ୍ବଳ ବିକାଶ, ସ୍ୱଚ୍ଛତା ଏବଂ କ୍ରିୟାଶୀଳତା ଏବଂ କମ୍ପ୍ୟୁଟରୀକରଣ ଦ୍ୱାରା ସମସ୍ତ କାର୍ଯ୍ୟ ସ୍ୱଚ୍ଛତା ସହ କାର୍ଯ୍ୟ କରିପାରିଲେ ଦେଶ ପ୍ରଗତିରେ ବଳିଷ୍ଠ ମାଧ୍ୟମ ରୂପେ ଜନସାଧାରଣଙ୍କୁ ସମବାୟ ମାଧ୍ୟମରେ ସେବା ଯୋଗାଇ ଦେବାର ଅବକାଶ ରହିଛି। ସରକାରଙ୍କର ମୁଖ୍ୟ କର୍ତ୍ତବ୍ୟ ହେଲା ପ୍ରତି ପ୍ରାଥମିକ ସମବାୟ ସମିତିରେ ଋଣ ତନଖି କାର୍ଯ୍ୟ ସୁପରିଚାଳନା ପାଇଁ ସୁପରଭାଇଜରମାନଙ୍କୁ ନିଯୁକ୍ତି ଦେବା ସଙ୍ଗେ ସଙ୍ଗେ ସରକାରୀ ଅଧିକାରୀଙ୍କ ଦ୍ୱାରା କମ୍ପ୍ୟୁଟରୀକରଣ ଠିକ୍ ରୂପେ ହୋଇଛି ବୋଲି ସହକାରୀ ସମବାୟ ନିବନ୍ଧକମାନଙ୍କ ଦ୍ୱାରା ସରକାରଙ୍କୁ ତଥ୍ୟ ଯୋଗାଇଲେ ଏହାର ସୁଫଳ ଜନସାଧାରଣ ପାଆନ୍ତେ। ଋଣ ଦୁର୍ନୀତର ମୂଳୋତ୍ପାଟନ ପାଇଁ ସରକାର ବିହିତ ପଦକ୍ଷେପ ନେବାପାଇଁ ତତ୍କାଳୀନ ଦୁର୍ନୀତିଗ୍ରସ୍ତ କର୍ମଚାରୀମାନଙ୍କୁ କାର୍ଯ୍ୟରୁ ନିବୃତ୍ତ କରି ସେମାନଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରାଯିବା ଦରକାର। ସେମାନଙ୍କଠାରୁ ଧାର୍ଯ୍ୟ ଅର୍ଥ ତତ୍କାଳିକଭାବେ ଆଦାୟ କରାଗଲେ ଦେଶ ପ୍ରଗତିରେ ସମବାୟର କାର୍ଯ୍ୟ ପ୍ରଶଂସନୀୟ ହୋଇପାରିବ। ସମବାୟ ସମୀକ୍ଷା ବିଭାଗରେ ସଚ୍ଚୋଟତା ନିହାତି ଆବଶ୍ୟକ। ଏହାର ବିଲୋପ ହେବା ଆବଶ୍ୟକ। ନାବାର୍ଡ ଦ୍ୱାରା ପ୍ରାଥମିକ ସମବାୟ ସମିତିକୁ ସିଧାସଳଖ ଋଣ ଯୋଗାଇବା ପାଇଁ ସମବାୟ ସମିତି ଆଇନ୍‌ରେ ସଂଶୋଧନ ହେବା ଆବଶ୍ୟକ। ସମିତିର ପରିଚାଳନା ପରିଷଦକୁ ଉପଯୁକ୍ତ ଦକ୍ଷତା ଥିବା ଶିକ୍ଷିତ ଓ ସଚ୍ଚୋଟ ବ୍ୟକ୍ତିମାନଙ୍କୁ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ କରିବା ସହିତ ସେମାନଙ୍କୁ ବୈଠକ ଭାର ଦିଆଯିବା ଆବଶ୍ୟକ। ନଚେତ୍ ସମବାୟ କର୍ମଚାରୀ ଓ ପରିଚାଳନା ପରିଷଦ ମଧ୍ୟରେ ମତପାର୍ଥକ୍ୟ ଦେଖାଦେଇ ଦୂରତ୍ୱ ବୃଦ୍ଧିପାଉଛି। ଏ ସବୁକୁ ବିଚାରକୁ ନେଇ ସମବାୟରେ ଯେତେ ଶୀଘ୍ର ସଂସ୍କାର ପାଇଁ ପଦକ୍ଷେପ ନିଆଯାଇପାରିବ ସେତେ ଶୀଘ୍ର ଏହାର ସୁଫଳ ଜନସାଧାରଣ ପାଇପାରିବେ। ନଚେତ୍ ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ନୀତିରେ ସମବାୟରେ ସମସ୍ତ ପ୍ରକାର କାର୍ଯ୍ୟ ବିଫଳ ହେବ।

ମୋ: ୯୦୯୦୩୨୫୮୦୨

# ମୋତେ କ୍ଷମା କର



ଡ. ସତ୍ୟ ନାରାୟଣ ମିଶ୍ର

ଜୀବନର ଗତିପଥରେ ମଣିଷର ଭୁଲ୍ ହୋଇଗଲେ ତାହାର ସଂଶୋଧନ ପାଇଁ ତାକୁ କିଛି ଦେବାକୁ ପଡ଼ିଥାଏ। ତାହା ଅର୍ଥର ରାଶି, କିଛି ସାମଗ୍ରୀ ବା ପାରିଶ୍ରମିକ ଇତ୍ୟାଦି ହୋଇପାରେ। କିନ୍ତୁ ଏତଦ୍ ଭିନ୍ନ ଅନ୍ୟ ଗୋଟିଏ ସଂଶୋଧନ ପାଇଁ ପନ୍ଥା ରହିଥାଏ ଯାହା ଥାଏ କ୍ଷମା। ଅନେକ ସମୟରେ ମଣିଷ ଭୁଲ୍ କଲେ ନିଜର ଆତ୍ମସଂଶୋଧନ ଓ ଆତ୍ମଜାଗରଣ ପାଇଁ କ୍ଷମା ଯାଚନା କରିଥାଏ। ମାତ୍ର ପ୍ରଶ୍ନ ଉଠେ ବ୍ୟକ୍ତି କ୍ଷମା ମାଗିବାବେଳେ ତା'ପ୍ରତି କେତେ ଅନୁରାଗ ଓ ସମ୍ବେଦନଶୀଳତା ଥାଏ ? କାରଣ ଭୁଲ୍ ପାଇଁ କ୍ଷମା ମାଗିବାବେଳେ ଭୁଲ୍‌ର ପୁନରାବୃତ୍ତି ନ ହେବା ପାଇଁ ବ୍ୟକ୍ତି ସଙ୍କଳ୍ପବଦ୍ଧ ହେବା ସହ ସେଥିପ୍ରତି ସଚେତନ ହୋଇଥାଏ। ମାତ୍ର ଯଦି ମଣିଷ ବାରମ୍ବାର ଭୁଲ୍ କରେ ଓ ବାରମ୍ବାର କ୍ଷମା ମାଗେ, ତେବେ ସେ କ୍ଷେତ୍ରରେ କ୍ଷମା ଏକ ପ୍ରହସନ ହୋଇଯାଏ। ବ୍ୟକ୍ତି ପାଲଟିଯାଏ ଏକ ନୀତିହୀନ ମଣିଷ। ଅତଏବ ଜ୍ଞାତସାରରେ ଭୁଲ୍ ନ କରିବା, ବାରମ୍ବାର କ୍ଷମା ଯାଚନା ନ କରିବା ହେଉଛି ବିବେକବାନ୍ ମଣିଷର ଅନ୍ତର୍ଦୃଷ୍ଟି।

ତେବେ କ୍ଷମା ମାଗିବା ଓ କ୍ଷମା ପ୍ରଦାନ କରିବା ମଧ୍ୟରେ ଥାଏ ଏକ ସେତୁ, ଯାହାକୁ ଅତିକ୍ରମ କରିବା ହେଉଛି ଏକ ସଂଘର୍ଷର ପୃଷ୍ଠଭୂମି। କଥୋପକଥନରେ ଭୁଲ୍ କରି ବାରମ୍ବାର ମୋତେ କ୍ଷମାକର କହିବା ହେଉଛି ଏକ ଅପରିଣାମଦର୍ଶୀ ଭିକ୍ଷା ବୃତ୍ତି। କ୍ଷମା ମାଗିବା ମୂଳତଃ କୌଣସି କାର୍ଯ୍ୟ ବା ନିଜର ନିଷ୍କ୍ରିୟତାକୁ ଯଥାର୍ଥ କରି ରକ୍ଷାକରିବା ପାଇଁ ବ୍ୟବହୃତ ଏକ ସୁପରିକଳ୍ପିତ ବ୍ୟାଖ୍ୟା, ଯାହା ପ୍ରାୟତଃ ଦାୟିତ୍ୱ ବା ନକାରାତ୍ମକ ପରିଣାମକୁ ଏଡ଼ାଇବା ପାଇଁ ଅନେକେ ବ୍ୟବହାର କରିଥାନ୍ତି। କ୍ଷମା ଉପରେ ଅତ୍ୟଧିକ ନିର୍ଭରଶୀଳ ବ୍ୟକ୍ତିଗତ ଅଭିବୃଦ୍ଧିରେ ବାଧା ସୃଷ୍ଟି କରିପାରେ ଓ ଅନେକ ସମୟରେ ଏଥିରେ ସମ୍ପର୍କ ନଷ୍ଟ ହୋଇଥାଏ। କ୍ଷମା ପ୍ରାୟତଃ ଦୋଷ ବଦଳାଇବା, ଦୋଷକୁ କମ୍ କରିବା ବା ଦୋଷ ହ୍ରାସକାରୀ ପରିସ୍ଥିତିକୁ ଅଧିକ ଉଜ୍ଜୀବିତ କରେ। କ୍ଷମା ମାଗି ବ୍ୟକ୍ତିମାନେ ଏକ ସକାରାତ୍ମକ ଆତ୍ମ-ପ୍ରତିଛବି ବଜାୟ ରଖିବାକୁ ଚେଷ୍ଟା କରିପାରନ୍ତି ଓ ଦୋଷ କିମ୍ବା ବିଫଳତାକୁ ସ୍ୱୀକାର କରିବାର ଅସୁବିଧାକୁ ଏଡ଼ାଇ ପାରନ୍ତି, ମାତ୍ର ସ୍ଥିତି ଓ ପରିସ୍ଥିତିର ସମନ୍ୱୟରେ ଅନେକ ସମୟରେ ମଣିଷ କ୍ଷମା ନିକଟରେ ପରାସ୍ତ ହୋଇ ନିଜକୁ ଧିକ୍କାର କରିଥାଏ।

କ୍ଷମା ମଣିଷକୁ ଅସ୍ଥାୟୀ ଆନନ୍ଦ ଦେଇପାରେ ମାତ୍ର ତାହା ଥାଏ ବ୍ୟକ୍ତିର ଦୀର୍ଘକାଳୀନ ନକାରାତ୍ମକ ପରିଣାମ, କାରଣ ମଣିଷ ଭୁଲ୍‌ରୁ ଶିକ୍ଷାଲାଭ କରିଥାଏ। ଯଦି ଭୁଲ୍ ନ କରିବା ପାଇଁ ମଣିଷ ସଚେତନ ହୁଅନ୍ତା ତେବେ କ୍ଷମାର ନଜରବନ୍ଦୀରୁ ମୁକ୍ତି ପାଇପାରନ୍ତା। ମାତ୍ର ବାରମ୍ବାର କ୍ଷମା ଭିକ୍ଷା ବିଶ୍ୱାସ ଓ ସମ୍ପର୍କକୁ କ୍ଷତି ପହଞ୍ଚାଇଥାଏ। କାରଣ ସେତେବେଳେ ବ୍ୟକ୍ତି ପ୍ରାୟତଃ ପ୍ରତାରଣା ବା ଉତ୍ତରଦାୟିତ୍ୱର ଅଭାବ ସହ ଜଡ଼ିତ ହୋଇଥାଏ। ଅସ୍ୱାଭାବିକତା ବା ନକାରାତ୍ମକ ପରିଣାମକୁ ଏଡ଼ାଇବା ପାଇଁ କ୍ଷମା ଏକ ସରଳ ଉପାୟ।



ଅତଏବ ଅନେକ ସମୟରେ କ୍ଷମା ଭିକ୍ଷା ବା କ୍ଷମାକୁ ଏକ ତ୍ରାହିର ଆଧାର କରିବା ଅପେକ୍ଷା ସଚ୍ଚୋଟତା ଓ ଉତ୍ତରଦାୟିତ୍ୱର ଅଭ୍ୟାସ କରିବା ଗୁରୁତ୍ୱପୂର୍ଣ୍ଣ। କ୍ଷମା କରିବାର ଅର୍ଥ କ୍ଷମା ମାଗିବାକୁ ପ୍ରଥମେ ବୁଝାଇଥାଏ, ଯାହା ଥାଏ ଅନ୍ୟର ଦୟା ଓ ଅନୁକମ୍ପା ତଥା ବଦାନ୍ୟତା। ମାତ୍ର ବ୍ୟକ୍ତି ସ୍ୱାଭିମାନ ଓ ଆତ୍ମମର୍ଯ୍ୟାଦାକୁ ଆଧାରକରି ଯଥେଷ୍ଟ ଯତ୍ନବାନ୍ ହୋଇ କ୍ଷମାର ଆବଶ୍ୟକତାକୁ ଉପଲବ୍ଧି କରିବା ଉଚିତ। କ୍ଷମା ଓ ବାସ୍ତବତା ପରିସ୍ଥିତି ପ୍ରତି ଭିନ୍ନ ଆଭିମୁଖ୍ୟକୁ ପ୍ରତିପାଦିତ କରେ, ବିଶେଷତଃ ଯେତେବେଳେ ଘଟଣା ଯୋଜନା ଅନୁଯାୟୀ ହୁଏ ନାହିଁ। ଅନେକ ସମୟରେ ବ୍ୟକ୍ତି କ୍ରୋଧ ଓ ଅନ୍ୟ ଉପରେ ଆକ୍ରୋଶ ରଖି କିଛି ଭୁଲ୍ କରିଥାଏ ଏବଂ ଫଳ ସ୍ୱରୂପ ପୁଣି ନିଜକୁ ରକ୍ଷାକରିବା ବା ଦୋଷମୁକ୍ତ କରିବା ପାଇଁ କ୍ଷମା ପ୍ରାର୍ଥୀ ହୋଇଥାଏ। ଆଜିକାଲି ସମାଜରେ ମଣିଷ ହିତାହିତ ଜ୍ଞାନ ନ ରଖି ସମାଜରେ ପରିବାରରେ ତଥା ସର୍ବଜନରେ ଅକରଣୀୟ କାର୍ଯ୍ୟ କରୁଛି। ପରିସ୍ଥିତିକୁ ସନ୍ତୁଳିତ କରିବା ପାଇଁ ଓ ନିଜକୁ ବଞ୍ଚାଇବା ପାଇଁ କ୍ଷମା ପ୍ରାର୍ଥୀ ହେଉଛି। ପ୍ରତ୍ୟେକ କଥାରେ ମୋତେ କ୍ଷମାକର କହି ନିଜକୁ ଗୌଣ କରୁଛି।

କ୍ଷମା ଏକ ମହତ୍ ଗୁଣ, ମାତ୍ର ଏହାର ଶ୍ରେୟଃ ତାହା ପାଇଁ, ଯିଏ କ୍ଷମା ପ୍ରଦାନ କରେ। ଯିଏ କ୍ଷମା ପ୍ରାର୍ଥୀ ହୁଏ ସେ ନିଜକୁ କେତେ ନିମ୍ନ ମନେକରେ ତାହା ସ୍ୱାଭିମାନୀ ବ୍ୟକ୍ତି ଅନୁଭବ କରିଥାଏ। ଭାରତୀୟ ସମ୍ବିଧାନରେ ବ୍ୟକ୍ତିର ଗର୍ହିତ ଭୁଲ୍ ବା ତ୍ରୁଟି ପାଇଁ ଦୋଷୀର ଦଣ୍ଡ କୋହଳକରି ଜେଲରୁ ମୁକ୍ତି ଦିଆଯାଏ। ଅତିରିକ୍ତ ଭାବରେ ରାଷ୍ଟ୍ରପତି ମୃତ୍ୟୁଦଣ୍ଡ ପାଇଥିବା ବ୍ୟକ୍ତିକୁ ମଧ୍ୟ କ୍ଷମାକରି କୋହଳ କରିଥାନ୍ତି ଯାହା ନିର୍ଭର କରିଥାଏ ବ୍ୟକ୍ତିର ଚରିତ୍ର, ବ୍ୟବହାର ଓ ଦୋଷର ଗଭୀରତା ଉପରେ। ରାମାୟଣ, ମହାଭାରତ, ଭାଗବଦ୍ ଗୀତା ଆଦି ଗ୍ରନ୍ଥରେ ଏପରିକି ବାଇବେଲ, କୋରାନ ଆଦିରେ ଭଗବାନ୍ ମଣିଷକୁ ଅନେକ କ୍ଷେତ୍ରରେ କ୍ଷମାଦେଇ ତାକୁ ସଂଶୋଧିତ ହେବା ପାଇଁ ସୁଯୋଗ ଦେଇଛନ୍ତି। ମାତ୍ର ମଣିଷ ସେ ସଂଶୋଧନକୁ କମ୍ ବ୍ୟବହାର କରି ଭୁଲ୍‌ର ପୁନରାବୃତ୍ତି କରିଚାଲିଛି ଏବଂ ଆତ୍ମ ସ୍ୱାର୍ଥ ପାଇଁ କ୍ଷମା ମାଗୁଛି।

ମହାଭାରତରେ, ବିଭିନ୍ନ ଚରିତ୍ରମାନେ ସେମାନଙ୍କର କାର୍ଯ୍ୟ ପାଇଁ କ୍ଷମା ପ୍ରାର୍ଥୀ ହୋଇଛନ୍ତି। ସେମାନଙ୍କ କାର୍ଯ୍ୟକୁ ଯଥାର୍ଥ କିମ୍ବା ଦୋଷକୁ ଦୂରେଇରଖିବା ପାଇଁ କ୍ଷମାକୁ ଏକ ମାଧ୍ୟମ ଭାବେ ବ୍ୟବହାର କରାଯାଇଥିଲା। ରାମାୟଣରେ ମଧ୍ୟ କାର୍ଯ୍ୟ କିମ୍ବା ନିଷ୍ପତ୍ତିକୁ ଯଥାର୍ଥ କରିବା ପାଇଁ କ୍ଷମା ପ୍ରାୟତଃ ବ୍ୟବହୃତ ହୋଇଛି। ବିଶେଷତଃ ଯେଉଁ ପରିସ୍ଥିତିରେ ଚରିତ୍ରମାନେ ଧାର୍ମିକ ଆଚରଣରୁ ବିଚ୍ୟୁତ ହୋଇଛନ୍ତି ବା ନୈତିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଛନ୍ତି। ଆଧୁନିକ ସମାଜରେ ସମ୍ପ୍ରତି ନିଜର ଆକ୍ରୋଶ, ଈର୍ଷା ବା ପ୍ରତିଶୋଧକୁ ଶାନ୍ତିକରିବା ପାଇଁ ଅନେକ କ୍ଷେତ୍ରରେ କେତେଜଣ ନିରୀହ ବ୍ୟକ୍ତିଙ୍କୁ ମଧ୍ୟ ନିର୍ଦ୍ଦୋଷରେ ଘଟଣାଚକ୍ରରେ ଦୋଷୀ ସାବ୍ୟସ୍ତ କରି ଭୁଲ୍ ନ ଥାଇ ଭୁଲ୍‌କୁ ସ୍ୱୀକାରକରାଇ କ୍ଷମା ପ୍ରାର୍ଥୀ କରି ନିଜେ ଆନନ୍ଦିତ ହୋଇଥାନ୍ତି। ଅତଏବ କ୍ଷମାର ମହନୀୟ ଚିନ୍ତାଧାରାରେ ମଣିଷ ମାର୍ଜିତ ଓ ପରିମାର୍ଜିତ ହୋଇ ଭୁଲ୍‌ର ବାରମ୍ବାର ପୁନରାବୃତ୍ତି ନ ହେବା ପାଇଁ ଯତ୍ନବାନ୍ ହେବା ଉଚିତ, ଯେଉଁଠି ନ ଥିବ ବାରମ୍ବାର ଅନୁରୋଧର ଅନିଚ୍ଛାକୃତ ଶବ୍ଦ ପ୍ରବାହ 'ମୋତେ କ୍ଷମା' କର।

**ସହାୟକ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ଭୁବନେଶ୍ୱର**
**ମୋ: ୯୯୩୭୩୪୫୯୦୦**

## ଏଇ ଭାରତରେ

ବେଙ୍ଗାଲୁରୁ ସହରର ବିଭିନ୍ନ ସ୍ଥାନରେ ରହୁଥିବା ଅବହେଳିତ ବର୍ଗର ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରୁଛନ୍ତି ଏମ୍. ନାଗାରାଜେୟା। ସେ ପ୍ରଗତି ଚାରିଟେବଲ୍ ଟ୍ରଷ୍ଟ ଗଠନ କରି ଏହି କାର୍ଯ୍ୟ କରୁଛନ୍ତି। ୨୦୦୫ ବେଙ୍ଗାଲୁରୁ ବନ୍ୟା ସମୟରେ ବସ୍ତିରେ ରହୁଥିବା ଗରିବ ପରିବାର ଓ ସେମାନଙ୍କ ପିଲାଙ୍କ ସ୍ଥିତି ସମ୍ପର୍କରେ ଜାଣିବାକୁ ପାଇଥିଲେ। ବିଶେଷକରି ପିଲାମାନେ ସ୍କୁଲ ପଢ଼ା ଛାଡ଼ି ଶିଶୁଶ୍ରମିକ ଭାବେ କାମ କରୁଥିଲେ କିମ୍ବା ଅନେକେ ଆଦୌ ସ୍କୁଲ ନ ଯାଇ ଘରେ ରହୁଥିଲେ। ଏହି ପିଲାମାନଙ୍କୁ ନାଗାରାଜେୟା ସହରର କେମ୍ପାପୁରା, ସୁମନହାଲି ଓ ଅମୃତାଲିରେ ତିନୋଟି ଶିକ୍ଷାକେନ୍ଦ୍ର ଖୋଲି ଦୀର୍ଘ ୨୦ ବର୍ଷ ହେଲା ପଢ଼ାଉଛନ୍ତି। ପିଲାମାନଙ୍କୁ ଗଣିତ, ଇଂଲିଶ ପଢ଼ାଯିବା ସହ ନାଚ, ଗୀତ ଓ ଖେଳ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ସ୍ୱେଚ୍ଛାସେବୀ ଶିକ୍ଷକ ଅଛନ୍ତି। ଗୋଟିଏ ଶିକ୍ଷା କେନ୍ଦ୍ର ପରିଚାଳନା ପାଇଁ ମାସକୁ ପାଖାପାଖି ୨୭,୦୦୦ ଟଙ୍କା ଖର୍ଚ୍ଚ ହେଉଛି। ସମସ୍ତ ଖର୍ଚ୍ଚ ଲୋକଙ୍କ ଦାନ ଅର୍ଥରେ ଚାଲୁଛି। ଶିକ୍ଷା କେନ୍ଦ୍ରରେ ପ୍ରଥମେ ପିଲାମାନଙ୍କୁ ମୌଳିକ ଶିକ୍ଷା ପ୍ରଦାନ କରାଯାଇ ପରେ ସରକରୀ ସ୍କୁଲରେ ସେମାନଙ୍କ ନାମ ଲେଖାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୧ ନଭେମ୍ବର ୧୯୭୬**

- ଭାରତ ଓ ଇଟାଲୀ ମଧ୍ୟରେ ବୃତ୍ତି ବିନିମୟ ଏବଂ ସିନେମା ସଙ୍ଗୀତ, ଥିଏଟର ଓ କଳାର ସମ୍ପ୍ରସାରଣ ନିମନ୍ତେ ପ୍ରଥମ ଥର ଲାଗି ଏକ ସାଂସ୍କୃତିକ ଚୁକ୍ତି ସ୍ୱାକ୍ଷରିତ।
- ଆନ୍ତର୍ଜାତିକ କ୍ଷେତ୍ରରେ ଶକ୍ତି ପ୍ରୟୋଗ ପରିହାର ଲାଗି ରୁଷର ପ୍ରସ୍ତାବକୁ ଜାତିସଂଘ ସାଧାରଣ ପରିଷଦ ଅନୁମୋଦନ କରିଛି।

## ଚିରନ୍ତନୀ

ଦୂରରେ ଦେଖି ଯାହା ଝୁରଇ ମରମ
ସେ ରୂପ ପାଶେ ଆସି ଲଭଇ ସରମ
ଦୂରର ପ୍ରିୟାପାଶେ ଧାରାର ଦୟିତ
ପେଶଇ ଦୂତ କରି ଆଷାଢ଼ ବୋଇତ
ଢାଳଇ ପରାଣର ବେଦନା ପରମ
ଦୂରରେ ଦେଖି ଯାହା ଝୁରଇ ମରମ।
–(ସୁଦୂର ଗାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିନା ପ୍ରେସ୍କ୍ରିପ୍‌ଶନରେ କଫ ସିରପ୍ ବିକ୍ରି

ମହାଶୟ,

ଭାରତରେ ବିଭିନ୍ନ ସମୟରେ କଫ ସିରପ୍ ଖାଇ ଶିଶୁ ଓ ବୟସ୍କମାନେ ମୃତ୍ୟୁମୁଖରେ ପଡୁଥିବା ଖବର ପ୍ରକାଶ ପାଇ ଆସୁଛି। ଓଡ଼ିଶାରେ ମଧ୍ୟ ଏଭଳି କଫ ସିରଫ ଖୋଲାଖୋଲି ଭାବେ ବିକ୍ରି ହେଉଛି। ଦେଖାଯାଏ ରଥଯାତ୍ରା ଓ ଦୁର୍ଗାପୂଜା ସମୟରେ ସରକାରଙ୍କର ଅବକାରୀ ବିଭାଗ ମଦଦୋକାନଗୁଡ଼ିକୁ ବନ୍ଦ କରିଥାନ୍ତି। ସେହି ସମୟରେ ମଦ୍ୟପମାନେ ଔଷଧ ଦୋକାନରୁ କୋରେକ୍ସ, ଟସେକ୍ସ, ଫେନ୍‌ସିଡିଲ ଜିଞ୍ଜର ଇତ୍ୟାଦି କିଣିନେଇ ପିଇ ନିଶାଗ୍ରସ୍ତ ହୋଇଯାନ୍ତି। ଏହି ଔଷଧଗୁଡ଼ିକ ଥଣ୍ଡା, ଶ୍ୱାସ, କାଶ ପାଇଁ ଉଦ୍ଦିଷ୍ଟ। ଔଷଧ ଦୋକାନୀ ବିନା ପ୍ରେସ୍କ୍ରିପ୍‌ଶନରେ ଚଢ଼ା ଦାମ୍‌ରେ ଏଗୁଡ଼ିକୁ ବିକ୍ରି କରିଥାନ୍ତି। ସବୁଠୁ ବଡ଼ କଥା ହେଉଛି, ବାରମ୍ବାର କଫ୍ ସିରପ ଜନିତ ମୃତ୍ୟୁ ଘଟୁଥିଲେ ମଧ୍ୟ ତାହାକୁ ଏଯାବତ ନିୟନ୍ତ୍ରଣ କରାଯାଇପାରୁନାହିଁ।

**–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ନାବାଳିକା ଅପହରଣ ଅଭିଯୋଗ

ସବ୍ଇଷଙ୍କ,(ସନ୍ତୋଷ ପରିଡ଼ା): ବଡ଼ଁରପାଳ ଥାନା ଅନ୍ତର୍ଗତ ମହାଦପୁର ଫାଣ୍ଡିରେ ରବିବାର ଏକ ନାବାଳିକା ଅପହରଣ ନେଇ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ନାବାଳିକା ଜଣକ ତାଙ୍କ ମାମୁ ଘରେ ରହୁଥିଲେ। ଅପରାହ୍ନରେ ଘରୁ କେଉଁଆଡେ ଚାଲି ଯାଇଥିଲେ। ମହାଦପୁର ପୋଲିସ ନମ୍ବର ୬୦୮/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି ବୋଲି ବଡ଼ଁରପାଳ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ କହିଛନ୍ତି।

## ସଂକ୍ଷେପରେ

### ଗଛରେ ମହିଳାଙ୍କ ଝୁଲନ୍ତା ମୃତଦେହ, ହତ୍ୟା ସନ୍ଦେହ

ପାଲଲହଡ଼ା,୧୦।୧୧ (ବିଦ୍ୟୁତ୍ଜ୍ୟୋତି ଦାଶ)

ଅନୁଗୋଳ ଜିଲ୍ଲା ପାଲଲହଡ଼ା ଥାନା ଅନ୍ତର୍ଗତ ନନ୍ଦିନୀପାଲି ଗ୍ରାମ ରାସ୍ତା ପାର୍ଶ୍ୱ ଏକ ଗଛରୁ ସୋମବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତା ହେଉଛନ୍ତି, ନନ୍ଦିନୀପାଲି ଗ୍ରାମର ଗୁରୁବାରୀ ନାୟକ। ସେ ରବିବାର ସନ୍ଧ୍ୟାରେ କୌଣସି କାମରେ ବାହାରକୁ ଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର ସନ୍ଧାନ ପାଇ ନ ଥିଲେ। ସକାଳୁ ଗାଁ ନିକଟ ଏକ ଆମ୍ବ ଗଛରେ ଗୁରୁବାରୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଖବରପାଇବା ପରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି ଗଛରେ ଝୁଲେଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିବା ପରେ ପାଲଲହଡ଼ା ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ତଦନ୍ତ ପରେ ହତ୍ୟା ଅଭିଯୋଗର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି।

### ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ ଘଟଣାରେ ଆଉ ଜଣେ ଗିରଫ

ଛେଣ୍ଡିପଦା,୧୦।୧୧(ଅଜିତ୍ ଧଳ)

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ବାଲିନାଳି ଗାଁରେ ଘରେ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ କରିବା ଘଟଣାରେ ପୋଲିସ ପୂର୍ବରୁ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ସୋମବାର ପୁଣି ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, କଣିହାଁ ଥାନା ଦେଭୂଇଁ ଗାଁର ସାଗର ସାହୁ ଓ ୩/୪ ଯୁବକ ପୂର୍ବ ଶତ୍ରୁତାକୁ ନେଇ ମାରଣାସ୍ତ୍ର ଧରି ଗତ ୨୪ ସେପ୍ଟେମ୍ବର ୨୦୨୪ ରାତିରେ ବାଲିନାଳି ଗାଁର ଅକ୍ଷୟ ସାହୁଙ୍କ ଘରେ ପଶିବାକୁ ଉଦ୍ୟମ କରିଥିଲେ। ପରିବାର ଲୋକ କବାଟ ଖୋଲି ନ ଥିଲେ। ଏନେଇ ସାଗର ଗାଳି ଗୁଲଜ କରିବା ସହ ମାରିଦେବା ଉଦ୍ଦେଶ୍ୟରେ ଘରର ସ୍କାଏ ଲାଇଟ୍ରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ଏ ନେଇ ଅକ୍ଷୟଙ୍କ ସ୍ତ୍ରୀ ରଶ୍ମିତା ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଛେଣ୍ଡିପଦା ପୋଲିସ କେସ୍ ନଂ.୩୯୦/୨୪ରେ ମାମଲା ରୁଜୁ କରିଥିଲା। ଘଟଣାର ମୁଖ୍ୟ ସାଗରଙ୍କୁ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳ ତାଙ୍କ ସହଯୋଗୀ ଫୁଲଝରି ଗାଁର ଭିକାରି ବାଘକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

# ସୁରାବରେ ଆଦୃତ ହେଉଛି ପ୍ରବଚନ

ବନ୍ତଲା,୧୦।୧୧(ପୁଷ୍ପିତ ସାହୁ)



ହଜିଯାଉଥିବା ଲୋକକଳାକୁ ସମାଜରେ ପୁନଃସ୍ଥାପନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ତଥାପି ସମାଜରେ ଅନେକ ବରିଷ୍ଠ କଳାକାର ବାପୁଢ଼ ଯୋଜନାଠାରୁ ବହୁ ଦୂରରେ ରହିଯାଉଛନ୍ତି। ଗାଁ ଦାଣ୍ଡରେ ଆଉ ପାଲା ଓ ଦାସକାଠିଆ ଲୋକନୃତ୍ୟ ଦେଖିବାକୁ ମିଳୁନାହିଁ। ତେଣୁ ପ୍ରବଚନ ଭଳି ଏକ କାର୍ଯ୍ୟକ୍ରମକୁ ଆଗରେ ନେବା ପାଇଁ ଅନୁଗୋଳ ବ୍ଲକ ବଲାସିହା ପଞ୍ଚାୟତ ସୁରାବ ଗ୍ରାମବାସୀଙ୍କ ଦ୍ୱାରା ୨ବର୍ଷ ହେଲା ପ୍ରବଚନ କାର୍ଯ୍ୟକ୍ରମ କରାଯାଉଛି। ସୁରାବ ଗ୍ରାମବାସୀଙ୍କ ସହାୟତାରେ ଏହି ଆଧାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ବେଶ୍ ଆଦୃତ ହୋଇଛି। ଗ୍ରାମରେ ଥିବା ପାଲା ମଣ୍ଡପରେ ଏହି କାର୍ଯ୍ୟକ୍ରମ ହୋଇଥିବାବେଳେ ମାଳିକା ପ୍ରଚାରକ ବାବା ଦିବାକର ଦାସ ମହାରାଜ ପ୍ରବଚନ ଦେଇଥିଲେ। ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରବଚନ ଶୁଣିବା ପାଇଁ ଆସିଥିବାବେଳେ ସମସ୍ତଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା ହୋଇଥିଲା। ଗ୍ରାମର ହେମନ୍ତ ପ୍ରଧାନ, ନୀର ବେହେରା, ନାରଣ ସାହୁ, ଅରକ୍ଷିତ ସାହୁ ଓ ନବକିଶୋର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ, ୪ ଗିରଫ

ଛେଣ୍ଡିପଦା,୧୦।୧୧ (ଅଜିତ ଧଳ)

ଛେଣ୍ଡିପଦା ଥାନା କୋଶଳା ଗ୍ରାମରେ ୨ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିବା ବେଳେ ଏ ନେଇ ଉଭୟ ପକ୍ଷ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଅଭିଯୋଗକୁ ଆଧାର କରି ଉଭୟ ପକ୍ଷରୁ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ, କୋଶଳା ଗ୍ରାମର କଲ୍ୟାଣୀ ବିଶ୍ୱାଳ ଗତ ରବିବାର ମଧ୍ୟାହ୍ନରେ ନିଜ ଦୋକାନ ସମ୍ମୁଖରେ ଥିବାବେଳେ ପଡ଼ୋଶୀ ରମେଶ ସେଠୀଙ୍କ ୨ପୁଅ ନଗେନ ସେଠୀ ଓ କଇରୁ ସେଠୀ ତାଙ୍କୁ ଗାଳିଗୁଲଜ କରି ଦୋକାନ ଭାଙ୍ଗି ପୋଡିଦେବୁ ଧମକ ଦେଇଥିଲେ। କଲ୍ୟାଣୀ ପ୍ରତିବାଦ କରିବାରୁ ନଗେନ ଓ କଇରୁ ତାଙ୍କୁ ମାଡ଼ ମାରିଥିଲେ। କଲ୍ୟାଣୀଙ୍କ ଦେଢ଼ଶୁର ପ୍ରତିବାଦ କରିବାରୁ ମଧ ତାଙ୍କୁ ମାଡ କରିଥିଲେ। ନଗେନଙ୍କ ବଡଭାଇ ବବୁଲୁ ସେଠୀ, ଭଉଣୀ ଜ୍ୱାଇଁ ମାନସ ପ୍ରଧାନ ସହ ଅନ୍ୟମାନେ କଲ୍ୟାଣୀଙ୍କୁ ମାରି ମୁଣ୍ଡ ଫଟାଇ ଦେଇଥିଲେ ବୋଲି କଲ୍ୟାଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅପରପକ୍ଷେ ରମେଶ ସେଠୀଙ୍କ ସ୍ତ୍ରୀ ବବି ସେଠୀ ତାଙ୍କ ୨ ପୁଅଙ୍କୁ କଲ୍ୟାଣୀ ଓ ତାଙ୍କ ସ୍ୱାମୀ ମାଡ଼ ମାରିଥିବା ଅଭିଯୋଗ କରିଥିଲେ। ବିଭୂତିଙ୍କ ବଡଭାଇ ଅଜୟ ବିଶ୍ୱାଳ ନଗେନଙ୍କ ମୁଣ୍ଡକୁ ହାଣି କ୍ଷତାକ୍ତ କରିଥିଲେ। ପୋଲିସ ନଂ/୫୬୫/୨୫ ଓ ୫୬୬/୨୫ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ପରେ ଏଏସଆଇ ପରମାନନ୍ଦ ନାୟକ ଅଭିଯୁକ୍ତ ଧାଉଳ ସେଠୀ, ମନୋରଞ୍ଜନ ପ୍ରଧାନ, ବିଭୂତି ବିଶ୍ୱାଳ ଓ ଅଜୟ ବିଶ୍ୱାଳଙ୍କୁ ଗିରଫ କରିଛି।

# ବୋଲେରୋ ଓଲଟି ୪ ଗୁରୁତର

ଛେଣ୍ଡିପଦା,୧୦।୧୧(ଅଜିତ୍ ଧଳ)

କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥରେ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବୋଲେରୋ ସୋମବାର ଅନୁଗୋଳ ଜିଲ୍ଲା ଜରପଡା ଥାନା ଜେରେଙ୍ଗ ଦେହୁରୀ ସାହିଠାରେ ଓଲଟି ପଡ଼ିଛି। ଫଳରେ ୪ ତୀର୍ଥଯାତ୍ରୀ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଛତିଶଗଡ଼ରୁ ଏକ ବୋଲେରୋ ଯୋଗେ ୪ଜଣ ତୀର୍ଥଯାତ୍ରୀ ପୁରୀ ଦର୍ଶନ ସାରି ଫେରୁଥିବାବେଳେ ଜେରେଙ୍ଗ ଦେହୁରୀ ସାହିଠାରେ ଭାରସାମ୍ୟ ହରାଇ ବୋଲେରୋ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ଜରପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୁ ଦୁର୍ଘଟଣାଗ୍ରସ୍ତ ଗାଡ଼ି ହଟାଇଥିଲା। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ଆହତଙ୍କ ସମ୍ପର୍କରେ କୌଣସି ସୂଚନା ମିଳି ନ ଥିବା ଥାନା ଅଧିକାରୀ ମନୋଜ ପ୍ରଧାନ ପ୍ରକାଶ କରିଛନ୍ତି।

# ସ୍ୱାମୀଙ୍କ ଦ୍ୱିତୀୟ ବିବାହ, ପ୍ରଥମ ସ୍ତ୍ରୀ ଥାନାର ଦ୍ୱାରସ୍ଥ

ବଡ଼ଁରପାଳ,୧୦।୧୧(ସୁବାସ ସାହୁ)

ସ୍ୱାମୀ ଦ୍ୱିତୀୟ ବିବାହ କରିବା ନେଇ ପ୍ରଥମ ସ୍ତ୍ରୀ ବଡ଼ଁରପାଳ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗରେ ପ୍ରଥମ ସ୍ତ୍ରୀ ଉଲ୍ଲେଖ ତାଙ୍କ ବାପଘର ହିନ୍ଦୋଳ ବ୍ଲକ ରାସୋଳ ଗ୍ରାମରେ। ସେ ୨୦୧୩ ମସିହାରେ ବଡ଼ଁରପାଳ ଥାନା ତୁଳସୀପାଳ ଷଣ୍ଢପଥର ଗ୍ରାମର ଜଗନ୍ନାଥ ବେହେରାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସେମାନଙ୍କର ଏକ ଝିଅ ଅଛି। ହେଲେ ସ୍ୱାମୀ ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କରେ ରହିବା ସହ ମଦ ପିଇ ତାଙ୍କୁ ମାରଧର କରୁଥିଲେ। ବାପଘରୁ ଅଧିକ ଯୌତୁକ ଆଣିବାକୁ ବାଧ୍ୟ କରୁଥିଲେ। ଏପରିକି ଟଙ୍କା ନ ଆଣିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ତେଣୁ ସେ ଝିଅକୁ ନେଇ ୫ ବର୍ଷ ହେବ ବାପ ଘରେ ରହୁଛନ୍ତି। ଏହାର ସୁଯୋଗ ନେଇ ସ୍ୱାମୀ ଗତ ୯ ତାରିଖରେ ଦ୍ୱିତୀୟ ବିବାହ କରିଥିବା ଜାଣିବାକୁ ପାଇ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ନଂ. ୬୦୯ରେ ମାମଲା ରୁଜୁକରି ଥାନା ଅଧିକାରୀ ମନୋଜ ମିଶ୍ର ଘଟଣାର ତଦନ୍ତ କରୁଛନ୍ତି।

# ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି ଅଭିଯୋଗ

ସାତମାଇଲ,୧୦।୧୧(ସୁଶାନ୍ତ ପତି)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ମାଧପୁର ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ସରପଞ୍ଚ ବୀଣାପାଣି ନାଏକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି, ପଞ୍ଚାୟତ କାର୍ଯ୍ୟାଳୟର ସମସ୍ତ ଘରର ତାଲା ଭାଙ୍ଗି ସଭାଘରେ ଲାଗିଥିବା ଏଲ୍ଇଡି ଟିଭି ସହ ଆସବାବପତ୍ର, ଇନ୍ଭର୍ଟର ବ୍ୟାଟେର ଇତ୍ୟାଦି ଚୋରି ହୋଇଛି। ଆମ ବ୍ୟାଙ୍କ ତାଲା ଭାଙ୍ଗି ୧ ଲକ୍ଷ ୧୬ ହଜାର ୫ଶହ ଟଙ୍କା ନେଇଯାଇଛନ୍ତି ଦୁର୍ବୃତ୍ତ। ନିକଟରେ ଥିବା ପ୍ରାଥମିକ ବିଦ୍ୟାଳୟରୁ ଟିଭି ଏବଂ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଚୋରି ହୋଇଛି। ଗୋଟିଏ ରାତିରେ ବିଭିନ୍ନ ଅନୁଷ୍ଠାନରୁ ଚୋରି ହେବାକୁ ନେଇ ସାଧାରଣରେ କୋକୁଆ ଭୟ ସୃଷ୍ଟି ହୋଇଛି। ଖବରପାଇ ହିନ୍ଦୋଳ ପୋଲିସ ତଦନ୍ତ ଆରମ୍ଭ କରିଛି।


## ଦ.ପୂ. ରେଳପଥ – ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଏମ୍ଇସିଏଚ୍ସିକେପି-୨୫-୨୬-୧୯, ତାରିଖ: ୦୭।୧୧।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳପଥ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ ଦୁଇ ପ୍ୟାକେଟ୍ ପ୍ରଣାଳୀ ଅଧୀନରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କାର୍ଯ୍ୟର ନାମ: ତିନିବର୍ଷ ଅବଧି ପାଇଁ ଟାଟାନଗରଠାରେ ପ୍ରାଇମେରୀ ଟ୍ରେନ୍ଗୁଡ଼ିକର ଯାନ୍ତ୍ରିକ କୋଚ୍ ସଫେଇ, ଜଳଯୋଗାଣ, ପ୍ୟାଡ୍ଲିଂ/ଅନ୍ଲିଂ, ପ୍ଲାଟଫର୍ମ ଫେରନ୍ତା/ଷ୍ଟେବଲ୍ଡ ଟ୍ରେନ୍ଗୁଡ଼ିକର ଆଭ୍ୟନ୍ତରୀଣ ସଫେଇ ତଥା ପ୍ରାଇମେରୀ ଟ୍ରେନ୍ଗୁଡ଼ିକର ବାୟୋଲୋଜିକାଲ ଟଏଲେଟ୍ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଓ ପରିଚାଳନା ଠିକା (ଏଏମ୍ସି) । ଟେଣ୍ଡର ମୂଲ୍ୟ: ₹୧୫,୩୭,୪୦,୩୧୪.୦୫ । ବିଡ୍ ଅମାନତ: ₹୯,୧୮,୭୦୦/- । ଟେଣ୍ଡର ଫର୍ମ ମୂଲ୍ୟ: ₹୧୦,୦୦୦/- । ଟେଣ୍ଡର ଖୋଲାଯିବା ସ୍ଥାନ: ବରିଷ୍ଠ ମଣ୍ଡଳ ମେକାନିକାଲ୍ ଯନ୍ତ୍ରୀ/ଚକ୍ରଧରପୁରଙ୍କ କାର୍ଯ୍ୟାଳୟ, ଦ.ପୂ. ରେଳପଥ । ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୦୧।୧୨।୨୦୨୫ରିଖ ୧୫.୦୦ ଘଟିକାରେ । ଟେଣ୍ଡର ୱେବ୍ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-820)

ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ସିଏଚ୍ଜି-୨୫-୨୬-ପ୍ୟାନେଲ୍-୩୩, ତାରିଖ: ୦୮।୧୧।୨୦୨୫, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (କି)/ସାନ୍ତ୍ରାଗାଛି, ଦ.ପୂ. ରେଳପଥ, ଖଡ଼ଗପୁର ମଣ୍ଡଳ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍ସାଇଟ୍ରେ ସମ୍ପୃକ୍ତ ଯୋଗ୍ୟ ଠିକାଦାରମାନଙ୍କଠାରୁ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ସମ୍ପୃକ୍ତ ଠିକାଦାରମାନଙ୍କୁ www.ireps.gov.in ୱେବ୍ସାଇଟ୍ରେ କେବଳ ଅନ୍ଲାଇନ୍ରେ ଏଥିପାଇଁ ଆବେଦନ କରିବାକୁ ଅନୁରୋଧ କରାଯାଉଛି । ଏହି ଟେଣ୍ଡର ପାଇଁ କୌଣସି ଅଫ୍ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜଗୁଡ଼ିକୁ ଯତ୍ନପୂର୍ବକ ପଢ଼ନ୍ତୁ । କାର୍ଯ୍ୟର ନାମ: ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (କି)/ସାନ୍ତ୍ରାଗାଛିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ଷ୍ଟେଶନରେ ପୁରୁଣା ପ୍ୟାନେଲ୍ସ ତଥା ଜରୁରୀ ଆସେସୋରିଗୁଡ଼ିକୁ ବଦଳାଇବା । ଟେଣ୍ଡର ମୂଲ୍ୟ: ₹୨,୬୬,୪୧,୬୬୦.୮୭ । ଇଏମ୍ଡି/ବିଡ୍ ଅମାନତ: ₹୨,୮୩,୨୦୦/- । ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୦୧।୧୨।୨୦୨୫ରିଖ ୧୦.୩୦ ଘଟିକା । ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଏବଂ ଅନ୍ୟାନ୍ୟ ବିବରଣୀ www.ireps.gov.in ରେ ଦିଆଯାଇଛି । (PR-821)



## ୟୁନିୟନ ବ୍ୟାଙ୍କ Union Bank of India — କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର — ସୁନା ନିଲାମ ବିଜ୍ଞପ୍ତି

ଗାୟତ୍ରୀ ସେଣ୍ଟ୍ରାଲ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୮.୧୧.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା** ସମୟରେ ସେମାନଙ୍କରୁ ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|
| | **ବାଲିଗୁଡ଼ା ଶାଖା, ବାଳକ ଉଚ୍ଚ ବିଦ୍ୟାଳୟ ସାମ୍ନା, ବାଲିଗୁଡ଼ା, ଜିଲ୍ଲା: କନ୍ଧମାଳ, ଓଡ଼ିଶା-୭୬୨୧୦୩, ମୋ.: ୮୮୯୫୧୪୮୮୮୨** | | |
| ୧. | ଅମରେଶ ଆଚାର୍ଯ୍ୟ, ଏଚ୍ଓ: ଦୁଆର ମଳିକ, ସା: ବାଲାକିଆ, ପୋ: ରେବିଙ୍ଗିଆ, ଜିଲ୍ଲା: କନ୍ଧମାଳ / ୨୮୨୮୧୬୬୩୦୦୦୦୨୬୯ | ୩୬.୦୦ | ୩୮.୯୭ |
| | **ମୁଣ୍ଡମରାଇ ଶାଖା, ସା/ପୋ: ମୁଣ୍ଡମରାଇ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୪, ମୋ.: ୯୯୩୭୪୬୧୫୬୬୬** | | |
| ୧. | ମିଥୁନ ସେଠୀ, ପିତା: ରାଜେନ୍ଦ୍ର ସେଠୀ, ୩୪, ଉଲମା, ରୁଗୁମୁ, ଗଞ୍ଜାମ, ଓଡ଼ିଶା-୭୬୧୧୦୭ / ୦୮୫୨୧୬୫୪୦୦୦୦୮୭୦ | ୧୦.୫୦ | ୧୩.୫୦ |
| | **ପୋଲସରା ଶାଖା, ମେନ୍ ରୋଡ୍, ପୋଲସରା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୦୫, ମୋ.: ୭୯୭୮୭୧୦୪୫୨** | | |
| ୧. | ଗୌରହରି ସେଠୀ, ପିତା: ବିଶ୍ୱନାଥ ସେଠୀ, ବି. ମଧୁସୂଦନପୁର, ଓଡିଆ ସାହି, ଗଞ୍ଜାମ, ଓଡ଼ିଶା / ୦୪୫୩୧୬୫୪୦୦୦୫୩୧୦ | ୧୦.୦୦ | ୧୮.୭୦ |
| ୨. | ପଞ୍ଚୁ ପାତ୍ର, ୧, ମଧୁପଲ୍ଲି, ଗଞ୍ଜାମ, ଓଡ଼ିଶା / ୦୪୫୩୧୬୫୪୦୦୦୯୦୭୦ | ୧୭.୦୦ | ୧୮.୫୦ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୫,୦୦୦/- ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡ଼ା ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡ଼ିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

ସ୍ଥାନ : ବ୍ରହ୍ମପୁର, ତାରିଖ : ୧୦.୧୧.୨୦୨୫ — ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. 48/ET/SBP/ENGG/2025-26, ତା.04.11.2025ରିଖ

(1) ଇ-ଟେଣ୍ଡର ସଂ.50-eT-SDENE-SBP-25
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର 105 ସଂଖ୍ୟକ ଷ୍ଟେସନ / ଗୁମଟିରେ ରିଙ୍ଗ ଆର୍ଥ (Ring Earth)ର ବାଡ଼ ଲଗାଇବା କାର୍ଯ୍ୟ ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 4,28,35,186.94, ବିଡ୍ ସିକ୍ୟୁରିଟୀ : ₹ 3,64,200/-

(2) ଇ-ଟେଣ୍ଡର ସଂ.09-eT-SDENW-SBP-25
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ / ପଶ୍ଚିମ ପରିସୀମା ଅଧିନସ୍ଥ (1) ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ TFR-63.630 TKM, (2) ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ TFR(TO)-150 ସେଟ୍, (3) ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ TTR(FS+TWS+WCMSC)-07 ସେଟ୍, (4) ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ TBR-1.513 TKM ଏବଂ (5) ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ TWSEJ-208 ସେଟ୍ର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1,81,68,547.67, ବିଡ୍ ସିକ୍ୟୁରିଟୀ : ₹ 2,40,900/-

(3) ଇ-ଟେଣ୍ଡର ସଂ.04-eT-BRIDGE-SBP-25
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର / ବ୍ରିଜ୍ / ଟିଟିଲାଗଡ଼ ପରିସୀମା ଅଧିନରେ ଆଧୁନିକ ପ୍ରଯୁକ୍ତି ବିଦ୍ୟାର କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ଥେରୁବାଲି-ସିଙ୍ଗାପୁର ରୋଡ୍ ମଧ୍ୟରେ ବ୍ରିଜ୍ ନଂ. 588UP (2X76.2M TOWG + 1X18.3M PG) ଏବଂ ବେଲସୋଣ୍ଡା-ଆରଙ୍ଗ ମହାନଦୀ ମଧ୍ୟରେ ବ୍ରିଜ୍ ନଂ. 77DN (1X12.2M PSC + 1X24.4M PSC + 11X30.5M TOWG + 14X24.4M PSC + 1X12.2M PSC)ରେ ମାନବବିହୀନ ବାୟବୀୟ ପ୍ରଣାଳୀ ଡ୍ରୋନ ସର୍ଭେ (ଯଥାରୀତି)ର ପରିଚାଳନା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 9,03,750.00, ବିଡ୍ ସିକ୍ୟୁରିଟୀ : ₹ 18,100/-

କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (କ୍ରମ ସଂ. 1 ଓ 2 ନିମନ୍ତେ) ଏବଂ 04 (ଚାରି) ମାସ (କ୍ରମ ସଂ. 3 ନିମନ୍ତେ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 28.11.2025, 1500 ଘଟିକା (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ)/ ସମ୍ବଲପୁର
PR-781/Q/25-26



## TENDER NOTICE

Sealed Tenders are invited from reputed suppliers for supply & installation of the following items at Taj Puri Resort & Spa, Odisha by 20th November, 2025 (08:30 A.M.) to 22nd November, 2025 (09:30 P.M.).

| Sl. No. | Description/Details of Item | Quantity |
|---|---|---|
| 1. | 10'x10' Bamboo/Steel/Wooden Stall | 01 pc |
| 2. | Rectangular Table with White Cloth Cover | 03 pcs. |
| 3. | Chair with White Cloth Cover | 15 pcs. |
| 4. | 6' x 4' Flex Board including installation* | 05 pcs. |
| 5. | 6' x 4' Electronic Display Board including installation * | 03 pcs. |
| 6. | Colour Booklets with Spiral Binding * | 25 pcs. |
| 7. | 300ml. Distilled Water Bottle | 300 pcs. |
| 8. | Flower Bouquets | 25 pcs. |
| 9. | Pen | 30 pcs. (Red-15 pcs, Blue-15 pcs.) |
| 10. | Pencil | 30 pcs. |
| 11. | A4 Paper (75 GSM) | 02 packets |
| 12. | Paper Weight | 15 pcs. |
| 13. | File Folder | 25 pcs. |
| 14. | Highlighter | 05 pcs. |
| 15. | Paper Flag | 05 packets |
| 16. | Stapler (Small size) with Pin | 05 pcs. |
| 17. | Stapler (Big size) with Pin | 03 pcs. |
| 18. | Quotes (to be colour printed 18" x 12") * | 10 pcs. |
| 19. | File Clip - Big | 05 packets |
| 20. | File Clip - Small | 05 packets |
| 21. | Jems Clip | 05 packets |
| 22. | Notepad | 30 pcs. |
| 23. | Towels (Small) | 25 pcs. |
| 24 | Napkin | 15 packets |
| 25. | Snacks (Kachuri 02 pcs, Dry Fruit 50 gms., Sweets 02 pcs , 01 Juice Tetra pack | 25 packets per day for 03 days (20.11.25 to 22.11.25) |
| 26. | Tea/ Coffee with 4 pc cookie each time (20 x 02 times per day) | 40 nos. for 03 days (20.11.25 to 22.11.25) |
| 27. | Standard Lunch | 25 packets per day for 03 days (20.11.25 to 22.11.25) |
| 28. | Name Plates (10"x 6")* | 10 pcs |
| 29. | Name Plates (10" x 12")* | 04 pcs |
| 30. | Sambalpuri Shawl/Stole | 25 pcs. |
| 31. | Handcrafted Memento | 25 pcs. |
| 32. | Jute Bags (1.5' x 2') | 25 pcs. |

* Content will be supplied by office and all items should be of the best quality. Additional items be supplied as & when required. Rates be given as per MRP/Market price.
Interested suppliers may submit their rates including all kind of taxes and charges for the afore-mentioned items on or before 16.11.2025 in the following address '.

**The Defence Estates Officer**
**Govt. of India, Ministry of Defence**
**163, Prachi Enclave, Chandrasekharpur,**
**Bhubaneswar, Odisha-751016, Tele : 0674-2747631,345,**
**E-mail: deobhub-stats@nic.in**



## HDFC BANK — We understand your world — AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 18-Nov-2025 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75257338 | ALIZA DEHURY | 1305100 | HDFC BANK LTD, GAJANAN TOWERS, UPPER GROUND FLOOR, PLOT NO-60, BUDHA NAGAR, KALPANA SQUARE, BHUBANESWAR-751006 |
| 2 | 76072684 | SAKTI PATNAIK | 1188500 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 3 | 76073953 | SAKTI PATNAIK | 518000 | |
| 4 | 4000696314 | BULU GOCHAYAT | 308400 | |
| 5 | 75505950 | PRITAM BAIDHANK | 60700 | |
| 6 | 50200078558960 | BIDU LATA JENA | 750300 | |
| 7 | 75668606 | PRAKASH SAHU | 728900 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 8 | 75863703 | SUNIL KUMAR LENKA | 225000 | |
| 9 | 75730784 | PRINCE KUMAR SINGH | 166800 | |
| 10 | 75572813 | SUNIL KUMAR LENKA | 155900 | |
| 11 | 75818834 | ABHAYA NAIK | 28400 | |
| 12 | 75888452 | TAPAS KUMAR SASMAL | 108500 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 13 | 4000015534 | N K TAPAN | 220700 | HDFC BANK LTD, BAJRAKABATI ROAD, CUTTACK-753001 |
| 14 | 75281173 | RISHAB OJHA | 65700 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 15 | 75617736 | SASMITA MOHAPATRA | 1038900 | HDFC BANK LTD, BIBISARAM MARKET CHAK, JAJPUR TOWN, JAJPUR-755001 |
| 16 | 76030084 | SEKH ARASAD | 174000 | |
| 17 | 75754853 | KISHORE KUMAR NAYAK | 496000 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 18 | 75869280 | P RAJESH SUBUDHI | 160200 | |
| 19 | 75498875 | RITIK KUMAR DAS | 322800 | HDFC BANK LTD, DHIPASAHI, STATION ROAD, BARIPADA-757001 |
| 20 | 75798940 | RAHUL NAIK | 241800 | |
| 21 | 75414355 | SIBA SAHOO | 308200 | HDFC BANK LTD, DURGA BAZAR, JAGATSINGHAPUR, ORISSA-754103 |
| 22 | 75670443 | CHANDAN KUMAR SAHOO | 170100 | |
| 23 | 75723936 | CHANDAN KUMAR SAHOO | 153400 | |
| 24 | 75347916 | SUJIT MOHNTY | 75800 | |
| 25 | 75602437 | SABAHAT AFRIN | 14700 | |
| 26 | 75731668 | SANJEEB KUMAR PATRO | 65000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 27 | 75509309 | DEBARAJ SAHU | 13000 | |
| 28 | 75394945 | BHUPENDRA RANA | 38000 | HDFC BANK LTD, GROUND FLOOR, OPP. BLOCK OFFICE, DHARAMGARH, KALAHANDI-766015 |
| 29 | 75482240 | BHUPENDRA RANA | 26000 | |
| 30 | 75184883 | SANJUKTA PRADHANI | 87,100 | |
| 31 | 75329977 | SIBA RAM SABAT | 300000 | HDFC BANK LTD, GROUND FLOOR, RANIPADA SQUARE, POLASARA MAIN ROAD, GANJAM-761105 |
| 32 | 75720187 | MANAS RANJAN PRADHAN | 220500 | HDFC BANK LTD, GROUND FLOOR, SHANKAR CINEMA ROAD, ANGUL, ODISHA-759122 |
| 33 | 75365724 | MOHAMMED ULFAT HUSSAIN | 24100 | HDFC BANK LTD, GROUND FLOOR, OPP. BHARAT PETROL PUMP, DHANUPALI, SAMBALPUR-768005 |
| 34 | 4000652022 | UTKALRAM JENA | 130900 | HDFC BANK LTD, HATATOTA, TALCHER, ANGUL-759100 |
| 35 | 4000567560 | SANGRAM JENA | 294000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 36 | 75947915 | KAILAS CHANDRA PANDA | 190000 | |
| 37 | 74155434 | KRUSHNA CHANDRA NAYAK | 184000 | |
| 38 | 4000556702 | PRIYANKA TAKRI | 86000 | |
| 39 | 4000613086 | SANGRAM JENA | 60000 | |
| 40 | 75986513 | BASANTI CHAUDHURY | 602000 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 41 | 75476223 | PRAKASHCHANDRA PATNAYAK | 200000 | |
| 42 | 75232366 | RAJALAXMI DAKUA | 179000 | |
| 43 | 75710807 | MAHESWAR POLAI | 72000 | |
| 44 | 75735824 | BABITA BISHOYI | 670800 | |
| 45 | 74219128 | JITENDRA KUMAR ROUT | 71400 | HDFC BANK LTD, MAHIPAL, KENDRAPARA-754211 |
| 46 | 75318348 | PATITA RAUTA | 200000 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 47 | 75231907 | MAHESWAR PRADHAN | 83400 | |
| 48 | 75289025 | BIPIN NAYAK | 281500 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 49 | 75273800 | PUSHPALATA SAHU | 86300 | |
| 50 | 75272266 | SANDHYA SWAIN | 80400 | |
| 51 | 75959972 | SUDHANSU PANIGRAHY | 641000 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 52 | 75879454 | PRASANTA PRADHAN | 257500 | |
| 53 | 75830683 | JITENDRA RAULA | 125000 | |
| 54 | 75539824 | BALAJI SAHU | 52000 | |
| 55 | 75596784 | SUSANT KUMAR BEHERA | 153000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 56 | 4000085963 | SATYABRAT MANGARAJ | 40800 | |
| 57 | 75206808 | SANJUKTA PRADHANI | 168000 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 58 | 75939471 | ANITA SIKHAPUCHA | 215000 | HDFC BANK LTD, MARKET SQUARE, PARLAKHEMUNDI, GAJAPATI-761200 |
| 59 | 75823990 | MEELA SANKAR | 55000 | |
| 60 | 75212924 | MEELA SANKAR | 39000 | |
| 61 | 74527808 | S HARISH | 35000 | |
| 62 | 74879513 | AJESH PALA | 31000 | |
| 63 | 75460242 | MADHU SUDAN MALI | 275900 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 64 | 75460571 | MADHU SUDAN MALI | 223100 | |
| 65 | 74842839 | DEBANANDA SAHU | 59300 | |
| 66 | 75283347 | BARUN BISWAKARMA | 57400 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 67 | 75238682 | GUPTA ADAKATIA | 47100 | |
| 68 | 75666014 | ABINASH MAHAPATRA | 451500 | HDFC BANK LTD, NEAR R.T.O OFFICE, NH-26, KORAPUT-764020 |
| 69 | 73978125 | ASWINI KUMAR LENKA | 201000 | HDFC BANK LTD, OPPOSITE SESSIONS COURT, KHANDAPADA ROAD, NAYAGARH-752069 |
| 70 | 75853054 | SABITA MOHAPATRA | 129000 | |
| 71 | 75439867 | PRATAP CHANDRA GHADEI | 49000 | |
| 72 | 4000134689 | SHANKAR NAYAK | 138800 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 73 | 75934126 | BABLU YADAV | 430000 | HDFC BANK LTD, PATRAPADA, BHUBANESWAR, KHURDA-751019 |
| 74 | 75822562 | BISWABANDITA SAHOO | 277000 | |
| 75 | 75525700 | SUBRAT KUMAR JENA | 255000 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 76 | 75358637 | E ANAND | 170800 | |
| 77 | 75333902 | SANJAY MOHANTY | 791100 | HDFC BANK LTD, PLOT NO- 447, BHAGWAN TRADE CENTER, NEAR IFFCO SQUARE, ATHARBANKI, PARADEEP-754142 |
| 78 | 75937347 | RAJAT KUMAR SAHOO | 186800 | |
| 79 | 75856930 | SAMIR BEHERA | 87000 | |
| 80 | 75964169 | KROMTON SAHOO | 72200 | |
| 81 | 75863378 | SABYASACHI LENKA | 52000 | |
| 82 | 76035771 | SUKUMAR NAYAK | 636500 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 83 | 74652740 | RANJIT KUMAR JENA | 379000 | |
| 84 | 75767879 | NIRANJAN ROUT | 98000 | |
| 85 | 4000535410 | NIRANJAN ROUT | 75000 | |
| 86 | 4000714722 | NIRANJAN ROUT | 54000 | |
| 87 | 75311060 | AKSHAYA KUMAR SAHU | 109829.5 | HDFC BANK LTD, PLOT NO-1078/1110, SHAMPUR, NUAGAON, BHUBANESWAR-751003 |
| 88 | 75602558 | SANTOSH KUMAR PALAI | 1837000 | HDFC BANK LTD, PLOT NO-676/1249, JAYASREE CINEMA HALL ROAD, CHATRAPUR, GANJAM, ODISHA-761020 |
| 89 | 75210142 | SANJAY KUMAR SAMAL | 41100 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 90 | 74213276 | HARISHCHANDRA KHATUA | 34500 | |
| 91 | 75839033 | KAMALAKANTA SAHU | 83800 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 92 | 75862210 | KHIROD SUNA | 38000 | |
| 93 | 75843714 | SMRUTIMAYEE SAHU | 968000 | HDFC BANK LTD, SAHU NIWAS, JAGANNATHPUR, KASHIPUR ROAD, KEONJHAR-758001 |
| 94 | 75897728 | RANJIT KUMAR SAHOO | 73100 | |
| 95 | 4000435668 | ANUP KUMAR BEHRA | 55800 | |
| 96 | 75416921 | JITENDRA KUMAR JENA | 40000 | |
| 97 | 75433851 | TILOTTAMA GOUDA | 1130000 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 98 | 75583530 | AMITA KHADIRATNA | 79000 | HDFC BANK LTD, VIP PLAZA, VIP ROAD, PURI-752001 |
| 99 | 75531294 | JAGADISH BARIK | 382900 | HDFC BANK LTD, 1ST FLOOR, DALA CHHAK,JAJPUR ROAD,755019 |
| 100 | 75282637 | IMRAN ALI KHAN | 181900 | |
| 101 | 4000635608 | FIROJ EKKA | 157000 | |
| 102 | 76002840 | AKSHYA KUMAR PANDA | 1920000 | HDFC BANK LTD, BHABA NAGAR SQUARE,BRAHMAPUR,760004 |
| 103 | 75651101 | MONIKA JENA | 542000 | |
| 104 | 75039872 | MONIKA JENA | 415000 | |
| 105 | 75927001 | MONIKA JENA | 242000 | |
| 106 | 4000481285 | MOHAMMED ULFAT HUSSAIN | 39200 | HDFC BANK LTD, C/O PRITI AUTO COMBINE, GOL BAZAR,SAMBHALPUR,768001 |
| 107 | 75645275 | JITU KUMAR NAIK | 175600 | HDFC BANK LTD, DWIBEDI BHAWAN,BISRA ROAD,ROURKELA,769001 |
| 108 | 75572237 | RAJESH KUMAR DAS | 167000 | |
| 109 | 4000670512 | DIBYAPRAKASH PANIGRAHI | 209800 | HDFC BANK LTD, F M CIRCLE,BALASORE,756001 |
| 110 | 75137490 | JYOTIPRAKASH DASH | 104000 | |
| 111 | 75854444 | TRUPTILATA JENA | 63000 | |
| 112 | 75712530 | SAROJ PRADHAN | 164200 | HDFC BANK LTD, GROUND FLOOR, SHANTILATA MANDAP,CHANDIKHOL,JAJPUR,754296 |
| 113 | 75967580 | BIJULI SITAKANTA BAL | 359900 | HDFC BANK LTD, GROUND FLOOR, POKHARIAPADA,PATTAMUNDAI,754215 |
| 114 | 4000601403 | SUDESHNA BEHERA | 181900 | |
| 115 | 75881156 | EMDI PHIROJ | 32000 | HDFC BANK LTD, NEAR NEW BUS STAND,BIRAMITRAPUR,770033 |
| 116 | 75759710 | SUNITA BEHERA | 83000 | HDFC BANK LTD, PANCHGACHIA,BARAIPALI,SAMBALPUR,768006 |
| 117 | 76060542 | SASMITA PRADHAN | 268500 | HDFC BANK LTD, PLOT NO - 239/2048/2323, GROUND FLOOR,BALIABADI,KHORDHA,752056 |
| 118 | 75337048 | NASIM AKTAR | 204000 | |
| 119 | 75409431 | RAJ KISHOR JAGDEV | 63000 | |
| 120 | 4000492000 | KANHU RANA | 49300 | HDFC BANK LTD, PLOT NO 2528,RATHA SAHI,RAIRAKHOL,768106. |
| 121 | 50200029556381 | PRADEEP KUMAR SUTAR | 683407.14 | HDFC BANK LTD, PLOT NO -484/1908, MADHUSUDAN NAGAR,BHUBANESWAR,751012 |
| 122 | 75868101 | SNEHAMAYEE BHATTACHARYA | 25900 | HDFC BANK LTD, PLOT NO 6, SANTOSHI BHAWAN,MAHANADI VIHAR,753004 |
| 123 | 75305583 | MEERA KAR | 218700 | HDFC BANK LTD, PLOT NO E/11, KOEL NAGAR,ROURKELA,769014 |
| 124 | 75512790 | KUMUDINI BISWAL | 177400 | |
| 125 | 75306976 | MEERA KAR | 172600 | |

| S No | Loan No | Nominee Name | Loan Amount | Place of Auction (Branch Address) |
|---|---|---|---|---|
| 1 | 75206808 | SANJUKTA PRADHANI WIFE OFRABIN PRADHANI | 168000 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 2 | 75184883 | SANJUKTA PRADHANI WIFE OFRABIN PRADHANI | 87100 | HDFC BANK LTD, GROUND FLOOR, OPP. BLOCK OFFICE, DHARAMGARH, KALAHANDI-766015 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

Date : 11/11/2025, Place : ODISHA — Sd/- Authorized Officer, HDFC BANK LTD.





# କପିଳାସରେ ଏଟିଏମ୍ ନ ଖୋଲିଲେ ଗଣଧାରଣା

ଢେଙ୍କାନାଳ,୧୦।୧୧(ରତନ ନାୟାର)

ରାଜ୍ୟ ତଥା ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ତୁରନ୍ତ ଏକ ଏଟିଏମ୍ କାଉଣ୍ଟର ଖୋଲା ନ ଗଲେ ଆସନ୍ତା ଡିସେମ୍ବର ୧ ତାରିଖ ଠାରୁ କପିଳାସ ସୁରକ୍ଷା ପରିଷଦ ପକ୍ଷରୁ ମୁଖ୍ୟ ମନ୍ଦିର ସମ୍ମୁଖରେ ଦାବି ହାସଲ ହେବା ପର୍ଯ୍ୟନ୍ତ ଗଣଧାରଣା ସହ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପୂର୍ବତନ ବିଧାୟକ ତଥା କପିଳାସ ସୁରକ୍ଷା ପରିଷଦର ଆବାହକ ନବୀନ ନନ୍ଦ ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି। କପିଳାସ ପୀଠରେ ଏକ ଏଟିଏମ୍ କାଉଣ୍ଟର ଖୋଲିବା ପାଇଁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ମତି ଦେଇଥିଲେ ମଧ୍ୟ ଦେବୋତ୍ତର ବିଭାଗର ଜଣେ ଅଧିକାରୀ ଜାଣିଶୁଣି ପ୍ରତିବନ୍ଧକ ସୃଷ୍ଟି କରୁଥିବା ପୂର୍ବତନ ବିଧାୟକ ଅଭିଯୋଗ କରିଛନ୍ତି। ତେଣୁ ଆସନ୍ତା ୩୦ ତାରିଖ ମଧ୍ୟରେ ଏ ସଂକ୍ରାନ୍ତରେ ଜିଲା ପ୍ରଶାସନ ପକ୍ଷରୁ ଯଦି କୌଣସି ନିଷ୍ପତ୍ତି ନିଆ ନ ଯାଏ ତେବେ କପିଳାସ ସୁରକ୍ଷା ପରିଷଦ ପକ୍ଷରୁ ମନ୍ଦିର ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

# ଢେଙ୍କାନାଳ ରାଜବାଟୀରେ ସୋମନାଥ ଜ୍ୟୋତିର୍ଲିଙ୍ଗ ରୁଦ୍ରାଭିଷେକ



ଢେଙ୍କାନାଳ ରାଜବାଟୀରେ ସୋମନାଥଙ୍କ ଜ୍ୟୋତିର୍ଲିଙ୍ଗ ରୁଦ୍ରାଭିଷେକ କରାଯାଉଛି।

ଢେଙ୍କାନାଳ,୧୦।୧୧(ରତନ ନାୟାର)

ଢେଙ୍କାନାଳ ରାଜବାଟୀରେ ସୋମନାଥ ଜ୍ୟୋତିର୍ଲିଙ୍ଗଙ୍କ ରୁଦ୍ରାଭିଷେକ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ପରାମର୍ଶ ମୁତାବକ ଓଡ଼ିଶାରେ ପ୍ରଥମକରି ଢେଙ୍କାନାଳ ରାଜବାଟୀରେ ଗୁଜରାଟସ୍ଥିତ ମହାପ୍ରଭୁ ସୋମନାଥଙ୍କ ଜ୍ୟୋତିର୍ଲିଙ୍ଗର ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିବା ବେଳେ ଏହାପରେ ପୁରୀରେ ଅନୁଷ୍ଠିତ ହେବ ବୋଲି ଯୁବରାଜ ଅମରଜ୍ୟୋତି ସିଂହଦେଓଙ୍କ ସୂତ୍ରରୁ ପ୍ରକାଶ। ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ବେଦ ବିଜ୍ଞାନ ମହାବିଦ୍ୟାପୀଠର ପଣ୍ଡିତମାନେ ଏହି ରୁଦ୍ରାଭିଷେକ କରିଥିଲେ। ଏହି ଅବସରରେ ଜ୍ୟୋତିର୍ଲିଙ୍ଗ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗିଥିଲା। ପଣ୍ଡିତମାନଙ୍କ ମନ୍ତ୍ର ଉଚ୍ଚାରଣରେ ରାଜବାଟୀ ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି

## ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜା କାମାକ୍ଷା ପ୍ରସାଦ ସିଂହଦେଓ, ରାଣୀ ସାବିତ୍ରୀ ଦେବୀ, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ବି.ଏସ୍. ସିଂହଦେଓ, ଯୁବରାଜ ଅମରଜ୍ୟୋତି ସିଂହଦେଓ, ଯୁବରାଣୀ ମ୍ରିନାଲ କୁମାରୀ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ସମାଜସେବୀ ଗଙ୍ଗାଧର ସାମଲ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତପନ କୁମାର ଶତପଥୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆର୍ଟ ଅଫ୍ ଲିଭିଂ ଢେଙ୍କାନାଳ ଶାଖାର ପ୍ରଶିକ୍ଷକ, ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା




ସାତମାଇଲ,୧୦।୧୧(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଖଜୁରିଆକଟାସ୍ଥିତ ପ୍ରାଣିଚିକିତ୍ସାଳୟ ପରିସରରେ ସୋମବାର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ମତ୍ସ୍ୟ ଅଧିକାରୀ ଶୁଭଶ୍ରୀ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ମୁଖ୍ୟବକ୍ତା ଭାବେ ହିନ୍ଦୋଳ ଉପଜିଲାପାଳ ପ୍ରଭାସ କୁମାର ବେହୁରା ଏବଂ ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣିଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି, ତହସିଲଦାର ଦିଲୀପ କୁମାର ସେଠୀ, ବିଡିଓ ଡ. କଲ୍ୟାଣ ସୌରଭ ଦାଶ, ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭ ବିକାଶ ମଲ୍ଲିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ କନ୍ଧମାଳ ତପନ କୁମାର ବେଉରା, ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଶାନ୍ତ କୁମାର ଖଟୁଆ ପ୍ରମୁଖ ଯୋଗଦେଇଥିଲେ। ହିନ୍ଦୋଳ ବ୍ଲକର ୩୫ଟି ପଞ୍ଚାୟତର ଶତାଧିକ ଚାଷୀ, ଗୋପାଳକ, ମତ୍ସ୍ୟଚାଷୀ ମେଳାରେ ଅଂଶଗ୍ରହଣ କରିଥିଲେ। ମେଳାରେ ମୋଟ ୧୨ଟି ଷ୍ଟଲରେ ଚାଷୀଙ୍କୁ ସରକାରଙ୍କ ପଶୁ ସମ୍ପଦ ଓ ମତ୍ସ୍ୟ ସମ୍ପଦ ଉପରେ ଆତ୍ମନିର୍ଭରଶୀଳ ହେବା ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିସହ କେତେଜଣ ସଫଳ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଦେବାଶିଷ ତ୍ରିପାଠୀ, ବ୍ଲକ କଳା ସଂସ୍କୃତି ବିଭାଗ ଉପସଭାପତି ବିମଳ ବିଶ୍ୱାଳ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭ ବିକାଶ ମଲ୍ଲିକ ମଞ୍ଚାସୀନ ଥିଲେ। ଖଜୁରିଆକଟା ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଜ୍ଞାସ୍ମିତା ସାହୁଙ୍କ ସମେତ ଉପଖଣ୍ଡର ପ୍ରାଣୀ ଚିକିତ୍ସାଳୟର କର୍ମଚାରୀ ସହଯୋଗ କରିଥିଲେ ।

# ମୃତକଙ୍କ ପରିବାରକୁ ଭେଟିଲେ ବିଶ୍ୱହିନ୍ଦୁ ପରିଷଦ ରାଜ୍ୟ ସମ୍ପାଦକ

ଓଡ଼ାପଡ଼ା,୧୦।୧୧(ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦିପୁର ଗ୍ରାମର ସାମାଜିକ କର୍ମୀ ସ୍ୱର୍ଗତ ଯୁଧିଷ୍ଠିର ନାୟକଙ୍କ ବାସଭବନରେ ବିଶ୍ୱହିନ୍ଦୁ ପରିଷଦର ରାଜ୍ୟ ସମ୍ପାଦକ ତଥା ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ପଣ୍ଡିତ ମହେଶ ସାହୁ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏଥିସହ ଧୈର୍ଯ୍ୟଧରି ଆଗକୁ ଚାଲିବାକୁ ପରାମର୍ଶ ଦେଇଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ନାୟକ ଜଣେ ସ୍ପଷ୍ଟବାଦୀ, ପରୋପକାରୀ ଓ ମେଳାପୀ ବ୍ୟକ୍ତି ଥିଲେ ବୋଲି ସାହୁ ମତ ପୋଷଣ କରିଥିଲେ।



ମୃତକଙ୍କ ପରିବାରକୁ ଭେଟୁଛନ୍ତି ବିଶ୍ୱହିନ୍ଦୁ ପରିଷଦର ରାଜ୍ୟ ସମ୍ପାଦକ।

# ପ୍ରତିଭାଙ୍କୁ ଆଗକୁ ଆଣିବାର ବଡ଼ମଞ୍ଚ ଗ୍ରାମାଞ୍ଚଳ କ୍ରୀଡ଼ା



କାମାକ୍ଷାନଗର,୧୦।୧୧(ସୁଧୀର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମରେ ସୋମବାର ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଯୋଗଦେଇ କ୍ରୀଡ଼ା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ବିକାଶ ଫାଉଣ୍ଡେଶନ ଅଧ୍ୟକ୍ଷା ମୃଦୁଳା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏଭଳି କ୍ରୀଡ଼ା ମହୋତ୍ସବ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ଆଗକୁ ଆଣିବାର

## ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

ବଡ଼ ମଞ୍ଚ ବୋଲି ମତବ୍ୟକ୍ତ ଦେଇଥିଲେ। ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ୧୦୦ ଓ ୨୦୦ ମିଟର ଦୌଡ଼, ଡିସ୍‌କସ୍ ଓ ଶର୍ଟପୁଟ୍ ଥ୍ରୋ ଖୋଖୋ, କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାଏକ, ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଢେଙ୍କାନାଳ ଜିଲା ଭାଜପା ସଭାପତି ରାସବିହାରୀ ବେହେରା, ବରିଷ୍ଠ ନେତା ପ୍ରେମାନନ୍ଦ ଜେନା, ଢେଙ୍କାନାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ବିକାଶ ଫାଉଣ୍ଡେଶନର ରାଜ୍ୟ ସଂଯୋଜକ ରବୀନ୍ଦ୍ର ନାଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ସମେତ ସେମାନଙ୍କ ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ଏହାକୁ ପ୍ରଶଂସା କରିଥିଲେ।

# ବିଶିଷ୍ଟ ଚିତ୍ରଶିଳ୍ପୀ ଅମୂଲ୍ୟ ମହାପାତ୍ରଙ୍କ ପରଲୋକ

ଢେଙ୍କାନାଳ,୧୦।୧୧(ରତନ ନାୟାର)

ଢେଙ୍କାନାଳ ସହର ହାଟରୋଡ୍‌ଠାରେ ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ସାମାଜିକ କର୍ମୀ ଅମୂଲ୍ୟ ମହାପାତ୍ରଙ୍କ ସୋମବାର ସକାଳେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୪ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାର ସଦସ୍ୟ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ବିଭିନ୍ନ ଜିଲାରେ ସମ୍ବର୍ଦ୍ଧିତ ହୋଇଥିଲେ। ହାଟରୋଡ ଅଞ୍ଚଳରେ ଲକ୍ଷ୍ମୀପୂଜା, ହନୁମାନ ମନ୍ଦିର ସମେତ ସାନ୍ଧ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠାରେ ତାଙ୍କର ଅବଦାନ ରହିଛି। ସେ ଜିଲା ମହିଳା ବିଜେଡି ଉପସଭାପତି ଉର୍ବଶୀ ମହାପାତ୍ରଙ୍କ



ଅମୂଲ୍ୟ ମହାପାତ୍ର (ଫାଇଲ ଫଟୋ)।

ପିତା। ଖବରପାଇ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ଯୁବ ସମାଜସେବୀ ଡା. ଅବିନାଶ ସାମଲ ଓ ବିଶିଷ୍ଟ ସମାଜସେବୀ ଗଙ୍ଗାଧର ସାମଲ ପ୍ରମୁଖ ଶୋକବ୍ୟକ୍ତ କରିବା ସହିତ ତାଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

# ସ୍ୱର୍ଗତା କଳ୍ପନାଙ୍କ ପରିବାରକୁ ସମବେଦନା ଜଣାଇଲେ ଏମ୍‌ପି

ଓଡାପଡ଼ା,୧୦।୧୧(ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନାଧରା ପଞ୍ଚାୟତର ସମିତି ସଭ୍ୟା ସ୍ୱର୍ଗତା କଳ୍ପନା ପୃଷ୍ଟିଙ୍କ ବାସଭବନରେ ସୋମବାର ଏମ୍‌ପି ରୁଦ୍ର ନାରାୟଣ ପାଣି ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଧୈର୍ଯ୍ୟଧରି ଆଗକୁ ଯିବାକୁ ପରାମର୍ଶ ଦେଇଥିଲେ। ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। କଳ୍ପନା ନାଧର ପଞ୍ଚାୟତରେ ୨ଥର ସମିତି ସଭ୍ୟା ହୋଇପାରିଥିଲେ। ସେ ଜଣେ ପରୋପକାରୀ ଓ ମେଳାପି ମହିଳା ଥିଲେ ବୋଲି ଏମ୍‌ପି କହିଥିଲେ। ଏମ୍‌ପିଙ୍କ ସହ ତପନ ମହାପାତ୍ର, ସହଦେବ ପୃଷ୍ଟି, ପଙ୍କଜ ଦାସ, ସୁଲେଖ ସାହୁ, ସୁଜାତା ସାମଲ, ରମେଶ ମହାନ୍ତି ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



# ହକିର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଦର୍ଶନୀ ମ୍ୟାଚ




ହକି ପ୍ରଦର୍ଶନୀ ମ୍ୟାଚରେ ଖେଳାଳିମାନେ।

ଢେଙ୍କାନାଳ,୧୦।୧୧(ରତନ ନାୟାର)

ଭାରତରେ ହକିର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୋମବାର ଢେଙ୍କାନାଳ ଷ୍ଟାଡିୟମଠାରେ ଏକ ପ୍ରଦର୍ଶନୀ ହକି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଜିଲା କ୍ରୀଡ଼ା ବିଭାଗ ପକ୍ଷରୁ ଶହୀଦ ବାଜି ରାଉତ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚରେ ବିଜେତା ଦଳ ଓ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭାରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ସୁଦୀପ୍ତ କୁମାର ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ହକି କୋଚ୍ ସାଇ ପ୍ରସାଦ ଦଳେଇ ଖେଳ ପରିଚାଳନା କରିଥିଲେ।

# ଜନଶୁଣାଣି ଶିବିରରେ ୭୪ ଅଭିଯୋଗ

ଭୁବନ,୧୦।୧୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ସମେତ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସମସ୍ୟା ବୁଝିଥିଲେ। ଶିବିରରେ ସମୁଦାୟ ୭୪ଟି ଅଭିଯୋଗ ହୋଇଥିଲା। ୧୦ଟି ଅଭିଯୋଗର ସମାଧାନ କରାଯାଇଥିଲା। ୩ ଜଣ ରୋଗୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ଓ ଜିଲା ରେଡକ୍ରସ୍ ପାଣ୍ଠିରୁ ୭୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ କାମାକ୍ଷାନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରଜନୀକାନ୍ତ ସାମଲ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦୀପ୍ତିରଞ୍ଜନ ସେଠୀ, ଭୁବନ ବିଡିଓ ଆୟୁଷୀ ମହାପାତ୍ରଙ୍କ ସମେତ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଯଥାଶୀଘ୍ର ଲୋକଙ୍କ ସମାସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ କହିଥିଲେ।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଦାବି

ପାଲଲହଡ଼ା,୧୦।୧୧(ଦିବ୍ୟଜ୍ୟୋତି ଦାଶ): ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ମୁଣ୍ଡୁରିବେଡା ସରପଞ୍ଚ ସଞ୍ଜୟ କୁମାର ବେହେରାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ପଞ୍ଚାୟତର ୭ ୱାର୍ଡସଭ୍ୟ ଦାବି କରିଛନ୍ତି। ନାଏବ ସରପଞ୍ଚ ହିମା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୭ ଜଣ ୱାର୍ଡମେମ୍ବର ଯୋଗଦେଇ ଅନାସ୍ଥା ପ୍ରସ୍ତାବରେ ସହମତି ପ୍ରଦାନ କରି ଦସ୍ତଖତ କରିଥିଲେ। ଏହାପରେ ସମସ୍ତ ୱାର୍ଡମେମ୍ବର ପାଲଲହଡ଼ା ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଦାବି କରିଥିଲେ।

# ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟର ବାର୍ଷିକ ଉତ୍ସବ



ଶ୍ରଦ୍ଧାଳୁମାନେ ସାଇ ସତ୍‌ଚରିତ ସମୂହ ପାରାୟଣ ପାଠ କରୁଛନ୍ତି।

ଢେଙ୍କାନାଳ,୧୦।୧୧(ରତନ ନାୟାର)

ଢେଙ୍କାନାଳ ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ୩ଦିନ ବ୍ୟାପୀ ଚାଲିଥିବା ବାର୍ଷିକ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ସାଇ ବାବାଙ୍କ ବିଶାଳ ଶୋଭାଯାତ୍ରା ସୌଦାମିନୀ ସ୍କୁଲ ଠାରୁ ବାହାରି ଶ୍ରୀରାମ ମଣ୍ଡପ ଅଭିମୁଖେ ଆସିଥିଲା। ସାଇ ବାବାଙ୍କ ବିମାନ ଓ ପାଦୁକା ଦର୍ଶନ ମୁଖ୍ୟ ଆକର୍ଷଣ ଥିଲା। ଦ୍ୱିତୀୟ ଦିବସରେ ସାଇ ସତ୍ୟ ନାରାୟଣ ବ୍ରତ ପୂଜାରେ ୧୦୮ ଦମ୍ପତି ଅଂଶଗ୍ରହଣ କରିଥିଲେ। ଏହି ପୂଜା ଶିରିଡି ସଂସ୍ଥାନର ପୂଜକଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ତୃତୀୟ ଦିବସରେ ସାଇ ସତ୍‌ଚରିତ ସମୂହ ପାରାୟଣ ଅନୁଷ୍ଠିତ ହୋଇଥିଲା। ସକାଳ ୮ ଘଟିକାରେ ଓଁ ଧ୍ୱନି କରାଯାଇ ବିଷ୍ଣୁ ସହସ୍ରନାମ, ଗୁରୁ ଭାଗବତ, ସାଇ ଅଷ୍ଟତର ନାମରେ ପତ୍ରଭିଷେକ କରାଯାଇଥିଲା। ସମସ୍ତ ସାଇ ଆଶ୍ରିତ ସଂକଳ୍ପ କରି ପାରାୟଣ ଆରମ୍ଭ କରିଥିଲେ। ମୁଖ୍ୟ ପାଠକ ଶିବ ପ୍ରସାଦ ପଣ୍ଡା ଓ ମୁଖ୍ୟ ପାଠିକା ରାନୁ ତ୍ରିପାଠୀ ପାରାୟଣ ପଠନ କରିଥିଲେ। ଏହି ପାରାୟଣରେ କଟକ, ପୁରୀ, ଭୁବନେଶ୍ୱର, ଯାଜପୁର, ଭଦ୍ରକ, ବାଲେଶ୍ୱର, ଅନୁଗୋଳ ଓ ରାଉରକେଲାରୁ ଭକ୍ତମାନେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ପାରାୟଣ ସମାପ୍ତ ସହିତ ସନ୍ଧ୍ୟା ଆରତୀ କରାଯାଇଥିଲା। ଶିରିଡି ସଂସ୍ଥାନ ପୂଜକଙ୍କ ଦ୍ୱାରା ସାଇ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ମହତ ସେବା ଯୋଗାଇଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଭଜନ ସମାରୋହ ଓ ସମୂହ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟର ସମସ୍ତ ଭଉଣୀ ଭାଇ ସହଯୋଗ କରିଥିଲେ।

# ଆଇଜିଙ୍କ ହସ୍ତକ୍ଷେପ ପରେ ବିବାଦର ସମାଧାନ ନିଷ୍ପତ୍ତି

## ଜିଲା ଓକିଲ ସଂଘ ଓ ଏସ୍‌ପିଙ୍କ ମଧ୍ୟରେ ମିଳିତ ବୈଠକ

ଢେଙ୍କାନାଳ,୧୦।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ଓକିଲ ସଂଘ ଓ ଏସ୍‌ପିଙ୍କ ମଧ୍ୟରେ ସୋମବାର ମଧ୍ୟାହ୍ନରେ ଏକ ମିଳିତ ବୈଠକ ବସି ବିବାଦର ସମାଧାନ ପାଇଁ ନିଷ୍ପତ୍ତି ହୋଇଛି। ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇଙ୍କ ହସ୍ତକ୍ଷେପ ପରେ ଏହି ବିବାଦର ସମାଧାନ ହୋଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲା ଓକିଲ ସଂଘ ଉପସଭାପତି ଟଙ୍କଧର ବେହେରାଙ୍କ ନାମରେ ପୋଲିସ ପକ୍ଷରୁ ଏକ ମିଥ୍ୟା ମାମଲା ତଥା ଏସ୍‌ସିଏସ୍‌ଟି କେସ୍ ଓ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହାକୁ ବିରୋଧ କରି ସୋମବାରଠାରୁ କଲମଛାଡ଼ ଆନ୍ଦୋଳନ ଓ ଜିଲା ପୋଲିସ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ



ଜିଲା ଓକିଲ ସଂଘ ଓ ଏସ୍‌ପିଙ୍କ ମଧ୍ୟରେ ଆଲୋଚନା ଚାଲିଛି।

ପୂର୍ବରୁ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଫଳରେ ଓକିଲ ସଂଘ ଓ ପୋଲିସ ମଧ୍ୟରେ ବିବାଦ ବଢ଼ିଯାଇଥିଲା। ତେବେ ଗତ ଶନିବାର ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ଭୋଇ ଓ ଜିଲା ଓକିଲ ସଂଘ ସଭାପତି ପାତ୍ରଙ୍କ ମଧ୍ୟରେ ବିବାଦର ସମାଧାନ ପନ୍ଥା ସମ୍ପର୍କରେ ଟେଲିଫୋନ ଯୋଗେ ଆଲୋଚନା ହୋଇଥିଲା। ଏହାପରେ ଆଇଜିଙ୍କ ପକ୍ଷରୁ ଏସ୍‌ପି ଓ ଜିଲା ଓକିଲ ସଂଘ ମଧ୍ୟରେ ଏକ ମିଳିତ ବୈଠକ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରସ୍ତାବ ଅନୁଯାୟୀ ସୋମବାର ଜିଲା ପୋଲିସ କାର୍ଯ୍ୟାଳୟରେ ଏସ୍‌ପି ଓ ଜିଲା ଓକିଲ ସଂଘ ମଧ୍ୟରେ ବିବାଦକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ପୋଲିସ ବିଭାଗ ସମାଧାନର ହାତ ବଢ଼ାଇଥିବାରୁ ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ଏହି ପ୍ରସ୍ତାବକୁ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଜିଲା ଓକିଲ ସଂଘ ସଭାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏସ୍‌ପିଙ୍କ ଦ୍ୱାରା ଗଠିତ ପୋଲିସ ପ୍ରତିନିଧି ଦଳ ସହିତ ମଧ୍ୟ ଆଲୋଚନା କରିଥିଲେ। ଏହି ଆଲୋଚନାରେ ନିଜ ନିଜର ମତ ଉପସ୍ଥାପନା କରିବା ସହିତ ମିଳାମିଶାର ପ୍ରସ୍ତାବ ଗ୍ରହଣ କରିଥିଲେ। ପ୍ରତିନିଧି ଦଳରେ ଜିଲା ଓକିଲ ସଂଘ ସମ୍ପାଦକ ତାପସ କୁମାର କବିଶତପଥୀ, ସହ ସମ୍ପାଦକ ଉତ୍ତମ ଦାସ, କାର୍ଯ୍ୟକାରୀ ସଦସ୍ୟ ପ୍ରେମାନନ୍ଦ ବିହାରୀ ଓ କମଳା ସାହୁ, ପୂର୍ବତନ ସଭାପତି ସୁରେନ୍ଦ୍ର ମିଶ୍ର, ଦୀପକ ପ୍ରସାଦ ପଟ୍ଟନାୟକ, ପଙ୍କଜ ଲୋଚନ ସାହୁ, ଶିବସାଇ ମହାପାତ୍ର, ବରିଷ୍ଠ ସଭ୍ୟ ସୁବୋଧ ମହାନ୍ତି, ଦୁର୍ଗା ପ୍ରସାଦ ଶତପଥୀ, ଭାବଗ୍ରାହୀ ପଣ୍ଡା, ନିର୍ମଳ ମିଶ୍ର, କିଷାନ ବିଶ୍ୱାଳ ଓ ରାଜେନ୍ଦ୍ର ନାରାୟଣ ରାଉତ ପ୍ରମୁଖ ଯୋଗ ଦେଇଥିଲେ ବୋଲି ସଂଘ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

## ଚୋରି ମାମଲାରେ ୨ ଭାଇ ଗିରଫ

ପବିତ୍ରନଗର,(ନିରୋଜ ପ୍ରଧାନ): ଅନୁଗୋଳ ଜିଲା କଣିହାଁ ବ୍ଲକ ବିଜୁଗୋଳ ପଞ୍ଚାୟତ ଆମ୍ରପାଳ ଲେଭଲ୍ କ୍ରସିଂଠାରେ ଶୁକ୍ରବାର ରାତିରେ ଏନ୍‌ଟିପିସିର କୋଇଲା ବୋଝେଇ ଟ୍ରେନ୍‌ର ୪ଟି ବଗି ଲାଇନଚ୍ୟୁତ ହୋଇଥିଲା। ଏହି ସମୟରେ ଭାଙ୍ଗିଥିବା ରେଳ ଧାରଣାର କିଛି ଅଂଶ ଓ ଟ୍ରେନ୍‌ର ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଏନ୍‌ଟିପିସି ପକ୍ଷରୁ ଟାଉନ ଥାନାରେ ଅଭିଯୋଗ କରାଯାଇଥିଲା। ଏନ୍‌ଟିପିସି ପୋଲିସ ତଦନ୍ତ କରି ଆମ୍ରପାଳ ଗ୍ରାମର ଦୁଇ ଭାଇ ପ୍ରକାଶ ବେହେରା (୨୭) ଓ ରଞ୍ଜନ ବେହେରା (୨୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏସଆଇ ଏମ୍‌ଡି ପଣ୍ଡାଙ୍କ ସୂତ୍ରରୁ ଜଣାପଡିଛି।

# ଜନ୍ମଦିନରେ ରକ୍ତଦାନ



**ଆଠମଲ୍ଲିକ,୧୦।୧୧(ଉଦୀପ୍ତ ପୁରୋହିତ)**

ରକ୍ତଦାନ କରି ଜନ୍ମଦିନ ପାଳନ କରିଛନ୍ତି ଅନୁଗୋଳ ଜିଲାର ସାମାଜିକ କର୍ମୀ ଲିପିକା ମହାପାତ୍ର। ସୋମବାର ସେ ଆଠମଲ୍ଲିକର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବା ପରେ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାକୁ ଯାଇ ରକ୍ତଭଣ୍ଡାରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହାପରେ ଧଣ୍ଡାତୋପା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ଚକୋଲେଟ ବଣ୍ଟନ କରିଥିଲେ। ଏହାକୁ ମିଶାଇ ମୋଟ ୨୭ ଥର ରକ୍ତଦାନ କରିଥିବା ସାମାଜିକ କର୍ମୀ ମହାପାତ୍ର ପ୍ରକାଶ କରିଛନ୍ତି।

# ୫ ଦିନ ହେଲା ପାନୀୟଜଳ ଯୋଗାଣ ଠପ୍

## ସଂଯୋଗ କାଟିଦେଲା ବିଦ୍ୟୁତ୍ ବିଭାଗ

**ବନ୍ତଲା,୧୦।୧୧ (ସୁଶିତ ସାହୁ)**

ଅନୁଗୋଳ ବ୍ଲକ ବଡ଼କେରା ଗାଁରେ ଥିବା ପାନୀୟ ଜଳଯୋଗାଣ ପଏଣ୍ଟରୁ ବିଦ୍ୟୁତ୍ ସଂଯୋଗ କାଟିଦେଇଛି ବିଦ୍ୟୁତ୍ ବିଭାଗ। ୫ଲକ୍ଷ ଟଙ୍କା ବିଲ୍ ବକେୟା ଥିବା ଅଭିଯୋଗ କରି ବିଦ୍ୟୁତ୍ ବିଭାଗ ଏହି ପଦକ୍ଷେପ ନେଇଥିବାରୁ ଗାଁକୁ ପାନୀୟ ଜଳ ଯୋଗାଣ ୫ ଦିନ ହେଲା ଠପ୍ ହୋଇଯାଇଛି। ଫଳରେ ଗାଁର ୨୦୦ ପରିବାର ଓ ବଜାରର ୧୫୦ ଦୋକାନୀ ପାନୀୟ ଜଳ ପାଇପାରୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ନମିତା ବେହେରା କହିଛନ୍ତି, ବିଲ୍ ପୈଠ ଦାୟିତ୍ୱ ପଞ୍ଚାୟତର, ବିଭାଗ କେବଳ ପାଣି ଯୋଗାଣ ସମ୍ପର୍କରେ ବୁଝେ। ସରପଞ୍ଚ ହାଡ଼ିବନ୍ଧୁ ବେହେରା କହିଛନ୍ତି, ଗତ ଶନିବାର ପଞ୍ଚାୟତ ପକ୍ଷରୁ ବକେୟା ବିଲ ପୈଠ କରାଯାଇଛି। ବିଦ୍ୟୁତ୍ ସଂଯୋଗ ଖୁବ୍‌ଶୀଘ୍ର ଦିଆଗଲେ ପାନୀୟ ଜଳ ଯୋଗାଣ ଆରମ୍ଭ ହେବ। ବଡ଼କେରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧୀର ସାହୁ କହିଛନ୍ତି, ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଜଳ ଯୋଗାଣ ପାଇଁ ୬ଟି ସ୍ଥାନରେ ପାନୀୟ ଜଳ ପଏଣ୍ଟ ରହିଛି। ସେଗୁଡିକର ବକେୟା ବିଦ୍ୟୁତ୍ ବିଲ ୫ ଲକ୍ଷରୁ ଅଧିକ ଟଙ୍କା ହେବ। ଗତ ମାର୍ଚ୍ଚମାସ ଠାରୁ ପଞ୍ଚାୟତକୁ ଏବାବଦରେ ଅର୍ଥ ମିଳି ନ ଥିଲା। ଗତ ଅକ୍ଟୋବରରେ ୪ ଲକ୍ଷ ଟଙ୍କା ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଛି। ୨ଟି କିସ୍ତିରେ ୪ଲକ୍ଷ ଟଙ୍କା ପଇଠ କରାଯାଇଛି। ବିଦ୍ୟୁତ୍ ବିଭାଗ ସହ ଆଲୋଚନା ଜାରି ରହିଛି। ଖୁବ୍‌ଶୀଘ୍ର ଜଳ ଯୋଗାଣ କରାଯିବ। ବଡ଼କେରା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଣୀତ ଭୂୟାଁ କହିଛନ୍ତି, ବିଲ୍ ପୈଠ ହୋଇଛି କି ନାହିଁ ଦେଖିଲା ପରେ ଜଣାଇବି।



ଗାଁରେ ଥିବା ପାନୀୟ ଜଳ ଯୋଗାଣ ପଏଣ୍ଟ।

# ପୋଲ ତଳକୁ ଖସିଲା ବାଇକ୍, ଚାଳକ ଗୁରୁତର

**ଅନୁଗୋଳ,୧୦।୧୧(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ସଦର ଥାନା କାଙ୍ଗୁଲା ଛକରୁ ଛେଳିଆପଡା ଆଡ଼କୁ ଯାଉଥିବା ଜଣେ ବାଇକ୍ ଆରୋହୀ ସୋମବାର ଅପରାହ୍ଣରେ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ଛେଳିଆପଡ଼ା ବ୍ରିଜ୍ ନିକଟରେ ଭାରସାମ୍ୟ ହରାଇବାରୁ ବାଇକ୍‌ଟି ପୋଲ ତଳକୁ ଖସି ପଡ଼ିଛି। ବାଇକ୍ ଚାଳକ ଗୁରୁତର ହୋଇଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ବାଇକ୍ ଚାଳକ ରାସ୍ତାରେ ଯାଉଥିବା ଜଣେ ମହିଳାଙ୍କୁ ସାମାନ୍ୟ ଧକ୍କା ଦେଇ ଖସି ପଳାଇଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି।

## ଚାଳକ ଗିରଫ, ବାଇକ୍ ଜବତ

**ବଇଣ୍ଡା,୧୦।୧୧(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଧଣ୍ଡାତୋପା ଠାରେ ଠାକୁରଗଡ଼ ପୋଲିସ ପକ୍ଷରୁ ରବିବାର ଗାଡ଼ିମୋଟର ଯାଞ୍ଚ ବେଳେ ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ ଆରାମପୁର ଅଞ୍ଚଳର ରଞ୍ଜନ ମାଝୀଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କ ବାଇକ୍‌କୁ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ନମ୍ବର ୩୦୨/୨୫ରେ ଏକ ମାମଲା ରୁଜୁ କରାଯାଇଛି।

# ବେଆଇନ ପାର୍କିଂ: ୩୨,୨୦୦ ଟଙ୍କା ଜରିମାନା









ରାସ୍ତା ପାର୍ଶ୍ୱରେ ବେଆଇନ ପାର୍କିଂ କରାଯାଇଛି।

## ପୌରପାଳିକା, ଆର୍‌ଟିଓ ପକ୍ଷରୁ ଚଢ଼ାଉ

**ଅନୁଗୋଳ,୧୦।୧୧(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ପୌରପାଳିକା ଓ ଆର୍‌ଟିଓ ପକ୍ଷରୁ ସୋମବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବେଆଇନ ପାର୍କିଂ କରିଥିବା ଗାଡ଼ିଗୁଡ଼ିକରୁ ଜରିମାନା ଆଦାୟ କରାଯାଇଛି। ସୂଚନା ଅନୁଯାୟୀ, ଅନୁଗୋଳ ସହର ମଧ୍ୟରେ ଗାଡ଼ିଗୁଡ଼ିକର ବେଆଇନ ପାର୍କିଂ ଯୋଗୁ ପ୍ରତ୍ୟେକ ଦିନ ଟ୍ରାଫିକ ସମସ୍ୟା ଦେଖାଯାଉଛି। ଏହି ସମସ୍ୟାକୁ ଏଡ଼ାଇବା ପାଇଁ ଜିଲାପାଳ ବେଇଆନ ପାର୍କିଂ ଉପରେ ରୋକ୍ ଲଗାଇବାକୁ ୧୧ ସେପ୍ଟେମ୍ବର ୨୦୨୫ରେ ଆର୍‌ଟିଓ ଏବଂ ପୌରପାଳିକାକୁ ଚିଠି ଲେଖିଥିଲେ। ସହରର ପ୍ରତ୍ୟେକ ଗଳିକନ୍ଦି କିମ୍ବା ସର୍ବସାଧାରଣ ରାସ୍ତା ପାର୍ଶ୍ୱରେ ବେଆଇନ ଭାବେ ପାର୍କିଂ କରୁଥିବା ଗାଡ଼ିଗୁଡ଼ିକୁ ଜରିମାନା କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ଅନେକ ସ୍ଥାନରେ ଭାରିଯାନଗୁଡ଼ିକରେ ପାର୍କିଂ କାରଣରୁ ସାଧାରଣ ରାସ୍ତା ଯାତାୟାତ ପାଇଁ ସଙ୍କୁଚିତ ହେଉଛି। ଏହି ପରିପ୍ରେକ୍ଷୀରେ ପୌରପାଳିକା ଏବଂ ଆର୍‌ଟିଓ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଅନୁଗୋଳ ଜଗନ୍ନାଥ ମନ୍ଦିର ନିମ୍ନଭାଗରେ ଥିବା ରାସ୍ତା ଉପରେ ଟ୍ରକ୍‌ଗୁଡ଼ିକ ଦୀର୍ଘଦିନ ଧରି ପାର୍କିଂ କରିଥିବା କାରଣରୁ ଜରିମାନା କରାଯାଇଥିଲା। ଆରଟିଓ ପକ୍ଷରୁ ଗୋଟିଏ ଗାଡ଼ିକୁ ୮ ହଜାର ଓ ଅନ୍ୟ ଗୋଟିଏ ଗାଡ଼ିକୁ ୨୧ ହଜାର ଟଙ୍କା ଜରିମାନା କରାଯାଇଛି। ସେହିପରି ପୌରପାଳିକା ମୋଟ ୩,୨୦୦ ଟଙ୍କା ଜରିମାନା କରିଥିବା ଜଣାପଡ଼ିଛି।

# ଲୋଭୀ ଠାକୁରାଣୀ ମନ୍ଦିର, ମନ୍ଦରଗିରି ବୁଲି ଦେଖିଲେ ଜିଲାପାଳ

**ଅନୁଗୋଳ,୧୦।୧୧(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର, ଗ୍ରାମୀଣ ବିକାଶ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଅନୁଗୋଳ ଉପଜିଲାପାଳ, ବିଡିଓ ଏବଂ ଅନ୍ୟ ପଦସ୍ଥ ଅଧିକାରୀ ମାନେ ସୋମବାର ଗଡ଼ସନ୍ତ୍ରିସ୍ଥିତ ଲୋଭୀ ଠାକୁରାଣୀ ପୀଠ ବୁଲି ଦେଖିଥିଲେ। ଏଥିସହ ଏହାର ଉନ୍ନତୀକରଣ ପାଇଁ ମନ୍ଦିର କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ସେହିଭଳି ଅନୁଗୋଳ ଠାରୁ ପ୍ରାୟ ୧୦ କିମି ଦୂର ମନ୍ଦରଗିରି ପାହାଡ଼ରେ ଥିବା ବିଭିନ୍ନ ମନ୍ଦିର ଓ ଏହାର ପରିବେଶ ବୁଲି ଦେଖିଥିଲେ। ପାହାଡ଼ର ସବୁଜିମା ଓ ଔଷଧୀୟ ବୃକ୍ଷ ପାଇଁ ମନ୍ଦରଗିରି ଜିଲାରେ ପ୍ରସିଦ୍ଧି ଅର୍ଜନ କରିଛି। ମନ୍ଦରଗିରି ଓ ଲୋଭୀ ଠାକୁରାଣୀ ପୀଠର ଉନ୍ନତି ହେଲେ ଜିଲାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢିବ ବୋଲି କୁହାଯାଇଛି।



ପରିଦର୍ଶନରେ ଆସିଥିବା ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

# ସାଇବର ଠକେଇ ସମ୍ପର୍କରେ ସଚେତନ କଲା ପୋଲିସ



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ତାଲଚେର,୧୦।୧୧(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଲଚେର ବ୍ଲକସ୍ଥିତ ଗୋପାଳପ୍ରସାଦ ଥାନା ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋପାଳପ୍ରସାଦ ଥାନା ଅଧିକାରୀ ସରୋଜ କୁମାର ନାଏକ, ସମ୍ମାନିତ ଅତିଥି ଭାବେ ସବ୍‌ଇନ୍ସପେକ୍ଟର ଶେଷଦେବ ପ୍ରଧାନ, ବିଦ୍ୟାଳୟ ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଓ କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆଚାର୍ଯ୍ୟ ଅନିଲ କୁମାର ସାହୁ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟଅତିଥି ନାଏକ ଅଜଣା ଫୋନ କଲ୍ ଗ୍ରହଣ ନ କରିବା, ନିଜ ମୋବାଇଲରେ ଆସୁଥିବା ଓଟିପିକୁ ଅନ୍ୟକାହାକୁ ନ ଦେବା, କୌଣସି ଆପ୍‌ରେ ନିଜର ବ୍ୟକ୍ତିଗତ ତଥ୍ୟ ପ୍ରଦାନ ନ କରିବା, ଭିଡିଓ କଲ୍ ଓ ଫଟୋଠାରୁ ନିଜକୁ ଦୂରେଇ ରଖିବା ଆଦି ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ସାଇବର ସୁରକ୍ଷା ସମ୍ବନ୍ଧୀୟ ଏକ କୁଇଜ୍ ପ୍ରତିଯୋଗିତା କରାଯାଇ ପୁରସ୍କୃତ ପ୍ରଦାନ କରାଯାଇଥିଲା। ଆଚାର୍ଯ୍ୟ ରବିନ କୁମାର ବରାଳ ଓ ପ୍ରିୟଙ୍କା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରିଏଟିଭ ଟେକ୍‌ନୋ କଲେଜରେ ଏଆଇ ଉପରେ କର୍ମଶାଳା

**ଅନୁଗୋଳ,୧୦।୧୧ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ କ୍ରିଏଟିଭ ଟେକ୍‌ନୋ କଲେଜରେ କୃତ୍ରିମ ବୁଦ୍ଧିମତ୍ତା ବିଷୟରେ ଶିକ୍ଷାମୂଳକ କର୍ମଶାଳା ଆୟୋଜିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଜ୍ଞାନେନ୍ଦ୍ର କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଶେଷ ଅତିଥି ଭାବେ ଏଆଇର ଅଭିଜ୍ଞ ଶୁଭ୍ରଜ୍ୟୋତି ବେହେରା ଯୋଗଦେଇ ଏଆଇର ଉତ୍ପତ୍ତି, ମେଶିନ ଲର୍ନିଂ, ରୋବୋଟିକ୍ସ ଓ ଡାଟା ସାଇନ୍ସ ସହିତ ଏହାର ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ଆଗାମୀ ପିଢ଼ିର ଚାକିରି ଏଆଇ ଭିତ୍ତିକ ହେବାକୁ ଥିବାରୁ ଛାତ୍ରୀଛାତ୍ରମାନେ ଏହି ଶାସ୍ତ୍ର ସମ୍ପର୍କରେ ଜ୍ଞାନ ସଂଗ୍ରହ କରିବା ଆବଶ୍ୟକ ବୋଲି ମତ ରଖିଥିଲେ। ଏହି କର୍ମଶାଳାରେ ଛାତ୍ରୀଛାତ୍ରମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏଥିସହ ଡେମୋ ମାଧ୍ୟମରେ ଏଆଇ ଆପ୍ଲିକେଶନ ଦେଖିଥିଲେ।



କର୍ମଶାଳାରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

# ଅନ୍‌ଲାଇନ ଶିକ୍ଷକ ଉପସ୍ଥାନକୁ ବିରୋଧ

**ବଇଣ୍ଡା, ୧୦।୧୧ (ପରିକ୍ଷିତ ସାହୁ)**

ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଶିକ୍ଷକମାନଙ୍କ ପାଇଁ ଅନ୍‌ଲାଇନ ଶିକ୍ଷକ ଉପସ୍ଥାନକୁ ଆଠମଲ୍ଲିକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ସଂଘ ପକ୍ଷରୁ ସୋମବାର ଆଠମଲ୍ଲିକ ଭାରପ୍ରାପ୍ତ ବିଇଓ ସୁନୀଲ କୁମାର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ନିରାକାର ମେହେର, ସୁଧାଂଶୁ ଭୂଷଣ ନାୟକ, ପ୍ରଦୀପ କୁମାର ବାହୁକ, ପ୍ରଦୀପ କୁମାର ନାୟକ, ନରେନ୍ଦ୍ର ମିର୍ଦ୍ଧା, ପ୍ରତାପ କୁମାର ବାଘ, କୃଷ୍ଣଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ପକ୍ଷରୁ କୁହାଯାଇଛି, ସରକାର ବିଦ୍ୟାଳୟର ଭିତ୍ତିଭୂମି ଉନ୍ନତ କରୁନାହାନ୍ତି। ଏପରିକି ଶିକ୍ଷା ବ୍ୟବସ୍ଥା ଅଚଳ ହୋଇପଡୁଥିବାବେଳେ ଅଜବ ନିୟମ ପ୍ରସ୍ତୁତ କରୁଛନ୍ତି। ସମସ୍ତ ସମସ୍ୟା ସମାଧାନ କରିବା ପରେ ଶିକ୍ଷକଙ୍କ ଅନ୍‌ଲାଇନ ଉପସ୍ଥାନ କାର୍ଯ୍ୟକାରୀ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ନଚେତ ଆଗାମୀ ଦିନରେ ଏକ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।



ଆଠମଲ୍ଲିକ ଭାରପ୍ରାପ୍ତ ବିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଏକଦିବସୀୟ ଜାତୀୟ ଆଲୋଚନାଚକ୍ର





ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

**ବଇଣ୍ଡା,୧୦।୧୧ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ସୋମବାର ଏକଦିବସୀୟ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଶ୍ରୀବତ୍ସ ପ୍ରଧାନ, ଅନ୍ୟତମ ଅତିଥି ଭାବେ ଡ. ଲକ୍ଷ୍ମୀପ୍ରିୟା ବେହେରା, ପ୍ରଫେସର ଇନ୍ଦ୍ରମଣି ସାହୁ, ଡ. ରମେଶ ଚନ୍ଦ୍ର ବେହେରା, ଡ. ରୁଦ୍ର ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ କାଳିଆ ସେଠୀଙ୍କ ଦ୍ୱାରା ଲିଖିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କାଳିଆ ସେଠୀ ସଂଯୋଜନା କରିଥିବାବେଳେ ବିଭାଗର ମୁଖ୍ୟ ରବି ନାରାୟଣ ବେହେରା, ଅଧ୍ୟାପକ ପ୍ରିୟବ୍ରତ ମହାନ୍ତି ମଞ୍ଚାସୀନ ଥିଲେ। ଏହି ଅବସରରେ ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟିଙ୍କ ସଭାପତିତ୍ୱରେ ପ୍ରବନ୍ଧ ପାଠ କରାଯାଇଥିଲା। ଅତିଥି ଭାବେ ଅରୁଣ କୁମାର ପ୍ରଧାନ ଯୋଗଦେଇଥିଲେ। ସମୀକ୍ଷକ ଭାବେ ଡ. ହୀରାବତୀ ବିଶ୍ୱାଳ, ସୂର୍ଯ୍ୟକାନ୍ତ ଦାସ, ସତ୍ୟବ୍ରତ ପଣ୍ଡା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଞ୍ଜନ କୁମାର ପ୍ରଧାନ ପରିଚାଳନା କରିଥିଲେ।

# ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ

**ଆଠମଲ୍ଲିକ,୧୦।୧୧(ଉଦୀପ୍ତ ପୁରୋହିତ)**

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ କଟକ ମୁଣ୍ଡଳୀସ୍ଥିତ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନଡିଆର୍‌ଏଫ୍) କାର୍ଯ୍ୟାଳୟର ଏକ ସ୍ୱତନ୍ତ୍ର ଟିମ୍ ଆଠମଲ୍ଲିକ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ବିପର୍ଯ୍ୟୟ ପରିଚାଳନାର କୌଶଳ ଓ ସରଳ ଉପାୟ ବୁଝାଇବା ସହିତ ମକ୍‌ଡ୍ରିଲ କରି ଦେଖାଇଥିଲେ। ଇନ୍ସପେକ୍ଟର ରମାକାନ୍ତ ଦାଶ, ସବ୍‌ଇନ୍ସପେକ୍ଟର ଏସ. କେ. ସିହ୍ନାଙ୍କ ନେତୃତ୍ୱରେ ଏନ୍‌ଡିଆର୍‌ଏଫ୍ ସଦସ୍ୟ ନିଆଁକୁ କିପରି ଆୟତ୍ତ କରିହେବ ତାହାର କୌଶଳ ଦେଖାଇଥିଲେ। ଏଥିସହିତ ଭୂମିକମ୍ପ, ବାତ୍ୟା, ବନ୍ୟାରୁ କିପରି ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରିହେବ ତାହା ଉପରେ ଆଲୋଚନା କରିଥିଲେ। ଏହି ମକ୍‌ଡ୍ରିଲ୍‌ରେ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ବିନୋଦିନୀ ପ୍ରଧାନ, ଜ୍ୟୋସ୍ନାରାଣୀ ତରିଆ, ଶିକ୍ଷକ ମହେନ୍ଦ୍ର ସିଠ, ପ୍ରଦୀପ ସେଠୀ, ସୁରେଖା ନାୟକ, ବିକାଶ ଧଳ, ସୌମ୍ୟରଞ୍ଜନ ମହାକୁଡ଼ଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।



ମକ୍‌ଡ୍ରିଲ୍ ପାଇଁ ଆସିଥିବା ଏନ୍‌ଡିଆର୍‌ଏଫ୍ ଟିମ୍‌ର ଅଧିକାରୀ ଓ ଅନ୍ୟମାନେ।

# ଗାଁକୁ ସ୍ୱଚ୍ଛ ରଖିବାକୁ ମହିଳା ଗୋଷ୍ଠୀ ଏକାଠି



**ବଣ୍ଡଁରପାଳ,୧୦।୧୧(ସୁବାସ ସାହୁ)**

ଅନୁଗୋଳ ଜିଲା ବଣ୍ଡଁରପାଳ ବ୍ଲକ ରାଉତାଳ ଗ୍ରାମର ଶତାଧିକ ମହିଳା ଗାଁକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବାକୁ ଏକାଠି ହୋଇଛନ୍ତି। ସେମାନେ ଗାଁକୁ ସ୍ୱଚ୍ଛ ଗ୍ରାମ ଭାବେ ଗଢ଼ି ତୋଳିବାକୁ ଶପଥ ନେଇଛନ୍ତି। ଗାଁର ପ୍ରାୟ ୧୩୨ରୁ ଉର୍ଦ୍ଧ୍ୱ ମହିଳା ସ୍ୱଚ୍ଛତା କଥା ଚିନ୍ତା କରି ରାଉତାଳ ସ୍କୁଲ ପରିସରରେ ଏକତ୍ରିତ ହୋଇ ଏକ ବୈଠକର ଆୟୋଜନ କରିଥିଲେ। ବର୍ତ୍ତମାନର ଆବର୍ଜନା ପରିଚାଳନା ଚିନ୍ତାଜନକ ପ୍ରସଙ୍ଗକୁ ହୃଦୟଙ୍ଗମ କରି ସେମାନେ ଏକତ୍ରିତ ହୋଇଥିବା ଗାଁର ମହିଳା ନେତ୍ରୀ ଶାନ୍ତିଲତା ସାହୁ ମତ ପ୍ରକାଶ କରିଛନ୍ତି।

ମହିଳାମାନଙ୍କ କହିବା ଅନୁଯାୟୀ, ଗାଁ ସ୍ୱଚ୍ଛ ରହିଲେ ସମସ୍ତ ଲୋକ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବେ। ପିଲାମାନେ ଗାଁ ଦାଣ୍ଡରେ ଖେଳାବୁଲା କରୁଥିବାରୁ ଗାଁକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ଏକ ଜରୁରୀ ପ୍ରସଙ୍ଗ ବୋଲି ସେମାନେ ଅନୁଭବ କରିଥିଲେ। ତେଣୁ ବୈଠକରେ ସେମାନେ ବିଭିନ୍ନ ପରିବେଶଧର୍ମୀ କାର୍ଯ୍ୟ କରିବା ପାଇଁ ଶପଥ ନେଇଛନ୍ତି। ମହିଳା ପରିମଳ ଓ ପରିବେଶ ସୁରକ୍ଷା ନାମରେ ଏକ ନୂତନ କମିଟି ଗଠନ କରିଛନ୍ତି। ସଭାନେତ୍ରୀ ଭାବେ ସୁନିତା ବିଶ୍ୱାଳ ଏବଂ ସମ୍ପାଦିକା ଭାବେ ନିରୁପମା ସାହୁ ଚୟନ ହୋଇଛନ୍ତି। ପ୍ରତି ମାସରେ ପରିମଳ ଓ ପରିବେଶ ଦିବସ ପାଳନ, ପ୍ରତି ଘରକୁ ସଚେତନ, ମାସିକ ବୈଠକ ଏବଂ ଗାଁ ସଫେଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମ ଗାଁର ଛାତ୍ରୀଛାତ୍ର ଏବଂ ଯୁବଗୋଷ୍ଠୀଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ସେମାନେ ଆଶାବାଦୀ ଅଛନ୍ତି। ବୈଠକରେ କମିଟିର ଅନ୍ୟ ସଦସ୍ୟା ରୀନା ଦେହୁରୀ, ରଶ୍ମିତା ବିଶ୍ୱାଳ, ନମିତା ସାହୁ, ଅର୍ଚ୍ଚନା ବିଶ୍ୱାଳ, ବନିତା ସାହୁ, ମାମିନା ନାୟକ, ପ୍ରଭାସିନୀ ସାହୁ, ରଶ୍ମିତା ବେହେରା, ସ୍ମିତାଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜନଶୁଣାଣିରେ ୫୭ ଅଭିଯୋଗ

**ଅନୁଗୋଳ,୧୦।୧୧ (ମାନସ ବିଶ୍ୱାଳ)/ ବଣ୍ଡଁରପାଳ,(ସୁବାସ ସାହୁ)**

ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ବଣ୍ଡଁରପାଳ ବ୍ଲକ କାର୍ଯ୍ୟାଳୟଠାରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜୀବ ଲୋଚନ ପଣ୍ଡା ଯୋଗଦେଇଥିଲେ। ଶିବିରରେ ସମୁଦାୟ ୩୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମଦନ ମୋହନ ପ୍ରଧାନ, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ବଣ୍ଡଁରପାଳ ତହସିଲଦାର ସୁଶାନ୍ତ କୁମାର ମିଶ୍ର, ବଣ୍ଡଁରପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଜିଲା ମୁଖ୍ୟ କୃଷି ଅଧିକାରୀ ଉମା ଶଙ୍କର ମିଶ୍ର, ଉପନିର୍ଦ୍ଦେଶକ ଉଦ୍ୟାନ ଅମ୍ବର ଲୁଗୁନ, ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିରୋଦ ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ସେହିପରି ଅନୁଗୋଳ ଜିଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ସୋମବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୫ ହଜାର ଓ ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କାର ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ବଣ୍ଡଁରପାଳ ବ୍ଲକ କୁରୁଡୋଳ ଗ୍ରାମର ଭୁବନାନନ୍ଦ ନାଏକଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

HI-TECH MEDICAL COLLEGE & HOSPITAL

**NOTICE**

In pursuance of OJEE Notice No. OJEE/670 dated 09.11.2025, all the allotted candidates for MBBS/BDS Courses after the 3rd Round of Web-based counselling by OJEE for admission and reporting at Hi-Tech Medical College & Hospital, Bhubaneswar / Hi-Tech Medical College & Hospital, Rourkela / Hi-Tech Dental College & Hospital, Bhubaneswar are hereby directed to report physically latest by 12.11.2025 (up to 5.00 PM) positively along with all their original documents at the respective institution, failing which this will be reported to the OJEE.

**PRINCIPAL**
Hi-Tech Medical College & Hospital, Bhubaneswar
Hi-Tech Medical College & Hospital, Rourkela
Hi-tech dental college and hospital, Bhubanewar

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................




ରିଷୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶିକ୍ଷାକ୍ଷେତ୍ରରେ ଏଆଇ ପ୍ରଚଳନ ପୂର୍ବରୁ ଭିତ୍ତିଭୂମି ସୁଦୃଢ଼ କରାଯାଉ

ଭୁବନେଶ୍ୱର,୧୦।୧୧(ସୁଚିସ୍ମିତା ସାହୁ)



## ଆଜି ଜାତୀୟ ଶିକ୍ଷା ଦିବସ

ପ୍ରତ୍ୟେକ ମନୁଷ୍ୟର ମୌଳିକ ଅଧିକାର ହେଉଛି ଶିକ୍ଷା। ଶିକ୍ଷା ମାଧ୍ୟମରେ ଏକ ସଶକ୍ତ ତଥା ସଚେତନ ସମାଜ ଗଢ଼ିହୁଏ। ଏହା ଆମକୁ ଆମର ପରିବେଶ, ଜୀବନଜୀବିକା ଓ ସମାଜ ସମ୍ପର୍କରେ ସଜାଗ କରାଇଥାଏ। ଏଥିସହ ଆମକୁ ସଫଳତାର ମାର୍ଗରେ ଆଗେଇ ନେବାଲାଗି ଜ୍ଞାନ ଅର୍ଜନ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଜଣେ ଶିକ୍ଷିତ ଓ ସଚେତନ ମଣିଷ ହିଁ ଦେଶରେ ଜଣେ ଆଦର୍ଶ ନାଗରିକ ହୋଇଥାଏ। ଜଣେ ଆଦର୍ଶ ନାଗରିକ ହିଁ ଦେଶ ଓ ବିଶ୍ୱର ଉନ୍ନତି ପାଇଁ ଚିନ୍ତା କରିଥାଏ। ଏହାକୁ ହୃଦୟଙ୍ଗମ କରିବା ପାଇଁ ୨୦୦୮ ମସିହାରୁ ପ୍ରତିବର୍ଷ ନଭେମ୍ବର ୧୧କୁ ଜାତୀୟ ଶିକ୍ଷା ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସ ପାଳନର ପ୍ରସଙ୍ଗ ରହିଛି 'ଏଆଇ ଏବଂ ଶିକ୍ଷା : ସ୍ୱୟଂଚାଳିତ ଜଗତରେ ମାନବ ଏଜେନ୍ସି ସଂରକ୍ଷଣ'। ବ୍ୟକ୍ତି ଓ ସମ୍ପ୍ରଦାୟଙ୍କୁ ପ୍ରଯୁକ୍ତି ବିଦ୍ୟା ପ୍ରଗତିକୁ ବୁଝେଇବା ସହିତ ଶିକ୍ଷାର ଶକ୍ତି ଉପରେ ପ୍ରତିଫଳନକୁ ଉତ୍ସାହିତ କରିଥାଏ।

ଜାତୀୟ ଶିକ୍ଷା ଦିବସ ସମ୍ପର୍କରେ ଭୁବନେଶ୍ୱର ଆଇଆର୍‌ସି ଭିଲେଜ ସେକ୍ଟର-୬ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରତ୍ନାମଞ୍ଜରୀ ଦାସ କହିଛନ୍ତି, ଶିକ୍ଷାକ୍ଷେତ୍ରରେ ପୂର୍ବ ଅପେକ୍ଷା ବହୁ ପରିବର୍ତ୍ତନ ଦେଖିବାକୁ ମିଳିଛି। ବର୍ତ୍ତମାନ ପିଲାଙ୍କ ପାଇଁ ପାଠପଢ଼ା ସରଳ, ସହଜ କରାଯାଇଛି ସତ ହେଲେ ଘରୋଇ ସ୍କୁଲ ଭଳି ପିଲାଙ୍କୁ ପଢ଼ା ଯାଇପାରୁନାହିଁ। ଶିକ୍ଷକମାନଙ୍କୁ ଶିକ୍ଷା ବ୍ୟତୀତ ଅନ୍ୟ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଫଳରେ ପିଲାଙ୍କୁ ଭଲ ମଣିଷ କରି ଗଢ଼ିତୋଳିବାକୁ ଶିକ୍ଷକଙ୍କ ମନୋବଳ ଭାଙ୍ଗିଯାଉଛି। ପିଲାଙ୍କ ଅନୁପାତ ଅନୁସାରେ ବିଦ୍ୟାଳୟଗୁଡିକରେ ଶିକ୍ଷକ ନାହାନ୍ତି। ଅନ୍ୟ ଦେଶମାନଙ୍କ ଭଳି ଆମ ଦେଶରେ ମଧ୍ୟ ପିଲାଙ୍କୁ ଗୋଟିଏ ଢାଞ୍ଚାରେ ପାଠ ପଢ଼ାଯାଉ। ବିଦ୍ୟାଳୟଗୁଡିକରେ ଏଆଇର ପ୍ରଚଳନ ସ୍ୱାଗତଯୋଗ୍ୟ। ଏହାଦ୍ୱାରା ପିଲାଙ୍କ ପାଠପଢ଼ା ଆହୁରି ବ୍ୟାପକ ହେବା ସହ ଉନ୍ନତ ଶିକ୍ଷାଦାନ ପାଇପାରିବେ। ହେଲେ ଏହା ପୂର୍ବରୁ ଶିକ୍ଷାକ୍ଷେତ୍ରର ଭିତ୍ତିଭୂମିକୁ ସୁଦୃଢ଼ କରାଯାଉ। ସମସ୍ତ ବିଦ୍ୟାଳୟରେ ବିଦ୍ୟୁତ୍, କମ୍ପ୍ୟୁଟର ଏବଂ ସ୍ୱତନ୍ତ୍ର ଶିକ୍ଷକ ରହିବା ଜରୁରୀ ବୋଲି ରତ୍ନାମଞ୍ଜରୀ କହିଛନ୍ତି।

ଦେଶର ଶିକ୍ଷାକ୍ଷେତ୍ରକୁ ସୁଦୃଢ଼ କରିବାରେ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ କଲାମ ଆଜାଦଙ୍କ ଅବଦାନ ସର୍ବଦା ସ୍ମରଣୀୟ। ତାଙ୍କର ଅକ୍ଲାନ୍ତ ପରିଶ୍ରମ ଯୋଗୁ ଦେଶରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଓ ଭାରତୀୟ ବୈଷୟିକ ପ୍ରତିଷ୍ଠାନ (ଆଇଆଇଟି) ପରି ଆଧୁନିକ ଶିକ୍ଷା ସଂସ୍ଥା ସ୍ଥାପିତ ହୋଇପାରିଥିଲା। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଶିକ୍ଷାକୁ ଉନ୍ନତ ଓ ସୁଲଭ କରାଇବାରେ ତାଙ୍କର ପଦକ୍ଷେପଗୁଡ଼ିକ ଖୁବ୍ ପ୍ରଶଂସନୀୟ ଥିଲା। ୧୮୮୮ ନଭେମ୍ବର ୧୧ରେ ଜନ୍ମିତ ମୌଲାନା ଆଜାଦଙ୍କୁ ମନେପକାଇବା ପାଇଁ ତାଙ୍କ ଜନ୍ମଦିନକୁ ଜାତୀୟ ଶିକ୍ଷା ଦିବସ ରୂପେ ପାଳନ କରାଯାଉଛି।

# ନୂଆପଡ଼ାକୁ ବାହାରୁ ଯାଇନାହିଁ ଗୋଟିଏ ବି ଇଭିଏମ୍: ସିଇଓ

ଭୁବନେଶ୍ୱର,୧୦।୧୧(ରବିନାରାୟଣ ଜେନା)

## ବିଜେଡିର ଅଭିଯୋଗକୁ ଖଣ୍ଡନ

ନୂଆପଡ଼ା ଉପନିର୍ବାଚନ ଲାଗି ଆବଶ୍ୟକ ସଂଖ୍ୟକ ଇଭିଏମ୍ ଜିଲା ୱାର୍‌ରୁମ୍ ଭିତରେ ମହଜୁଦ ରହିଛି। କୌଣସି ଜିଲାରୁ ଏବେ ଦିନେ କିମ୍ବା ଦୁଇଦିନ ମଧ୍ୟରେ ଅଣାଯାଇନାହିଁ। ମାତ୍ର ଗଞ୍ଜାମରୁ ଏକ ଟ୍ରକଭର୍ତ୍ତି ଇଭିଏମ୍ ନୂଆପଡ଼ା ଅଣାଯାଇଛି ବୋଲି ଏକ ନିର୍ଦ୍ଦିଷ୍ଟ ବୈଦ୍ୟୁତିକ ଗଣମାଧ୍ୟମରେ ଯେଉଁ ଖବର ପ୍ରସାର ହୋଇଛି ଏବଂ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଯେଉଁ ଅଭିଯୋଗ କରାଯାଇଛି ତାହା ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ଥ ଗୋପାଳନ କହିଛନ୍ତି।

ସୋମବାର ପୂର୍ବାହ୍ନରେ ସିଇଓ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୋପାଳନ କହିଛନ୍ତି, ୩୦ଜିଲାରେ ଇଭିଏମ୍ ପାଇଁ ୱାର୍‌ରୁମ୍ ରହିଛି। ତାହା ପୁଣି ପୋଲିସ ସୁରକ୍ଷା ବଳୟରେ ତଥା ୨୪ଘଣ୍ଟା ସିସିଟିଭି ନଜରରେ ରଖାଯାଇଛି। ବିଜେଡିର ଅଭିଯୋଗ ପାଇବା ପରେ ଏନେଇ ନିଜେ ଗଞ୍ଜାମସ୍ଥିତ ୱାର୍‌ରୁମ୍ ଅନୁସନ୍ଧାନ କରିବା ସହିତ ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ହେଲେ ମାସକ ମଧ୍ୟରେ କୌଣସି ଇଭିଏମ୍ ସ୍ଥାନାନ୍ତର ହୋଇନାହିଁ ବୋଲି ସିଇଓ କହିଛନ୍ତି।

ଏଥିସହ ସେ କହିଛନ୍ତି, ଏ ସଂକ୍ରାନ୍ତରେ ବିଜେଡିକୁ ତଥ୍ୟ ଦେବାକୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ସେମାନେ ତଥ୍ୟ ପ୍ରମାଣ ପ୍ରଦାନ କରିନାହାନ୍ତି। ତେବେ ସେଠାରେ କେତେକ ସ୍ଥାନରେ ପଇସା ବଣ୍ଟନର ଭିଡିଓ ବୁଲୁଥିବା ଅଭିଯୋଗ ଆସିଛି, ତାହାକୁ ଯାଞ୍ଚ କରାଯାଉଛି। ଏପର୍ଯ୍ୟନ୍ତ କୌଣସି ପ୍ରମାଣର ସତ୍ୟାସତ୍ୟ ଜଣାପଡ଼ିନାହିଁ। ଅକ୍ଟୋବର ୯ରେ ନୂଆପଡ଼ା ଜିଲାପାଳ ଓ ନିର୍ବାଚନ ଅଧିକାରୀଙ୍କ ଉପସ୍ଥିତିରେ କମ୍ପ୍ୟୁଟର ଦ୍ୱାରା ବଛା ଯାଇଥିବା ୧୬୦% ଇଭିଏମ୍ ଓ ୧୭୦% ଭିଭିପିଏଟିର ତାଲିକା ରାଜନୈତିକ ଦଳଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଯାଞ୍ଚ କରାଯାଇଛି। ତେଣୁ ବିଜେଡି ଯେଉଁ ଅଭିଯୋଗ କରିଛି ତାହା ସମ୍ପୂର୍ଣ୍ଣ ଭାବେ ଅମୂଳକ। ଏହାକୁ ନୂଆପଡ଼ା ତଥା ରାଜ୍ୟବାସୀ କିଏ ହେଲେ ବି ବିଶ୍ୱାସ କରନ୍ତୁ ନାହିଁ ବୋଲି ସିଇଓ କହିଛନ୍ତି।

ଏହି ଅବସରରେ ସ୍ୱତନ୍ତ୍ର ହେଲିକପ୍ଟରରେ ଯାଉଥିବା ପୋଲିଂ ଟିମ୍ ମଧ୍ୟରେ କୌଣସି ପ୍ରକାରେ ଯେପରି ଇଭିଏମ୍‌କୁ ନିଜ ଭିତରେ ମିଶ୍ରଣ କରି ନ ଦିଅନ୍ତି ସେନେଇ ଜିଲା ପର୍ଯ୍ୟବେକ୍ଷକଙ୍କ ସହିତ ସିଇଓ କଥା ହୋଇଥିବା କହିଛନ୍ତି।




ଧ-୭୬୮୭୩


# ୩୨ ଅତି ସମ୍ବେଦନଶୀଳ ବୁଥ୍ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ: ବିଜେଡି

ଭୁବନେଶ୍ୱର,୧୦।୧୧(ସୁନିତ୍ ମିଶ୍ର)

ନୂଆପଡ଼ାର ୩୨ଟି ଅତି ସମ୍ବେଦନଶୀଳ ବୁଥ୍‌କୁ ନେଇ ବିଜେଡି ଚିନ୍ତାବ୍ୟକ୍ତ କରିଛି। ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନାରେ ହିଂସାକାଣ୍ଡ ହେବା ଆଶଙ୍କାରେ ସୁରକ୍ଷା ଯାଞ୍ଚ ଓ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ବିଜେଡି ପକ୍ଷରୁ ନିବେଦନ କରାଯାଇଛି। ବିଜେଡି ପକ୍ଷରୁ ଦାଖଲ ସ୍ମାରକପତ୍ରରେ କୁହାଯାଇଛି, ନୂଆପଡ଼ାରେ ୧୭ଟି ବୁଥ୍ ଏବଂ କୋମନା ବ୍ଲକ୍‌ରେ ୧୫ଟି ବୁଥ୍ ଅତି ସମ୍ବେଦନଶୀଳ। ନୂଆପଡ଼ା ନିର୍ବାଚନମଣ୍ଡଳୀର ଲୋକମାନେ ସରଳ ଓ ଶାନ୍ତିପ୍ରିୟ ହୋଇଥିବା ବେଳେ ଭାଜପା ବିଧାୟକ ପ୍ରାର୍ଥୀ ଜୟ ଢୋଲକିଆ ଏବଂ ଅନ୍ୟ ନେତାଙ୍କ ନିର୍ଦ୍ଦେଶରେ ଏବେଠାରୁ ହିଂସାକାଣ୍ଡର ପଦଚିହ୍ନ ଦେଖିବାକୁ ମିଳିଲାଣି। ସାଇଲେଣ୍ଟ ପିରିୟଡରେ ମଧ୍ୟ ଶାସକ ଦଳ ଅନୈତିକ ଏବଂ ବେଆଇନ ଭାବେ ପ୍ରଚାର କାମ ଜାରି ରଖିଛି। ଏପରିସ୍ଥଳେ ଉକ୍ତ ୩୨ଟି ଅତି ସମ୍ବେଦନଶୀଳ ବୁଥ୍ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ ବୋଲି ସିଇଓଙ୍କୁ ବିଜେଡି ନିବେଦନ କରିଛି।

# ଇଭିଏମ୍ ସ୍ଥାନାନ୍ତର ନେଇ ପୁଣିଥରେ ଅଭିଯୋଗ କଲା ବିଜେଡି

ଭୁବନେଶ୍ୱର,୧୦।୧୧(ସୁନିତ୍ ମିଶ୍ର)

ଗୋଟିଏ ଟ୍ରକରେ ଇଭିଏମ୍ ମେସିନ ନୂଆପଡ଼ାକୁ ନିଆଯାଇଛି ବୋଲି ବିଜେଡି ତରଫରୁ କରାଯାଇଥିବା ଅଭିଯୋଗକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଖଣ୍ଡନ କରିଛନ୍ତି। ଏହାପରେ ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଥିବା ସମ୍ବେଦନଶୀଳ ବୁଥ୍‌ଗୁଡ଼ିକର ତାଲିକା ପ୍ରଦାନ କରି ଇଭିଏମ୍‌ଗୁଡ଼ିକୁ ସ୍ଥାନିତ କରିବାକୁ ଯୋଜନା କରାଯାଉଛି ବୋଲି ବିଜେଡି ଆଉଥରେ ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ପ୍ରଶାସନିକ କଳର ଅପବ୍ୟବହାର କରି ଭାଜପା ଏହି ଉପନିର୍ବାଚନ ଜିତିବାକୁ ଉଦ୍ୟମ କରୁଛି। ତେବେ ଅଭିଯୋଗ ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ତରଫରୁ କୁହାଯାଇଛି, ଗଞ୍ଜାମ ଜିଲାରେ ରଖାଯାଇଥିବା ଇଭିଏମ ମେସିନଗୁଡିକ ସିସି କ୍ୟାମେରା ନଜରରେ ରଖାଯାଇଛି। ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ରାଜରାସ୍ତାରେ ହୋଇଥିଲା ବେଳେ ଏହି ଅଞ୍ଚଳର ସିସି ଟିଭି କାମ କରୁ ନ ଥିଲା। ସରକାରୀ ଖାତାରେ ସିସି ଟିଭି ଅଛିର ଅର୍ଥ ଏହା ନୁହେଁ, ସିସି ଟିଭିର ଫୁଟେଜ ରହିଛି। ସିଇଓଙ୍କ ପାଖରେ ସମ୍ବେଦନଶୀଳ ବୁଥ୍‌ଗୁଡ଼ିକର ତାଲିକା ପ୍ରଦାନ କରାଯାଇଛି। ଏହି ବୁଥ୍‌ଗୁଡ଼ିକରେ ନିଆଯାଇଥିବା ଇଭିଏମ ମେସିନଗୁଡ଼ିକ ସ୍ଥାପିତ କରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ଲେନିନ୍ ଅଭିଯୋଗ କରିଛନ୍ତି।

# ମିଳୁନାହାନ୍ତି ୪ ଦିନର ନବଜାତ ଶିଶୁ, ମା'

ପାରାଦୀପ,୧୦।୧୧(ଶରତ ରାଉତ)

## ବ୍ରହ୍ମପୁର ଅଞ୍ଚଳରେ ବିକ୍ରି ହୋଇଥିବା ଚର୍ଚ୍ଚା

ଜଗତ୍‌ସିଂହପୁର ଜିଲା ପାରାଦୀପ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ବିଜୁ ମେମୋରିଆଲ ହସ୍ପିଟାଲରେ ନଭେମ୍ବର ୬ରେ ଜନ୍ମିତ ଶିଶୁପୁତ୍ର ଓ ତାଙ୍କ ମା'ଙ୍କ ପତ୍ତା ମିଳୁ ନ ଥିବା ଚର୍ଚ୍ଚା ହେଉଛି। ସମ୍ପୃକ୍ତ ନବଜାତ ଶିଶୁପୁତ୍ରକୁ ୩୫ ହଜାର ଟଙ୍କାରେ ବ୍ରହ୍ମପୁର ଅଞ୍ଚଳରେ ବିକ୍ରି କରାଯାଇଛି ବୋଲି ଆଲୋଚନା ହେଉଛି। ଘଟଣା ପରଠାରୁ ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ଖୋଜୁଥିଲେ ହେଁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ତଥ୍ୟ ମିଳିପାରିନାହିଁ। ଏନେଇ ପାରାଦୀପ ଷଣ୍ଢେଇକୁଦ ଅଞ୍ଚଳରେ ଆଲୋଚନା ଜୋର ଧରିଛି।

ସ୍ୱାସ୍ଥ୍ୟ କେନ୍ଦ୍ରରୁ ମିଳିଥିବା ସୂଚନା ଅନୁସାରେ, ସ୍ୱାମୀ ପରିତ୍ୟକ୍ତା ମହିଳା ଜଣକ ଗର୍ଭବତୀ ଥିବା ସମୟରେ ଚିକିତ୍ସିତ ହେଉଥିଲେ। ନଭେମ୍ବର ୬ ସକାଳ ୬ଟା୨୦ରେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଉକ୍ତଦିନ ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ସେ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚାଲିଯାଇଛନ୍ତି। ପରେ ମହିଳା ଦର୍ଶାଇଥିବା ଠିକଣାରେ ରହୁନାହାନ୍ତି ବୋଲି ସେହି ଅଞ୍ଚଳର ଆଶା କର୍ମୀ ରିପୋର୍ଟ ଦେଇଛନ୍ତି। ଏହି ଖବର ପରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଯାଇ ତାଙ୍କ ପଡ଼ୋଶୀମାନଙ୍କଠାରୁ ଯେଉଁ ରିପୋର୍ଟ ସଂଗ୍ରହ କରିଛନ୍ତି ସେଥିରେ କୁହାଯାଇଛି ଶିଶୁପୁତ୍ର ବିକ୍ରି ହୋଇଯାଇଛି। ଯେଉଁ ନିଃସନ୍ତାନ ଦମ୍ପତି କିଣିଛନ୍ତି ସେ ମଧ୍ୟ ମା'ଙ୍କୁ କିଛି ଦିନ ପାଇଁ ସାଙ୍ଗରେ ନେଇଛନ୍ତି।


# Classified Everyday

0674-2580101, 9692975378



REAL ESTATE

## SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି– 8327785834. D–06

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D–07

ONE COMMERCIAL cm, RESIDENTIAL PLOT 2400 Sqft., NH-316 ROAD SIDE, 10 km from Phulanakhara, 15 Km from Bhubaneswar. COST 55 LAKHS, in place of 65 lakhs. Pl. contact me immediately who can purchase within 15 days 7809525452. D-210

**Khordha Municipality** ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବା –7008634668 ଧ–୦୮

**Apartment sale near Sum Hospital, Bhubaneswar @4500/- Sqft. - 9777433701.** D-09

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ– 9776974912. D- 10




The massage felt totally professional! & comfortable at all times- 7978109255. D-211



BUSINESS

World best Olympiad education gives business opportunity of your district investment one time 4-5 lakh income minimum 20lakhs per month. Contact- 9437260818. D–2542

## LOST

I, Sudhansu Sekhar Mohapatra, S/o.- Narasingh Mohapatra, have lost my sale deed (No.- 1280, dtd.- 28.05.2007, Mouza- Lahanga, Khata No.- 518/28, Plot No. 168, Area- Ac.0.225decimal, purchased from Kanchanbala Mishra) in-between Godipada chhaka on 10.11.2025 evening when I go to marketing. In spite of all my efforts I could not trace it out. D-2543

## AFFIDAVIT

I, Raja Kishore Muduli, S/o.- Late Fakir Muduli, Resident of Plot No.- 672/4048/4739, Ekamra Villa, IRC Village, P.O.- IRC Village, P.S.- Nayapalli, Bhubaneswar, PIN-751015, Odisha declare by this affidavit No.- 70/3.11.25, dtd.- 3.11.25 that now onwards I shall be known as RAJAKISHOR MUDULI for all future purposes. D-2534

By virtue of an affidavit sworn, I, FARHA AHMED , D/o.- AHMED HUSSAIN, At/P.O.- Jatani, PIN- 752050, Dist.- Khurdha, State- Odisha declare that I have changed my name from Farha Ahmed to Anwesha Puri, W/o.- Avisekha Puri. Henceforth, I known as Anwesha puri for all purposes. D-2535

I, Manju Kumari Nayak, W/o.- Late Dambarudhara Naik, Resident of At/P.O.- Jhadabhumi, P.S.- Jaganathaprasad, Dist.- Ganjam, Odisha , PIN- 761120 declared that I have changed my son's name from Sai Prasad Nayak to Om Sai Prasad Naik. Henceforth, he shall be known as Om Sai Prasad Naik for all purposes. D-2538

By virtue of an affidavit sworn before the Executive Magistrate, Sambalpur, No.- 3233, Dtd.- 10.11.25, I, KAILASH NAG, S/o.- Udaya Nag, R/o. At- Ward No.- 12, Kamlibazar, P.O./P.S.- Khetrajpur, Dist.- Sambalpur, PIN- 768003, Odisha declare that I have changed my name from Kalakara Nag to Kailash Nag. Henceforth, I shall be known as Kailash Nag for all purposes.

Kailash Nag D-2536

By virtue of an affidavit sworn before Executive Magistrate, Chhendipada, Vide No.- 1242, dated- 07.11.2025, I, Manoj Naik, Resident of Village- Sundarapal, P.O.- Nuapada, P.S.- Rengali, Dist.- Angul, PIN- 759124(Odisha) declare that I have changed my name from Palabh Naik to Manoj Naik. Henceforth, I shall be known as Manoj Naik for all purposes.

Manoj Naik. D-2537

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### Ph.D. AWARDED TO MS KULUMINA DASH



Ms. Kulumina Dash has been awarded Ph.D. degree in Public Health from KIIT University, Bhubaneswar for her research work "Assessment and Comparison of Cognitive Functions between Children Aged 6-8 Years Residing in Low and High Ambient Particulate Air Polluted Areas in Odisha." supervised by Dr. Pratap Jena, her study was examined by Prof. Dr. Jugal Kishore, Director-Professor at VMMC & Safdarjung Hospital, New Delhi. She expressed heartfelt gratitude to Dr. Jena, mentor Dr. Jigyansa Pattanaik, Dr. Sita Kantha Dash, Dr. Ramya, appreciate son Manbendra for timely support. She is the wife of Dr. Narendra Satapathy and daughter in law of Late Mr. Bhimasen Satapathy and Mrs Nalini Satapathy of Jajpur. Daughter of Er. Rama Chandra Dash and late Mrs Ashalata Dash, Cuttack.

D–2540

ଧରିତ୍ରୀ DHARITRI

### Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

0199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

### ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ଗୌରାଙ୍ଗ ଦେବ ଦାସ

ଅବସରପ୍ରାପ୍ତ ଓ.ଏଫ୍.ଏସ୍. ପ୍ରଶାସନିକ ଅଧିକାରୀ
ବଳରାମପୁର, ତଳସାହି, କୁଜଙ୍ଗ,ଜଗତ୍‌ସିଂହପୁର
ଆବିର୍ଭାବ– ୨୧.୦୨.୧୯୫୮
ତିରୋଧାନ– ୧୫.୧୧.୨୦୨୨
(କୃଷ୍ଣ ପକ୍ଷ ସପ୍ତମୀ ତିଥି)
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ନିବେଦନ କରୁଛୁ। ଯେଉଁଠି ଥାଆନ୍ତୁ ଭଲରେ ରୁହନ୍ତୁ, ଏତିକି କାମନା।
ଶୋକସନ୍ତପ୍ତ– ପତ୍ନୀ ସରୋଜିନୀ, ପୁତ୍ର ରାଜେଶ, ରାକେଶ, କନ୍ୟା ରାଜଶ୍ରୀ ଏବଂ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ–୨୫୪୧

ସପ୍ରେମ ଅଶ୍ରୁଳ ସାଇ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ମାଧବୀ ଭଞ୍ଜ

ଓଡ଼ଗାଁ, ଜିଲ୍ଲା– ନୟାଗଡ଼
ଆବିର୍ଭାବ: ୦୨ ଜାନୁୟାରୀ ୧୯୭୦
ତିରୋଧାନ: ୦୧ ନଭେମ୍ବର ୨୦୨୫
ସାଇରାମ ଭଗବାନ ଅମର ଆତ୍ମାଙ୍କୁ ସଦ୍‌ଗତି ପ୍ରଦାନ କରନ୍ତୁ, ତାଙ୍କ ଆତ୍ମା ହେଉ ଆନନ୍ଦମୟ। ଆମେ ରହିବୁ ସେହି ସ୍ନେହ, ସ୍ମୃତି, ପ୍ରେମ ଆଶୀର୍ବାଦ ସହିତ ସଦା। ସ୍ୱାମୀ– ପ୍ରସନ୍ନ ଭଞ୍ଜ, ପୁଅ, ପୁତୁରା, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ ଓ ପରିବାରବର୍ଗ।
ସୌଜନ୍ୟ– ଶ୍ରୀସତ୍ୟସାଇ ଆଧ୍ୟାତ୍ମିକ ଶିକ୍ଷା ଓ ସାମୂହିକ ସେବା କେନ୍ଦ୍ର, ଓଡ଼ଗାଁ କର୍ମକର୍ତ୍ତା, ସଦସ୍ୟା ଓ ସଦସ୍ୟବୃନ୍ଦ।
ଧ–୨୫୩୩

## LEGAL NOTICE

In the Court of the Judge, Family Court, Balangir

C.P. (Mat) No.- 14 of 2021/ I.A. No.- 02/2021

Smt. Meera Mishra @ Dash ....Petitioner

Versus

Sri. Dadhibaban Dash ....Respondent

Summon Under Order 5 Rule 20 of C.P.C.

To,

The Respondent, Sri Dadhibaban Dash, S/o- Late Bipin Bihari Dash, resident of Talipara, Bargarh Town, P.O./P.S. & Dist.- Bargarh.

Whereas, the petitioner has filed a Petition under Section 13(1)(a) and 1(b) of the Hindu Marriage Act against you in this court and whereas, you are avoiding to receive the summons issued by this Court.

Hence you are directed to appear before this Court on the 11th day of Dec. 2025 at 10.30 A.M. otherwise the case be heard and decided on merit in your absence.

Giving under my hand and seal of this Court this the 28th day of Oct. 2025.

Sd./- Judge, Family Court, Balangir

D-2004

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଖର୍ଚ୍ଚ ନ ହେଉ ଦ୍ୱନ୍ଦ୍ୱର କାରଣ

**ଅନେକ ସମୟରେ ବିଭିନ୍ନ ଖର୍ଚ୍ଚ ନେଇ ପରସ୍ପରକୁ ଲୁଚାଇଥାଆନ୍ତି ପତ୍ନୀପତି। ଏହା ପରିବାର ନିମନ୍ତେ ଆବଶ୍ୟକ ହେଲେ ବି ଏଥିପାଇଁ ବେଳେବେଳେ ସୃଷ୍ଟିହୁଏ ଦ୍ୱନ୍ଦ୍ୱ ଓ ଅବିଶ୍ୱାସ, ଯାହା ସମ୍ପର୍କ ଭାଙ୍ଗିବାର କାରଣ ବି ହୁଏ। ଯଦି ଆର୍ଥିକ ବ୍ୟାପାରରେ ସ୍ୱଚ୍ଛତା ଥାଏ, ପରସ୍ପର ସହ ବୁଝାମଣା ରହେ, ତେବେ ସମ୍ପର୍କର ସମ୍ପ୍ରୀତି ବଢ଼ି ବଢ଼ି ଚାଲେ...**



ଦାମ୍ପତ୍ୟକୁ ହସଖୁସିରେ ଆଗେଇନେବା ପାଇଁ ଅର୍ଥର ଆବଶ୍ୟକତା ଅଛି। ହେଲେ ଅନେକ ସମୟରେ ପରସ୍ପରକୁ ଲୁଚାଇ ବିଭିନ୍ନ ପ୍ରକାର ଖର୍ଚ୍ଚ କରନ୍ତି ସ୍ତ୍ରୀସ୍ୱାମୀ। ବେଳେବେଳେ ଏଇ ଅର୍ଥ ବି ଅନର୍ଥର କାରଣ ହୋଇପାରେ। ସମ୍ପର୍କରେ ଯେପରି କୌଣସି ପ୍ରକାର ଦ୍ୱନ୍ଦ୍ୱ କି ସନ୍ଦେହ ସୃଷ୍ଟିହେବ ନାହିଁ ସେଥିପାଇଁ ପରସ୍ପର ମଧ୍ୟରେ ଖୋଲା ଆଲୋଚନା ବି ଦରକାର। ଏହି ପରିସ୍ଥିତିରେ ଭୁଲ୍ ବୁଝାମଣା ହେବା ପୂର୍ବରୁ ନିଜ ଦୃଷ୍ଟିକୋଣ ବଦଳାଇବା ଜରୁରୀ। କାରଣ ସକାରାତ୍ମକ ମନୋଭାବରେ ପରସ୍ପରକୁ ଲୁଚାଇ କରାଯାଉଥିବା ଖର୍ଚ୍ଚ ସମ୍ପର୍କ ମଜଭୁତ କରିଥାଏ।

**ଖର୍ଚ୍ଚ କରିବାର କାରଣ**

ପାର୍ଟନରଙ୍କୁ ଲୁଚାଇ ଅନେକ ସମୟରେ ପଇସା ଖର୍ଚ୍ଚ କରିବାକୁ ହୁଏ। ସେଭଳି ହୁଏତ ପରିସ୍ଥିତି ଆସିପାରେ ଯେ ସାଥୀଙ୍କୁ ଜଣାଇବାର ସୁଯୋଗ ମିଳି ନ ଥାଏ। ଏଇ ଯେମିତି କୌଣସି ସ୍ଥାନକୁ ବୁଲିବାକୁ ଯାଇଛନ୍ତି ସେଠାରେ କିଛି ଜିନିଷ କିଣି ଆଣିଲେ ଅବା ଘରକୁ କେହି ସମ୍ପର୍କୀୟ ଆସିଛନ୍ତି ସେ ସମୟରେ ତାଙ୍କୁ ଜରୁରୀ ମନେକରି କିଛି ଅର୍ଥ ଦେଇଛନ୍ତି। ଏମିତିଭାବେ ଖର୍ଚ୍ଚ କରିବା ନେଇ ସାଥୀଙ୍କୁ ଜଣାଇବାର ସୁଯୋଗ ମିଳି ନ ଥାଇପାରେ। ହେଲେ ଏନେଇ ପରେ କଥାବାର୍ତ୍ତା ହୋଇପାରିବେ ଓ ଖର୍ଚ୍ଚ ସମ୍ପର୍କରେ ସବୁ ଜଣାଇପାରିବେ। କିନ୍ତୁ ପରସ୍ପରକୁ ନ ଜଣାଇ ଯଦି କିଛି ଖର୍ଚ୍ଚ କରୁଥାନ୍ତି, ତେବେ ଏଥିପାଇଁ ଅନେକ ସମୟରେ ସନ୍ଦେହ ସୃଷ୍ଟି ହୋଇପାରେ, ଯେଉଁଥିପାଇଁ ସମ୍ପର୍କ ଖରାପ ହେବାର ଆଶଙ୍କା ସୃଷ୍ଟି ହୋଇଥାଏ।

**କେତେବେଳେ ଧୋକା**

କ'ଣ ଖର୍ଚ୍ଚ କରୁଛନ୍ତି ଅବା କାହାକୁ ଦେଉଛନ୍ତି, ସେନେଇ ସାଥୀଙ୍କୁ କିଛି ଲୁଚାନ୍ତୁ ନାହିଁ। ଯଦି କୌଣସି ସମୟରେ ସଙ୍ଗେ ସଙ୍ଗେ ଜଣାଇ ପାରିନାହାନ୍ତି ତେବେ ସୁଯୋଗ ପାଇଲେ ନିଶ୍ଚୟ ଜଣାନ୍ତୁ। ହେଲେ ସବୁ ସମୟରେ ପାର୍ଟନରଙ୍କ ପାଖରୁ ଲୁଚାଇ ଖର୍ଚ୍ଚ କରିବାକୁ ହୁଏତ ଧୋକା କୁହାଯାଇପାରେ। ସମ୍ପର୍କରେ ଏହା ନକାରାତ୍ମକ ପ୍ରଭାବ ପକାଇଥାଏ। ପରସ୍ପର ଉପରେ ଭରସା ରହି ନ ଥାଏ। ତେଣୁ ପରସ୍ପର ବୁଝାମଣା ରଖି ଟଙ୍କା ଖର୍ଚ୍ଚ କରନ୍ତୁ। ଆଉ ଯେକୌଣସି ବଡ଼ ଖର୍ଚ୍ଚ କଲେ ପାର୍ଟନରଙ୍କୁ ନିଶ୍ଚୟ ଜଣାନ୍ତୁ।

**ସକାରାତ୍ମକ ପ୍ରଭାବ**

ବେଳେବେଳେ ପରସ୍ପରକୁ ନ ଜଣାଇ ହୋଇଥିବା ଖର୍ଚ୍ଚ ସମ୍ପର୍କକୁ ଦୃଢ଼ କରିଥାଏ। ମନେକର ଆପଣ ଯଦି ପାର୍ଟନରଙ୍କ ପାଇଁ ତାଙ୍କର କିଛି ଜରୁରୀ ସାମଗ୍ରୀ ତାଙ୍କୁ ନ ଜଣାଇ କିଣି ଦେଉଛନ୍ତି ତେବେ ତାହା ତାଙ୍କୁ ଖୁସି ଦେଇପାରେ। ଠିକ୍ ଏହିପରି ପାର୍ଟନରଙ୍କ ସମ୍ପର୍କୀୟଙ୍କ ପାଇଁ ଯଦି ସେଭଳି କିଛି ଖର୍ଚ୍ଚ କରୁଛନ୍ତି ଆଉ ସେସମ୍ପର୍କରେ ପୂର୍ବରୁ କିଛି କହିନାହାନ୍ତି ତାହା ବି ଖୁସି ଦେଇଥାଏ। ହେଲେ ଏଭଳି ସ୍ଥିତିରେ ହୋଇଥିବା ଖର୍ଚ୍ଚ ପର ମୁହୂର୍ତ୍ତରେ ଜଣାନ୍ତୁ। ଏହା ବ୍ୟତୀତ ଯଦି କୌଣସି ଋଣ ନେଉଛନ୍ତି ତେବେ ମଧ୍ୟ ଜଣାନ୍ତୁ। ଏସବୁ କଥା ଲୁଚାଇବା ଫଳରେ ଭବିଷ୍ୟତରେ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ ଓ ସମ୍ପର୍କରେ ସନ୍ଦେହ ସୃଷ୍ଟି ହୋଇପାରେ।





ଜଣା ପଡ଼ିଯାଇଥାଏ।

**ସଚେତନତା ବି ଜରୁରୀ**

ଖର୍ଚ୍ଚ କରିବା ନେଇ ସଙ୍କୋଚଭାବରେ ପରସ୍ପରକୁ ଜଣାନ୍ତୁ। ହୁଏତ କୌଣସି ସମୟରେ ଆପଣ ଖର୍ଚ୍ଚ ନେଇ କହି ନ ଥିବେ, କିନ୍ତୁ ପରେ ଜଣାଇଲେ ସେଭଳି କିଛି ଭିନ୍ନ ଭାବ ନ ଥିବ। ତେଣୁ ପୂର୍ବରୁ ନ ଜଣାଇ ଯାହା ବି ଖର୍ଚ୍ଚ କରିଛନ୍ତି ସେସମ୍ପର୍କରେ ଜଣାନ୍ତୁ। ଯଦି ଠିକ୍ ଭାବରେ ଖର୍ଚ୍ଚ କରିଛନ୍ତି ତେବେ ଆପଣଙ୍କୁ ସମର୍ଥନ କରିବେ।
ହଁ, ସବୁଠୁ ବଡ଼ କଥା ହେଉଛି ଆପଣ କେତେ ଖର୍ଚ୍ଚ କରିପାରିବେ ସେନେଇ ପାର୍ଟନରଙ୍କ କ୍ଷମତା ବିଷୟରେ ଜାଣନ୍ତୁ। ଉଭୟ ଏକାଠି ହୋଇ ସବୁ ପ୍ରକାର ଖର୍ଚ୍ଚ ନିମନ୍ତେ କେତେ ବଜେଟ ବାହାର କରିପାରିବେ ସେନେଇ ଚିନ୍ତା କରନ୍ତୁ। ଲୁଚାଇ ଯଦି କୌଣସି ପ୍ରକାର ବ୍ୟାଙ୍କ ଆକାଉଣ୍ଟ ଅବା କ୍ରେଡିଟ୍ କାର୍ଡ ବ୍ୟବହାର କରୁଛନ୍ତି ତେବେ ନିଶ୍ଚୟ

## ଏମାନେ କ'ଣ କରନ୍ତି

### ସ୍ୱାଧୀନଭାବେ ଖର୍ଚ୍ଚ କରେ



ଆମର ପରସ୍ପର ଉପରେ ବିଶ୍ୱାସ ଅଛି। ତେଣୁ ଖର୍ଚ୍ଚ କରିବା ପାଇଁ ସେମିତି ସବୁବେଳେ ପଚାରିବାକୁ ପଡ଼ି ନ ଥାଏ କି ଲୁଚାଇବାକୁ ବି ପଡ଼ି ନ ଥାଏ। ଯଦି କିଛି ଆବଶ୍ୟକ ଅଛି, ତା'ହେଲେ ସ୍ୱାଧୀନଭାବେ ଖର୍ଚ୍ଚକରେ ଓ ଜିନିଷ କିଣେ କିମ୍ବା ଅନ୍ୟ କାହାକୁ କିଛି ଟଙ୍କା ବି ଦେଇଥାଏ। ହେଲେ ସବୁ କଥା ଜଣାଇବାକୁ ସମୟ ନ ଥାଏ। ସେଥିପାଇଁ ତ ସେ ମତେ ଆର୍ଥିକ ସ୍ୱାଧୀନତା ଦେଇଛନ୍ତି। ତା'ଛଡ଼ା ମୁଁ କିଛି ଅନାବଶ୍ୟକ ଖର୍ଚ୍ଚ ବି କରେନାହିଁ। ତେଣୁ ଏନେଇ ଆମ ଭିତରେ କୌଣସି ପ୍ରକାର ଭୁଲ୍ ବୁଝାମଣା ହୋଇ ନ ଥାଏ।

– *ମମତା ଜେନା*, ଗୃହିଣୀ, ବଡ଼ଗଡ଼, ଭୁବନେଶ୍ୱର

### ବିଶ୍ୱାସ ଅଛି



ଯେତେବେଳେ ଯାହା ଇଚ୍ଛା ଖର୍ଚ୍ଚକରେ। ସେଥିପାଇଁ ସେ କେବେ ମତେ ପ୍ରଶ୍ନ କରନ୍ତି ନାହିଁ କି ମୋର ଦରମାକୁ ନେଇ କେବେ ହିସାବ ମଧ୍ୟ ମାଗନ୍ତି ନାହିଁ। ତାଙ୍କର ବିଶ୍ୱାସ ଅଛି ଯେ ମୁଁ କୌଣସି ପ୍ରକାର ଭୁଲ୍ ଖର୍ଚ୍ଚ କରିବି ନାହିଁ। ଠିକ୍ ସେମିତି ମୋର ମଧ୍ୟ ତାଙ୍କ ଉପରେ ବିଶ୍ୱାସ ରହିଛି। କିନ୍ତୁ ଘରର କୌଣସି ବଡ଼ ଖର୍ଚ୍ଚ ସମୟରେ ଆମେ ପରସ୍ପର ଆଲୋଚନା କରୁ ଓ ଆବଶ୍ୟକ ଅର୍ଥ ଯୋଗାଡ଼ କରିବା ନେଇ ଉଭୟେ ଚେଷ୍ଟା କରୁ। କିନ୍ତୁ ଏନେଇ କେବେହେଲେ ଆମ ମଧ୍ୟରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି ହୋଇନାହିଁ।

– *ମହାଶ୍ୱେତା ତ୍ରିପାଠୀ*, କର୍ମଜୀବୀ, କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର





# ଟିଭି ପାଖରେ ରଖନ୍ତୁ ନାହିଁ

**ପରିବାର ସହ ଏକାଠି ସମୟ କଟାଇବା ସହ ମନୋରଞ୍ଜନର ମାଧ୍ୟମ ଭାବରେ ପ୍ରାୟ ସମସ୍ତଙ୍କ ଘରେ ରହିଥାଏ ଟିଭି। ହେଲେ ଅଜାଣତରେ ବେଳେବେଳେ ଆମେ ଟିଭି ପାଖରେ ଏଭଳି କିଛି ଜିନିଷ ରଖିଦେଇଥାଉ, ଯାହା ଖରାପ ପ୍ରଭାବ ପକାଇଥାଏ। ତେଣୁ ଟିଭି ପାଖରେ କେଉଁ ସବୁ ଜିନିଷ ରଖିବେ ନାହିଁ ଜାଣିରଖନ୍ତୁ।**



➔ଟିଭି ପାଖରେ ପାଣି ବୋତଲ କିମ୍ବା କୌଣସି ତରଳ ପଦାର୍ଥ ଅଥବା ଫୁଲଦାନୀ ରଖନ୍ତୁ ନାହିଁ। ଟିଭି ସ୍କ୍ରିନ୍ ଓ ଏହା ପଛପଟରେ ଥିବା ସର୍କିଟ୍ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥାଏ। ଭୁଲ୍‌ରେ ବି ଏଥିରେ ପାଣି ପଡ଼ିଗଲେ ଟିଭିର ମଦରବୋର୍ଡ ଖରାପ ହୋଇଯାଇଥାଏ।

➔ମୋବାଇଲ ଚାର୍ଜର, ସେଟ୍-ଟପ୍-ବକ୍ସ, ସ୍ପିକର, ଇଲେକ୍ଟ୍ରିକ୍ ଖେଳନା ଆଦି ଟିଭି ପାଖରେ ରଖନ୍ତୁ ନାହିଁ। ଏହିସବୁ ଗ୍ୟାଜେଟ୍‌ରୁ ବାହାରୁଥିବା ଇଲେକ୍ଟ୍ରିକ୍ ସିଗ୍‌ନାଲ ଟିଭିର ଏଲ୍‌ଇଡି କିମ୍ବା ଏଲ୍‌ସିଡିକୁ ଖରାପ କରିଦେଇଥାଏ। ଟିଭିକୁ ସମ୍ପୂର୍ଣ୍ଣଭାବେ ଅଲଗାକରି ସଂଯୁକ୍ତ କରନ୍ତୁ। ସମସ୍ତ ବୈଦ୍ୟୁତିକ ଡିଭାଇସ୍ ଦୂରେଇ ରଖନ୍ତୁ।

➔ଏୟାର ଫ୍ରେଶନର କିମ୍ବା ପରଫ୍ୟୁମ ମଧ୍ୟ ଟିଭି ପାଖରେ ରଖନ୍ତୁ ନାହିଁ କି ସ୍ପ୍ରେ କରନ୍ତୁ ନାହିଁ। ଏଥିରେ ଥିବା କେମିକାଲ ସବୁ ଟିଭି ସ୍କ୍ରିନ୍ କିମ୍ବା ଭେଣ୍ଟିଲେଶନ ସ୍ଲଟ୍‌ରେ ଜମିଯାଏ। ଫଳରେ କିଛିଦିନ ପରେ ଟିଭିରେ ମଇଳା ଜମି ରଙ୍ଗ ଖରାପ ହୋଇଯାଏ।

➔ଉତ୍ସବ ସମୟରେ ଘର ସଜାଉଥିଲେ ଟିଭି ପାଖରେ କୌଣସି ଦୀପ କିମ୍ବା ମହମବତି ଲଗାନ୍ତୁ ନାହିଁ। ଏହାର ଉତ୍ତାପ ପ୍ରଭାବରେ ଟିଭି ସ୍କ୍ରିନ୍‌ରେ ମାଇକ୍ରୋ କ୍ରାକ୍ ଆସିପାରେ। ଉତ୍ତାପ ଅଧିକ ହେଲେ ଟିଭି ପୋଡ଼ିଯିବାର ମଧ୍ୟ ଆଶଙ୍କା ରହିଥାଏ।

➔ଟିଭି ପାଖରେ କୌଣସି ଚୁମ୍ବକୀୟ ପଦାର୍ଥ ରହିଲେ ତାହା ଟିଭି ସ୍କ୍ରିନ୍‌ର ପିକ୍ସେଲକୁ ଖରାପ କରିଥାଏ। ଫଳରେ ରଙ୍ଗ ଖରାପ ହୋଇଥାଏ ଓ ସ୍କ୍ରିନ୍ ଉପରେ ଦାଗ ପଡ଼ିଯାଏ।

# ଶୀତରେ ପ୍ୟାକିଂ



**ଶୀତଦିନେ କୌଣସି ସ୍ଥାନକୁ ଯିବାର ଥିଲେ ସେଥିନିମନ୍ତେ କିଭଳି ପ୍ରସ୍ତୁତ ହେବେ ଜାଣନ୍ତୁ।**

❖ବାହାରକୁ ଯିବାର ଥିଲେ ପ୍ରଥମେ ନିଜର କ'ଣ ସବୁ ଆବଶ୍ୟକତା ରହିଛି ସେନେଇ ଏକ ତାଲିକା କରନ୍ତୁ। ଯଦି ସାଙ୍ଗରେ ଅନ୍ୟ କେହି ଯାଉଥାନ୍ତି ତେବେ ସେମାନଙ୍କର କ'ଣ ଦରକାର ସେସବୁର ତାଲିକା ବି କରନ୍ତୁ।

❖ଏଭଳି ଜିନିଷ ପ୍ୟାକିଂ କରନ୍ତୁ ଯେପରି ସେସବୁ ଷ୍ଟାଇଲିଶ୍ ହେବା ସହ ନେବା ସହଜ ହୋଇପାରିବ।

❖ କେବଳ ଆବଶ୍ୟକ ଜିନିଷ ହିଁ ନିଅନ୍ତୁ। ଫଳରେ ଓଭର ପ୍ୟାକିଂ ହେବ ନାହିଁ। ଯେଉଁ ସ୍ଥାନକୁ ଯାଉଛନ୍ତି ସେଠାକାର ଜଳବାୟୁ ଅନୁସାରେ କେଉଁ ସାମଗ୍ରୀ ଜରୁରୀ ସେସମ୍ପର୍କରେ ଜାଣନ୍ତୁ।

❖ ଲୁକ୍ ବଦଳାଇବା ପାଇଁ ଅଧିକ ପୋଷାକ ନେବା ବଦଳରେ ମଲ୍‌ଟି ଫଙ୍କସନାଲ ଗାର୍ମେଣ୍ଟ ପ୍ୟାକ୍ କରନ୍ତୁ।

❖ସୁପର ଷ୍ଟାଇଲିଶ୍ ଦେଖାଯିବା ପାଇଁ ଟ୍ରେଣ୍ଡି ଫ୍ୟାଶନେବଲ ଆସେସରିଜ୍ ଯେମିତିକି କ୍ୟାପ୍, ଜ୍ୟାକେଟ୍, ମଫଲର ଇତ୍ୟାଦି ନିଅନ୍ତୁ।

❖ସବୁ ପ୍ୟାକିଂ ସରିବା ପରେ ପୁଣି ଥରେ ଶେଷକୁ ଯାଞ୍ଚ କରାଇନିଅନ୍ତୁ।

ଖାଦ୍ୟରୁଚି

# ସୁଜି କେକ୍

**ଆବଶ୍ୟକ ସାମଗ୍ରୀ–**

ସୁଜି– ଦେଢ଼ କପ୍, ଚିନି– ଅଧାକପ୍, ତେଲ କିମ୍ବା ଘିଅ– ଅଧା କପ୍, କ୍ଷୀର– ଦେଢ଼ କପ୍, ବେକିଂ ପାଉଡର– ୧ ଚାମଚ, ଆବଶ୍ୟକ ଅନୁସାରେ ପାଣି ଲୁଣ ଓ ଗୁଜୁରାତି।

**ପ୍ରସ୍ତୁତି ପ୍ରଣାଳୀ:–**

ପ୍ରଥମେ ସୁଜିକୁ ଗ୍ରାଇଣ୍ଡିଂକରି ରଖନ୍ତୁ। ଚିନିକୁ ମଧ୍ୟ ଗ୍ରାଇଣ୍ଡିଂ କରି ଏଥିରେ ମିଶାନ୍ତୁ। ଏବେ ଘିଅ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ପରେ ଏଥିରେ ବେକିଂ ସୋଡ଼ା, ଲୁଣ, କ୍ଷୀର ଲୁଣ ଓ ଗୁଜୁରାତିକୁ ଏଥିରେ ପକାଇ ଭଲଭାବେ ଗୋଳାନ୍ତୁ। ମିଶ୍ରଣକୁ ଅଧିକ ପାଣିଆ କରନ୍ତୁ ନାହିଁ। ଏବେ ଏହାକୁ ଅଧଘଣ୍ଟା ପାଇଁ ଘୋଡ଼ାଇ ରଖିଦିଅନ୍ତୁ। ଏହାପରେ ମିଶ୍ରଣକୁ କେକ୍ ପାଇଁ ଥିବା ପାତ୍ରରେ ଢାଳି ସେଥିରେ କାଜୁବାଦାମ ପକାଇ ସଜାନ୍ତୁ। ଓଭାନ୍ ବଦଳରେ ଏହି କେକ୍‌କୁ ପ୍ରେସର କୁକରରେ କରିବାକୁ ଚାହୁଁଥିଲେ ପ୍ରଥମେ ପ୍ରେସର କୁକର ଗରମକରି ସେଥିରେ ଏକ ଷ୍ଟାଣ୍ଡ ରଖନ୍ତୁ। ୧୦ ମିନିଟ୍ ପରେ ପ୍ରେସର କୁକର ଗରମ ହେବା ପରେ କେକ୍ ପାତ୍ରକୁ ରଖି ବନ୍ଦ କରିଦିଅନ୍ତୁ। ତେବେ ବନ୍ଦ କରିବା ପୂର୍ବରୁ କୁକରର ହୁଇସଲ୍ ବାହାରକରି ରଖନ୍ତୁ। ଅଧଘଣ୍ଟା ପରେ କୁକରର ଢାଙ୍କୁଣୀ ବାହାରକରି ଦେଖନ୍ତୁ, ଯଦି କେକ୍ ହୋଇ ଯାଇଥାଏ ତେବେ ତାହାକୁ ଥଣ୍ଡା କରିବା ପରେ ବାହାର କରନ୍ତୁ।



ସୌନ୍ଦର୍ଯ୍ୟ

# ହେୟାର କେୟାର

**କେଶ ଝଡ଼ିବା ଆଜିକାଲି ଏକ ସାଧାରଣ ସମସ୍ୟା ହୋଇଯାଇଛି। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଜାଣିରଖନ୍ତୁ କିଛି ଘରୋଇ ଉପାୟ...**



❖କେଶ ଝଡ଼ିବା ସମସ୍ୟା ଦୂରକରିବା ପାଇଁ ପିଆଜ ରସ ଭଲ କାମ ଦେଇଥାଏ। ପିଆଜ ରସରେ ସଲ୍‌ଫର ଅଛି ଯାହା କେଶ ବୃଦ୍ଧିକରିବା ସହ ନୂଆ କେଶ ଉଠିବାରେ ମଧ୍ୟ ସହାୟକ ହୋଇଥାଏ। ତେଣୁ ପିଆଜକୁ ବାଟି ତା'ର ରସ ବାହାରକରି କେଶ ମୂଳରେ ଓ ଚନ୍ଦା ହୋଇଥିବା ସ୍ଥାନରେ ଲଗାଇ ଅଧଘଣ୍ଟା ଛାଡ଼ି ଦିଅନ୍ତୁ। ଶୁଖିଯିବା ପରେ କେଶ ଧୋଇଦିଅନ୍ତୁ। ସପ୍ତାହକୁ ୨ଥର ଏପରି କରନ୍ତୁ, କିଛିଦିନ ପରେ କେଶ ଝଡ଼ିବା ସମସ୍ୟା କମ୍ ହେବା ସହ ନୂଆ କେଶ ଉଠିବ।

❖ ଅଁଳା ଖାଇଲେ କେଶର ବିଭିନ୍ନ ସମସ୍ୟା ଦୂରହୋଇଥାଏ। ତେବେ କେଶ ମଜଭୁତ କରିବାକୁ ଚାହୁଁଥିଲେ ଅଁଳାକୁ ଗୁଣ୍ଡକରି ନଡ଼ିଆ ତେଲରେ ମିଶାଇ କିଛି ସମୟ ଗରମ କରନ୍ତୁ। ଏହାକୁ ଥଣ୍ଡାକରି କେଶ ମୂଳରେ ଲଗାନ୍ତୁ। ସପ୍ତାହକୁ ୨ ଥର ଏପରି କଲେ ଧୀରେ ଧୀରେ କେଶ ଅଧିକ ମଜଭୁତ ହେବା ସହ କଳା ଓ ଘନ ହେବ।



❖କେଶ ନିମନ୍ତେ ଆଉ ଏକ ଭଲ ପୋଷଣ ହେଉଛି ଆଲୋଭେରା। କେଶ ଝଡ଼ିବା ସମସ୍ୟାକୁ ଏହା ବହୁ ପରିମାଣରେ କମ୍ କରିଥାଏ। ତେଣୁ ଏଲୋଭେରା ଜୁସ୍ ବାହାର କରି ସଙ୍ଗେ ସଙ୍ଗେ ଏହାକୁ କେଶମୂଳରେ ଲଗାନ୍ତୁ। ୧ ଘଣ୍ଟା ପରେ କେଶ ଧୋଇଦିଅନ୍ତୁ। ସପ୍ତାହକୁ ୩ଥର ଏପରି କରନ୍ତୁ, ଦେଖିବେ କିଛିଦିନ ପରେ କେଶ ସମସ୍ୟା ଦୂର ହୋଇଯିବ।

❖କେଶ ଯଦି ବହୁତ ଝଡୁଥାଏ ତେବେ କେମିକାଲ ଥିବା ପ୍ରଡକ୍ଟ ବେଶି ବ୍ୟବହାର କରନ୍ତୁ ନାହିଁ। ଏହା ସହ କେଶକୁ ଧୂଳି ଓ ପ୍ରଦୂଷଣରୁ ରକ୍ଷାକରନ୍ତୁ। ନିୟମିତ କେଶରେ ତେଲ ମାଲିସ କରନ୍ତୁ।

## ଅଠା ଛଡ଼ାଇବେ କେମିତି

➔ବେଳେବେଳେ କୌଣସି ଜିନିଷରେ ଫେବିକ୍ୱିକ୍ ଲଗାଇବା ସମୟରେ ତାହା ହାତରେ ଲାଗିଯାଇଥାଏ, ଯାହା ଛଡ଼ାଇବା କଷ୍ଟକର ହୋଇଥାଏ। ତେବେ ଏହି ଅଠା ଲାଗିଥିବା ସ୍ଥାନରେ କିଛି ଲୁଣ ଲଗାଇ ରଗଡ଼ନ୍ତୁ, କିଛି ସମୟ ପରେ ଛାଡ଼ିଯିବ।

➔ଫେବିକ୍ୱିକ୍ ଲାଗି ଆଙ୍ଗୁଠି ଲାଖିଯାଇଥିଲେ ସେହି ସ୍ଥାନରେ କିଛି ନେଲ୍ ରିମୁଭର ଲଗାଇ ୫ ମିନିଟ୍ ଯାଏ ଛାଡ଼ି ଦିଅନ୍ତୁ। ଏହାପରେ ଏକ କପଡ଼ାରେ ପୋଛି ଦିଅନ୍ତୁ।

➔ତ୍ୱଚାର କୌଣସି ସ୍ଥାନରେ ଏହା ଲାଗିଥିଲେ ସେହି ସ୍ଥାନରେ ଲେମ୍ବୁରସ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ। ଏହାକୁ କିଛି ସମୟ ଘଷି ଛଡ଼ାଇ ଦିଅନ୍ତୁ। ଏହା ବ୍ୟତୀତ ସାବୁନ ଲଗାଇ ଉଷୁମପାଣିରେ ଧୋଇଦିଅନ୍ତୁ। ସହଜରେ ଛାଡ଼ିଯିବ।

➔ବେକିଂ ସୋଡ଼ା ଓ ଭିନେଗାର ସହ ଲିକୁଇଡ୍ ଡିସ୍ ୱାଶ୍ ମିଶାଇ ରୋଷେଇଘରର ସ୍ଲାବ୍‌କୁ ସଫା କରନ୍ତୁ।

# ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି

**ନୂଆଦିଲ୍ଲୀ, ୧୦।୧୧**

ଏଫ୍ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ ଚିଲିର ସାଣ୍ଟିଆଗୋଠାରେ ଡିସେମ୍ବର ୧ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଗୋଲକିପର ଇଙ୍ଗିଲ ହର୍ଷ ରାଣୀ ମିଞ୍ଜ, ଡିଫେଣ୍ଡର ପୂଜା ସାହୁ ଓ ମିଡ୍ଫିଲ୍ଡର ସୁନେଲିତା ଟପ୍ପୋ। ଏଥର ୨୦ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଏହା

## ଜୁନିୟର ମହିଳା ହକି ବିଶ୍ୱକପ୍



ଇଙ୍ଗିଲ ହର୍ଷ ରାଣୀ ମିଞ୍ଜ




ପୂଜା ସାହୁ




ସୁନେଲିତା ଟପ୍ପୋ

ମଧ୍ୟରେ ୧୮ ଖେଳାଳି ଓ ୨ ଅଲଟରନେଟ୍ସ ସାମିଲ। ଜ୍ୟୋତି ସିଂ ଅଧିନାୟିକାଭାବେ ଅପରିବର୍ତ୍ତିତ ରହିଛନ୍ତି। ତୁଷାର ଖାଣ୍ଡକର ମୁଖ୍ୟ କୋଚ୍ ରହିଛନ୍ତି। ଭାରତ ପୁଲ୍ 'ସି'ରେ ଜର୍ମାନୀ, ଆୟର୍ଲାଣ୍ଡ ଓ ନାମ୍ବିୟା ସହିତ ସ୍ଥାନ ପାଇଛି। ଡିସେମ୍ବର ୧ରେ ନାମ୍ବିୟା ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ପରେ ୩ରେ ଜର୍ମାନୀ ଏବଂ ୫ ତାରିଖରେ ଆୟର୍ଲାଣ୍ଡକୁ ଭେଟିବ। ପ୍ରତି ପୁଲ୍ର ଶୀର୍ଷ ଦଳଗୁଡ଼ିକ ନକ୍ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଏହା ଡିସେମ୍ବର ୭ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଦଳ ଚୟନ ସମ୍ପର୍କରେ ମତଦେଇ ମୁଖ୍ୟ କୋଚ୍ ତୁଷାର ଖାଣ୍ଡକର କହିଛନ୍ତି ଯେ, ଦଳ ଚୟନ ଏବଂ ବର୍ତ୍ତମାନର ପ୍ରଦର୍ଶନକୁ ନେଇ ମୁଁ ସନ୍ତୁଷ୍ଟ। ହକିରେ ଶୃଙ୍ଖଳା ରକ୍ଷା କରାଯିବା ନୀତିରେ ମୁଁ ବିଶ୍ୱାସ କରେ। ଦଳ ଗଠନ ସମୟରେ ମୁଁ ଏହାକୁ ଲକ୍ଷ୍ୟରେ ରଖିଛି। ଟ୍ରେନିଂ ସମୟରେ ରକ୍ଷଣଭାଗ ଏବଂ ବିପକ୍ଷ ଦଳର ସ୍କୋରିଂ ଅଞ୍ଚଳ ନିକଟରେ ଫିନିସିଂ ଉପରେ ଆମେ କଠିନ ପରିଶ୍ରମ କରିଛୁ। ଗତ କିଛି ମାସ ମଧ୍ୟରେ ଆମ ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଆସିଛି। ବିଶ୍ୱକପରେ ଶ୍ରେଷ୍ଠ ପ୍ରଦର୍ଶନ ଆମର ଲକ୍ଷ୍ୟ। **ଭାରତୀୟ ଦଳ:** ଗୋଲକିପର୍ସ: ନିଧି, ଇଙ୍ଗିଲ ହର୍ଷ ରାଣୀ ମିଞ୍ଜ। ଡିଫେଣ୍ଡର୍ସ: ମନୀଷା, ଲାଲଥାନଲୁଆଲାଙ୍ଗି, ସାକ୍ଷୀ ଶୁକ୍ଳା, ପୂଜା ସାହୁ, ନନ୍ଦିନୀ। ମିଡ୍ଫିଲ୍ଡର୍ସ: ସାକ୍ଷୀ ରାଣା, ଇଶିକା, ସୁନେଲିତା ଟପ୍ପୋ, ଜ୍ୟୋତି ସିଂ, ଖଇଦେମ ଶିଲେଇମା ଚାନୁ, ବିନିମା ଧନ। ଫରୱାର୍ଡ୍ସ: ସୋନମ, ପୂର୍ଣ୍ଣିମା ଯାଦବ, କନିକା ସିୱାଚ, ହିନା ବାନୋ, ସୁଖବୀର କୌର। ଅଲ୍ଟରନେଟ ପ୍ଲେୟର୍ସ: ପ୍ରିୟଙ୍କା ଯାଦବ, ପାର୍ବତୀ ଟପ୍ପୋ।

# ଓଡ଼ିଶା ସମ୍ମୁଖରେ ୩୪୫ ବିଜୟ ଲକ୍ଷ୍ୟ

**ଭୁବନେଶ୍ୱର, ୧୦।୧୧ (ତପନ ସ୍ୱାଇଁ)**

ନାଗପୁରରେ ଚାଲିଥିବା ରଣଜୀ ଟ୍ରଫି ଏଲିଟ ଗ୍ରୁପ୍ 'ଏ' ମ୍ୟାଚରେ ବିଦର୍ଭ ଭ୍ରମଣକାରୀ ଓଡ଼ିଶା ସମ୍ମୁଖରେ ୩୪୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ସୋମବାର ତୃତୀୟ ଦିବସ ଶେଷ ବେଳକୁ ଓଡ଼ିଶା ଦ୍ୱିତୀୟ ଇନିଂସରେ କୌଣସି ଉଇକେଟ ନ ହରାଇ ୪୪ ରନ ସଂଗ୍ରହ କରିଛି। ଅର୍ଥାତ୍ ସମସ୍ତ ଉଇକେଟ ସୁରକ୍ଷିତ ଥିବାବେଳେ ମଙ୍ଗଳବାର ଅନ୍ତିମ ଦିବସରେ ଓଡ଼ିଶା ବିଜୟ ପାଇଁ ଆଉ ୩୦୧ ରନ ଆବଶ୍ୟକ କରୁଛି। ଚଳିତ ସିଜନରେ ଏପର୍ଯ୍ୟନ୍ତ ଓଡ଼ିଶା ଦଳର ପ୍ରଦର୍ଶନ ଦୃଷ୍ଟିରୁ ଏହା କଷ୍ଟସାଧ୍ୟ ମନେ ହେଉଥିଲେ ହେଁ ଅସମ୍ଭବ ନୁହେଁ। ଅନ୍ତିମ ଦିବସରେ ସେସନ ଭିତ୍ତିରେ କିଭଳି ଖେଳିବାକୁ ହେବ ସେଥିନେଇ ଟିମ୍ ମ୍ୟାନେଜମେଣ୍ଟକୁ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ଟାର୍ଗେଟ ଚେଜ୍ କରି ନ ପାରିଲେ ମଧ୍ୟ ଓଡ଼ିଶା ଯଦି ଦିନସାରା ଖେଳିପାରିବ ତେବେ ମ୍ୟାଚକୁ ଡ୍ର ରଖି ୧ ପଏଣ୍ଟ ପାଇପାରିବ। ଅପରାଜିତ ଥିବା ଦୁଇ ଓପନର ସ୍ୱସ୍ତିକ ସାମଲ (୨୫ ରନ) ଓ ଗୌରବ ଚୌଧୁରୀ (୧୭)ଙ୍କୁ ବଡ଼ ପାର୍ଟନରଶିପ୍ ଗଢ଼ିବାକୁ ହେବ।

## ରଣଜୀ ଟ୍ରଫି

ପ୍ରଥମ ଇନିଂସରେ ବିଦର୍ଭ ୨୮୬ ରନ କରିଥିବାବେଳେ ଓଡ଼ିଶା ୧୬୦ ରନରେ ଅଲ୍ଆଉଟ ହୋଇଛି। ବିଦର୍ଭ ଏହାର ଦ୍ୱିତୀୟ ଇନିଂସକୁ ୨୧୮/୨ରେ ଘୋଷଣା କରିଛି।

### ବିଦର୍ଭ ଇନିଂସ ଅଗ୍ରଣୀ

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୨୨/୬ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଆଉ ୩୮ ରନ ଯୋଗକରି ଅବଶିଷ୍ଟ ୪ ଉଇକେଟ ହରାଇଥିଲା। ପୂର୍ବଦିନ ଅପରାଜିତ ରହିଥିବା ସମ୍ବିତ ବରାଳ ୨୯ରନ କରିଥିବାବେଳେ ଅନ୍ୟ କୌଣସି ଶେଷଭାଗ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବିଦର୍ଭ ପକ୍ଷରୁ ଗୌରବ ଫର୍ଦେ ୪ଟି, ପାର୍ଥ ରେଖାଦେ ୩ଟି ଏବଂ ନଚିକେତ ଭୁତେ, ପ୍ରଫୁଲ ହିଙ୍ଗେ ଓ ଯଶ କଦମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଏଥିସହ ବିଦର୍ଭ ପ୍ରଥମ ଇନିଂସରେ ୧୨୬ ରନରେ ଅଗ୍ରଣୀଲାଭ କରିଥିଲା।

### ଅମନ ଓ ଧ୍ରୁବଙ୍କ ଶତକ

ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଅଥର୍ବ ତାଇଦେ ମାତ୍ର ୧୬ ରନରେ ପ୍ରଥମ ଉଇକେଟ ହରାଇଥିଲା। ମାତ୍ର ଅମନ ମୋଖାଦେ ଓ ଧ୍ରୁବ ଶୋରେ ଶତକ ହାସଲ କରିବା ସହ ଦ୍ୱିତୀୟ ଉଇକେଟରେ ୧୯୯ ରନର ଭାଗୀଦାରି ଗଢ଼ି ଦଳକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ଧ୍ରୁବ ୧୦୧ ରନକରି ଆଉଟ ହୋଇଥିବାବେଳେ ଅମନ ୧୦୧ ରନରେ ଅପରାଜିତ ରହିଥିବାବେଳେ ଅଧିନାୟକ ଅକ୍ଷୟ ୱାଦକର ଇନିଂସ ଘୋଷଣା କରିଥିଲେ। ଓଡ଼ିଶା ପକ୍ଷରୁ ବାଦଲ ବିଶ୍ୱାଳ ୨ଟି ଯାକ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ ପ୍ରଥମ ଇନିଂସ: ୨୮୬। ଓଡ଼ିଶା ପ୍ରଥମ ଇନିଂସ: ୧୬୦/ଅଲଆଉଟ (ଶୁଭ୍ରାଂଶୁ ସେନାପତି-୪୧, ଗୌରବ ଫର୍ଦେ-୪/୨୮, ପାର୍ଥ ରେଖାଦେ-୩/୩୧, ନଚିକେତ ଭୁତେ-୧/୩୨, ପ୍ରଫୁଲ୍ଲ ହିଙ୍ଗେ-୧/୩୭, ଯଶ କଦମ-୧/୨୬)। ବିଦର୍ଭ ଦ୍ୱିତୀୟ ଇନିଂସ: ୨୧୮/୨/ଘୋଷଣା (ଅକ୍ଷୟ ମୋଖାଦେ-୧୦୧*, ଧ୍ରୁବ ଶୋରେ-୧୦୧, ବାଦଲ ବିଶ୍ୱାଳ-୨/୮୩)। ଓଡ଼ିଶା ଦ୍ୱିତୀୟ ଇନିଂସ: ୪୪/୦।

# କ୍ୟାରମ, ଚେସ୍, ବ୍ୟାଡ୍ମିଣ୍ଟନରେ ଓଡ଼ିଶାର ଭଲ ପ୍ରଦର୍ଶନ




ଭବିଷ୍ୟନିଧି ଜୋନାଲ ଇନ୍ଡୋର ମିଟ୍ ଉଦ୍ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୧୦।୧୧ (ତପନ ସ୍ୱାଇଁ)**

ଇପିଏଫ୍ଓ (କର୍ମଚାରୀ ଭବିଷ୍ୟନିଧି ପାଣ୍ଠି) ଆନୁକୂଲ୍ୟରେ ଭବିଷ୍ୟନିଧି ଜୋନାଲ ଇନ୍ଡୋର ଟୁର୍ନାମେଣ୍ଟ ସୋମବାର ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍ଡୋର ହଲ୍ରେ ଉଦ୍ଯାପିତ ହୋଇଛି। ବ୍ୟାଡ୍ମିଣ୍ଟନ, ଟେବୁଲ ଟେନିସ, କ୍ୟାରମ ଓ ଚେସ୍ ଆଦି ୪ କ୍ରୀଡ଼ାର ସର୍ବଭାରତୀୟ ଯୋଗ୍ୟତା ପାଇଁ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଉତ୍ତରପୂର୍ବାଞ୍ଚଳ ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ରିଜିଓନାଲ ପିଏଫ୍ କମିଶନର-୧ ବିଜୟ କୁମାର ପ୍ରସାଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଯାପନୀ ଉତ୍ସବରେ ଇପିଏଫ୍ଓର

## ଭବିଷ୍ୟନିଧି ଜୋନାଲ ଇନ୍ଡୋର ମିଟ୍ ଉଦ୍ଯାପିତ

ଅନ୍ୟ ସିନିୟର ଅଫିସରମାନେ ଉପସ୍ଥିତ ଥିଲେ। ଆଞ୍ଚଳିକ ପିଏଫ୍ କମିଶନର-୧ ରାଜର୍ଷି ଚକ୍ମା ଓଡ଼ିଶା ରିଜିଓନାଲ ସ୍ପୋର୍ଟସ ପ୍ରମୋଶନ ବୋର୍ଡର ବିବରଣୀ ପାଠ କରିଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ସରନଜିତ ସିଂ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଧିକାଂଶ ଇଭେଣ୍ଟରେ ଓଡ଼ିଶା ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଥିଲେ। ମହିଳା ଚେସ୍ରେ ଅଲକା ସିହ୍ନା, କ୍ୟାରମ ସିଙ୍ଗଲ୍ସରେ ଆଶାଲତା ସାହାଣି, କ୍ୟାରମ ଡବଲ୍ସରେ ଆଶାଲତା ଓ ପ୍ରଜ୍ଞାଶ୍ରୀ ରଥ, ବ୍ୟାଡ୍ମିଣ୍ଟନ ସିଙ୍ଗଲ୍ସରେ ଆଶାଲତା ସାହାଣୀ, ବ୍ୟାଡ୍ମିଣ୍ଟନ ଡବଲ୍ସରେ ଆଶାଲତା ଓ ପ୍ରଜ୍ଞାଶ୍ରୀ ଟ୍ରଫି ହାସଲ ସହ ସର୍ବଭାରତୀୟ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହା ପୁଣେରେ ୨୦୨୬ ଜାନୁଆରୀରେ ଅନୁଷ୍ଠିତ ହେବ। ଅନ୍ୟ ଅତିଥିଙ୍କ ମଧ୍ୟରେ ରିଜିଓନାଲ ପିଏଫ୍ କମିଶନର ସୁର୍ଜିତ କୁମାର, ଦାଶରଥି ନାଗ ଓ ଆବେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ରିଜିଓନାଲ ପିଏଫ୍ କମିଶନର-୨ ଧନ୍ୟବାଦ ଅର୍ପଣ କରିଥିଲେ। ଏନ୍ଫୋର୍ସମେଣ୍ଟ ଅଫିସର ଅଲେଖ ଚନ୍ଦ୍ର ସାହୁ ଉଦ୍ଯାପନୀ ଉତ୍ସବକୁ ସଂଯୋଜନା କରିଥିଲେ।

# ଡୋପ୍ ଟେଷ୍ଟ ନୋଟିସ ପରେ ଆଥଲେଟ୍ ପାଳନ କରିବାକୁ ବାଧ୍ୟ

**ନୂଆଦିଲ୍ଲୀ, ୧୦।୧୧(ପି.ଟି.):** ଟ୍ରାକ ଓ ଫିଲ୍ଡର ଆଣ୍ଟି-ଡୋପିଂ ୱାଚଡଗ୍ ଆଥ୍ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ପକ୍ଷରୁ ସୋମବାର ଭାରତୀୟ ଲଙ୍ଗ ଡିଷ୍ଟାନ୍ସ ରନର ବର୍ଷା ଟେକାମଙ୍କୁ ୩ ବର୍ଷ ଲାଗି ବାସନ୍ଦ କରାଯାଇଥିବା ଘଟଣାର ପୁନଃ ସମୀକ୍ଷା କରିଛି। ଏଥିସହିତ ଯଦି କୌଣସି ଆଥଲେଟ୍ଙ୍କୁ ଡୋପିଂ ଟେଷ୍ଟ ଲାଗି ସୂଚିତ କରାଯାଏ, ତେବେ ତାଙ୍କୁ ପାଳନ କରିବାକୁ ପଡ଼ିବ ବୋଲି କୁହାଯାଇଛି। ଗତ ବର୍ଷ ପୁଣେ ହାଫ ମାରାଥନରେ ତୃତୀୟ ସ୍ଥାନ ଅଧିକାର କରିଥିବା ବର୍ଷାଙ୍କୁ ଏକ ଡୋପ ଟେଷ୍ଟରୁ ପଳାୟନ କାରଣରୁ ଗତ ଜୁନ ୫ ତାରିଖରେ ଏଆଇୟୁ ପକ୍ଷରୁ ୩ ବର୍ଷ ଲାଗି ବ୍ୟାନ କରାଯାଇଥିଲା। ବର୍ଷା ଗତ ବର୍ଷ ଡିସେମ୍ବର ୧୫ରେ ହାଫ ମାରାଥନରେ ତୃତୀୟ ସ୍ଥାନ ଅଧିକାର କରିବା ପରେ ତାଙ୍କୁ ଟେଷ୍ଟିଂ ଲାଗି ଚୟନ କରାଯାଇଥିବା ଜଣେ ଡୋପିଂ କଣ୍ଟ୍ରୋଲ ଅଫିସର (ଡିସିଓ) ଜଣାଇଥିଲେ। ବିଜୟ ଉତ୍ସବ ଲାଗି ଅପେକ୍ଷା କରୁଥିବା ବେଳେ ପାଣି ଆଣିବାକୁ ଯାଉଥିବା କହି ବର୍ଷା ଦର୍ଶକଙ୍କ ମଧ୍ୟକୁ ଚାଲି ଯାଇଥିଲେ ଏବଂ ଫେରି ନ ଥିଲେ।

# ଢାକା ଯିବାକୁ ମନାକଲେ ମୁଖ୍ୟ କୋଚ୍

**କରାଚୀ, ୧୦।୧୧ (ପି.ଟି.)**

## ପାକିସ୍ତାନ ହକିରେ ବିବାଦ

ପାକିସ୍ତାନ ହକିରେ ବିବାଦ ଦେଖାଦେଇଛି। ପୁରୁଷ ହକି କୋଚ୍ ତାହିର ଜମାନ ଏକ ୩ ମ୍ୟାଚ ବିଶିଷ୍ଟ ସିରିଜ ଲାଗି ଢାକା ନ ଯିବା ଲାଗି ରୋକ୍ଠୋକ୍ ମନାକରି ଦେଇଛନ୍ତି। ଖେଳାଳି ଚୟନ କ୍ଷେତ୍ରରେ ପାକିସ୍ତାନ ହକି ମହାସଂଘ (ପିଏଚ୍ଏଫ୍)ର ହସ୍ତକ୍ଷେପକୁ ନାପସନ୍ଦ କରି ସେ ଏହି ନିଷ୍ପତ୍ତି ନେଇଛନ୍ତି। ପାକିସ୍ତାନ ଦଳ ଅନ୍ୟତମ ସେଲିବ୍ରିଟି ତଥା ପୂର୍ବତନ ଅଲିମ୍ପିଆନଙ୍କୁ ସାଥିରେ ନ ନେଇ ରବିବାର ଟୁର୍ନାମେଣ୍ଟ ଅଭିମୁଖେ ଗସ୍ତ କରିଛନ୍ତି।




ତାହିର ଜମାନ

ପାକିସ୍ତାନ ହକି ଦଳରେ ଶେଷ ମୁହୂର୍ତ୍ତରେ ଜଣେ ଖେଳାଳିଙ୍କୁ ସାମିଲ କରାଯାଇଥିଲା। ତାହିରଙ୍କ ଦ୍ୱାରା ଏହା ଗୃହୀତ ହୋଇ ନ ଥିଲା। ପାକିସ୍ତାନ ହକି ମହାସଂଘ ସମ୍ପାଦକ ରାଣା ମୁଜାହିଦ କହିଛନ୍ତି, ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ମାମଲାର ସମାଧାନ ଖୁବ୍ଶୀଘ୍ର ହେବ। ତାହିରଙ୍କ କହିବାର କଥା ହେଲା, ଇସ୍ଲାମାବାଦରେ ଆୟୋଜିତ ତାଲିମ ଶିବିରକୁ ରାଣା ୱାହିଦ ଓ ହମାଦ ଅଞ୍ଜୁମ ନାମକ ଖେଳାଳି ବିଳମ୍ବରେ ଆସିଥିବାରୁ ଖେଳାଳିଙ୍କୁ ଜାତୀୟ ଦଳରେ ସ୍ଥାନ ଦିଆଯିବା ଉଚିତ ନୁହେଁ। ରାଣା କହିଛନ୍ତି, ତାହିର ଶେଷ ମୁହୂର୍ତ୍ତରେ ଦଳ ସହିତ ଢାକା ନ ଯିବା ଲାଗି ନିଷ୍ପତ୍ତି ନେଇଥିଲେ। ପାକିସ୍ତାନକୁ ବିଶ୍ୱକପ୍ କ୍ୱାଲିଫାୟର୍ସରେ ସୁଯୋଗ ଦେବା ପାଇଁ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍) ତରଫରୁ ଢାକାରେ ଏକ ୩ ମ୍ୟାଚ ବିଶିଷ୍ଟ ସିରିଜର ଆୟୋଜନ କରାଯାଇଛି। ଅଗଷ୍ଟ-ସେପ୍ଟେମ୍ବରରେ ଭାରତରେ ଅନୁଷ୍ଠିତ ଏସିଆ କପ ବିଶ୍ୱକପ୍ ପାଇଁ ଏକ କ୍ୱାଲିଫାୟର ବିବେଚନା କରାଯାଉଥିଲା। ମାତ୍ର ପାକିସ୍ତାନ ଭାରତକୁ ଏହାର ଦଳ ପଠାଇ ନ ଥିଲା। ତାହିରଙ୍କ ନିକଟତମ ମହଲରୁ ପ୍ରକାଶ ଯେ, ଦଳ ବ୍ୟାପାରରେ କୋଚ୍ ହିଁ ସର୍ବେସର୍ବା ଏକଥା ଯେପର୍ଯ୍ୟନ୍ତ ଖେଳାଳିମାନଙ୍କ ମନରେ ଧାରଣା ସୃଷ୍ଟି ନ ହୋଇଛି ସେ ପର୍ଯ୍ୟନ୍ତ ଦଳର ପ୍ରଦର୍ଶନରେ ଉନ୍ନତି ସମ୍ଭବ ନୁହେଁ ବୋଲି ଅଲିମ୍ପିଆନ ଜଣକ ମନେକରନ୍ତି। ରାଣା କହିଛନ୍ତି, ପୂର୍ବ ପ୍ରତିଶ୍ରୁତି ଅନୁସାରେ ଅତି କମ୍ରେ ୧୦ଜଣ ଖେଳାଳି ବିଳମ୍ବରେ କ୍ୟାମ୍ପରେ ଯୋଗଦେଇଥିଲେ। ପିଏଚ୍ଏଫ୍ ସେମାନଙ୍କୁ ଆର୍ଥିକ ଜରିମାନାରେ ଦଣ୍ଡିତ ପାଇଁ ରାଜି ହୋଇଯାଇଥିଲା। ପିଏଚ୍ଏଫ୍ ସମ୍ପାଦକ ଏକଥା ମଧ୍ୟ କହିଛନ୍ତି ଯେ, ଦଳର ମ୍ୟାନେଜର ମହମ୍ମଦ ଉସ୍ମାନ ବାଂଲାଦେଶରେ ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇପାରିବାର ସାମର୍ଥ୍ୟ ରହିଛି। ରାଣା ଆହୁରି କହିଛନ୍ତି, ତାହିରଙ୍କ ସହିତ ଏହି ମାମଲାର ଯଦି ସମାଧାନ ନ ହୁଏ ତେବେ ମହାସଂଘ ବିଦେଶୀ କୋଚ୍ ଆଣିବା ଲାଗି ଚେଷ୍ଟା କରିବ।

# ଦକ୍ଷିଣ ଆଫ୍ରିକା ଦଳରେ ଯୋଗଦେଲେ ବଭୁମା

**କୋଲକାତା, ୧୦।୧୧ (ପି.ଟି.)**

ଇଡେନଗାର୍ଡେନ୍ସଠାରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁଥିବା ପ୍ରଥମ କ୍ରିକେଟ ଟେଷ୍ଟ ପୂର୍ବରୁ ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବଭୁମା ସୋମବାର ସକାଳେ ଶେଷ ଖେଳାଳି ଭାବେ ତାଙ୍କ ଦଳ ସହିତ ଯୋଗଦେଇଛନ୍ତି। ବଭୁମା ବେଙ୍ଗାଲୁରୁରେ ତାଙ୍କ ଦେଶର 'ଏ' ଦଳ ସହିତ ଭାରତ 'ଏ' ବିପକ୍ଷରେ ଦୁଇ ମ୍ୟାଚ ବିଶିଷ୍ଟ ଅନ୍ଅଫିସିଆଲ ଟେଷ୍ଟ ସିରିଜ ଖେଳୁଥିଲେ। ଦକ୍ଷିଣ ଆଫ୍ରିକା ଦଳର ପ୍ରଥମ ବ୍ୟାଚ ଏଠାରେ ରବିବାର ସକାଳେ ଆସି ପହଞ୍ଚିଥିଲେ। ଏମାନଙ୍କ ମଧ୍ୟରେ ମୁଖ୍ୟ କୋଚ୍ ସୁକ୍ରି କୋନାର୍ଡଙ୍କ ସମେତ ଦୁଇ ପେସ୍ ବୋଲର କାଗିସୋ ରାବାଡା ଓ ମାର୍କୋ ଜାନସେନ ଅନ୍ୟତମ। ଏମାନେ ପାକିସ୍ତାନ ବିପକ୍ଷ ହ୍ୱାଇଟ ବଲ୍ ସିରିଜ ଖେଳୁଥିଲେ। ବଭୁମା ପାକିସ୍ତାନ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳି ନ ଥିଲେ। ତେବେ ବେଙ୍ଗାଲୁରୁଠାରେ ଭାରତ 'ଏ' ବିପକ୍ଷ ଦ୍ୱିତୀୟ ଅନ୍ ଅଫିସିଆଲ ଟେଷ୍ଟରେ ସେ ଖେଳକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି।

# ରିଚା ଘୋଷ୍ଙ୍କ ନାମରେ ହେବ ଷ୍ଟାଡିୟମ

**କୋଲକାତା, ୧୦।୧୧:** ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ମହିଳା କ୍ରିକେଟ ଦଳର ସଦସ୍ୟା ରିଚା ଘୋଷଙ୍କ ନାମରେ ଷ୍ଟାଡିୟମ ନିର୍ମାଣ କରାଯିବ। ରାଜ୍ୟ ସରକାର ସିଲିଗୁଡ଼ିରେ ଏହି ଷ୍ଟାଡିୟମ ନିର୍ମାଣ କରିବେ ଏବଂ ଷ୍ଟାଡିୟମର ନାମ ରିଚା କ୍ରିକେଟ୍ ଷ୍ଟାଡିୟମ ରଖାଯିବ। ଏ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସାମବାର ଘୋଷଣା କରିଛନ୍ତି। ଉତ୍ତର ବେଙ୍ଗଲସ୍ଥିତ ସିଲିଗୁଡ଼ିରେ ୨୨ ବର୍ଷୀୟା ରିଚାଙ୍କ ଘର।

'ଚାନ୍ଦମନି ଟି ଇଷ୍ଟେଟରେ ୨୭ ଏକର ଜମିରେ ରିଚା କ୍ରିକେଟ ଷ୍ଟାଡିୟମ୍ ନିର୍ମାଣ କରାଯିବ। ରିଚାଙ୍କୁ ସମ୍ମାନିତ କରିବାର ଏହା ଏକ ଉପାୟ। ରିଚା ବେଙ୍ଗଲର ଚମକୁ ଥିବା କ୍ରୀଡ଼ା ପ୍ରତିଭା ଓ ସେ ଉତ୍ତର ବେଙ୍ଗଲରୁ ଆସୁଥିବା ଅନେକ ଯୁବା କ୍ରିକେଟର୍ସଙ୍କୁ ପ୍ରେରଣା ଦେଇଛନ୍ତି' ବୋଲି ମୁଖ୍ୟମନ୍ତ୍ରୀ ମମତା କହିଛନ୍ତି। ଏଥିପୂର୍ବରୁ ରିଚାଙ୍କୁ ଶନିବାର ବଂଗ ଭୂଷଣ ସମ୍ମାନରେ ସମ୍ମାନିତ କରାଯିବା ଡିଏସ୍ପି ପଦବୀ ଦିଆଯାଇଥିଲା।

# ଏଆଇପିଏନ୍ବିଓଏର ଜୋନାଲ ସ୍ପୋର୍ଟସ ମିଟ୍ ଉଦ୍ଯାପିତ




ଉଦ୍ଯାପନୀରେ ଉପସ୍ଥିତ କର୍ମକର୍ତ୍ତା।

**ଭୁବନେଶ୍ୱର, ୧୦।୧୧(ଅନାଦି କର)**

ବାଲେଶ୍ୱରସ୍ଥିତ ଏଫ୍ଏମ୍ ୟୁନିଭର୍ସିଟି ଗ୍ରାଉଣ୍ଡରେ ଚାଲିଥିବା ସର୍ବଭାରତୀୟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ(ଏଆଇପିଏନ୍ବିଓଏ)ର ଓଡ଼ିଶା ଜୋନର ଷଷ୍ଠ ଜୋନାଲ ସ୍ପୋର୍ଟସ ମିଟ୍ ଉଦ୍ଯାପିତ ହୋଇଯାଇଛି। ଓଡ଼ିଶାର ଭୁବନେଶ୍ୱର, କଟକ, ବାଲେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁର ଆଦି ୫ଟି ସର୍କଲର କର୍ମଚାରୀମାନେ ଏଥିରେ ଭାଗ ନେଇଥିଲେ। ଉଦ୍ଯାପନୀ ଉତ୍ସବରେ ବ୍ୟାଙ୍କର ଭୁବନେଶ୍ୱରର ଆଞ୍ଚଳିକ ପ୍ରବନ୍ଧକ ଭୂଷଣ ଶର୍ମା ଭୁଷଣ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱର ସର୍କଲର ମୁଖ୍ୟ ଲକ୍ଷ୍ମୀକାନ୍ତ ମିଶ୍ର, କଟକ ସର୍କଲର ମୁଖ୍ୟ ସୁଜିତ ନେଗି, ବାଲେଶ୍ୱର ସର୍କଲର ମୁଖ୍ୟ ବିଶ୍ୱଜିତ ବିଶ୍ୱାଳ ଓ ବ୍ରହ୍ମପୁର ସର୍କଲର ମୁଖ୍ୟ ପ୍ରତାପ ବୈରୀଗଞ୍ଜନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏଆଇପିଏନ୍ବିଓଏର ସାଧାରଣ ସମ୍ପାଦକ ତଥା ଏଆଇବିଓସିର ରାଜ୍ୟ ସଭାପତି ବୈଲୋଚନ ସାହୁଙ୍କ ସମେତ ସମସ୍ତ ୫ଟି ସର୍କଲର ସମ୍ପାଦକ, ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆବୁଧାବିରେ ହୋଇପାରେ ଆଇପିଏଲ ମିନି ଅକ୍ସନ

**ନୂଆଦିଲ୍ଲୀ, ୧୦।୧୧:** ଆଗାମୀ ଆଇପିଏଲ ଲାଗି ଡିସେମ୍ବର ତୃତୀୟ ସପ୍ତାହରେ ଆବୁଧାବିଠାରେ ମିନି ଅକ୍ସନ ହୋଇପାରେ। ଏହି ଇଭେଣ୍ଟ ଲାଗି ବିସିସିଆଇ ପକ୍ଷରୁ ଡିସେମ୍ବର ୧୫ ଓ ୧୬ ତାରିଖକୁ ଧାର୍ଯ୍ୟ କରାଯାଇଛି। ଗତ ଦୁଇ ବର୍ଷ ହେଲା ମିନି ଅକ୍ସନ ବିଦେଶରେ ଆୟୋଜିତ ହେଉଛି। ଚଳିତବର୍ଷ ସୌଦି ଆରବର ଜେଦ୍ଦାଠାରେ ହୋଇଥିଲା। ଆସନ୍ତା ୧୫ ସୁଦ୍ଧା ଆଇପିଏଲ୍ର ସମସ୍ତ ଫ୍ରାଞ୍ଚାଇଜ ରିଟେନଶନ ତାଲିକା ଦେବେ।

# ହର୍ଷିତ୍, ନିନିଶା, ସୌମ୍ୟଜିତଙ୍କୁ ଏକାଧିକ ଟାଇଟଲ

**ଭୁବନେଶ୍ୱର, ୧୦।୧୧ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ବ୍ୟାଡ୍ମିଣ୍ଟନ ସଂଘ ଦ୍ୱାରା ଆୟୋଜିତ ରାଜ୍ୟ ସବ୍ଜୁନିୟର (୧୫ ଓ ୧୭ ବର୍ଷରୁ କମ୍) ବ୍ୟାଡ୍ମିଣ୍ଟନ ଚାମ୍ପିୟନଶିପ୍ ପୋଖରୀପୁଟସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍ଡୋର ଷ୍ଟାଡିୟମରେ ସୋମବାର ଉଦ୍ଯାପିତ ହୋଇଛି। ୧୫ ବର୍ଷରୁ କମ୍ ବାଳକ ବିଭାଗରେ ହର୍ଷିତ ପ୍ରିୟଦର୍ଶୀ ବେହେରା ତ୍ରିମୁକୁଟ ଲାଭ କରିଥିବା ବେଳେ ଏହି ବୟସ ବର୍ଗର ବାଳିକା ବିଭାଗରେ ନିମିଶା ଓଝାଙ୍କୁ ଦ୍ୱିମୁକୁଟ ମିଳିଛି। କଟକର ହର୍ଷିତ ସମ୍ବଲପୁରର ଅୟଙ୍କ କୁମାର ସାହୁଙ୍କୁ ସିଙ୍ଗଲ୍ସ ଫାଇନାଲରେ ୨୧-୧୧, ୧୬-୨୧ ଓ ୨୧-୧୬ ପଏଣ୍ଟରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଠିକ୍ ସେହିପରି ଡବଲ୍ସ ବିଭାଗରେ ହର୍ଷିତ ନିଜ ସାଥୀ ଖେଳାଳି ଅୟଙ୍କ କୁମାର

## ରାଜ୍ୟ ସବ୍ଜୁନିୟର ବ୍ୟାଡ୍ମିଣ୍ଟନ ଉଦ୍ଯାପିତ

ସାହୁ କୋରାପୁଟ-ବଲାଙ୍ଗୀର ଯୋଡ଼ି ନିତେଶ ପଟ୍ଟନାୟକ ଏବଂ ସାଇ ଚନ୍ଦନ ମହାନ୍ତି ଯୋଡ଼ିଙ୍କୁ ୨୩-୨୫, ୨୧-୧୬ ଓ ୨୧-୧୩ରେ ହରାଇଛନ୍ତି। ମିକ୍ସଡ୍ ଡବଲ୍ସ ବିଭାଗରେ ମଧ୍ୟ ଆଦ୍ୟାଶା ମହନ୍ତଙ୍କୁ ସାଥୀ କରି ହର୍ଷିତ ସମ୍ବଲପୁର-ନୂଆପଡ଼ା ଯୋଡ଼ି ଅୟଙ୍କ ସାହୁ ଓ ମୁସ୍କାନ ପଣ୍ଡାଙ୍କୁ ୨୧-୧୫, ୧୮-୨୧, ୨୧-୧୬ ସେଟରେ ହରାଇ ୩ ଟାଇଟଲ ହାସଲ କରିଛନ୍ତି। ୧୭ ବର୍ଷରୁ କମ୍ ବାଳକ ସିଙ୍ଗିଲ୍ସରେ ଖୋର୍ଦ୍ଧାର ସୌମ୍ୟଜିତ ସାହୁ ନିଜ ଜିଲାର ବାପୁନ ରାଉତଙ୍କୁ ୨୧-୧୩, ୨୧-୧୭ରେ ହରାଇ ଚାମ୍ପିୟନ ହୋଇଛନ୍ତି। ମିକ୍ସଡ ଡବଲ୍ସରେ ସୌମ୍ୟଜିତ ଭଦ୍ରକର ଜେସିକା ସାହୁଙ୍କୁ ସାଥୀ କରି କଟକ ଓ ସୁନ୍ଦରଗଡ଼ ଯୋଡି ଅଂଶୁମାନ ସିଂ ଓ ଅଂଶିକା ବିରୋକଙ୍କୁ ୨୧-୧୮, ୨୧-୧୪ରେ ହରାଇଛନ୍ତି। ଖୋର୍ଦ୍ଧା ଖେଳାଳି ନିମିଶା ଓଝା ୧୫ ବର୍ଷରୁ କମ୍ ବାଳିକା ଫାଇନାଲରେ କଟକ ଖେଳାଳି ସ୍ୱାତୀ ନାୟକଙ୍କୁ ୨୧-୧୬, ୧୮-୨୧ ଓ ୨୧-୧୫ ରେ ପରାସ୍ତ କରିଛନ୍ତ। ବାଳିକା ଫାଇନାଲରେ ମଧ୍ୟ ନିମିଶା ଓ ସ୍ୱାତୀ ନାୟକ ଯୋଡ଼ି ଭଦ୍ରକ ଓ ଯାଜପୁର ଯୋଡ଼ି ବୁଡୁପୁ ଲକ୍ଷ୍ମୀ ରେଡ୍ଡୀ ଓ ରିତିକା ଦାଶଙ୍କୁ ୨୧-୪ ଓ ୨୧-୯ରେ ହରାଇଛନ୍ତି। ୧୭ ବର୍ଷରୁ କମ୍ ବାଳିକା ଫାଇନାଲରେ କଟକର ସ୍ୱାତୀ ନାୟକ ଖୋର୍ଦ୍ଧାର ନିମିଶା ଓଝାଙ୍କୁ ୨୧-୧୭, ୧୮-୨୧ ଓ ୨୧-୮ରେ ପରାସ୍ତ କରିଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବାଳକ ଡବଲ୍ସରେ ଖୋର୍ଦ୍ଧା-ସମ୍ବଲପୁର ଯୋଡ଼ି ବାପୁନ ରାଉତ ଓ ଜୟକୃଷ୍ଣ ଗର୍ଡିଆ ଖୋର୍ଦ୍ଧା-ଢେଙ୍କାନାଳ ଯୋଡ଼ି ସୌମ୍ୟଜିତ ସାହୁ ଓ ବିଭୁଦତ୍ତ ବିଶ୍ୱାଳଙ୍କୁ ୨୧-୧୮, ୨୨-୨୦ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଯୁବ ବ୍ୟାପାର ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନ ସମ୍ପାଦକ ନଳିନ କୁମାର, ଆୟୋଜନ କମିଟି ସମ୍ପାଦକ କମଳ ଦାଶ ଓ ଅଜିତ ମହାନ୍ତି, ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଶିଭମ୍ ଅଗ୍ରୱାଲ, କାର୍ଯ୍ୟକାରିଣୀ ସଦସ୍ୟ ଦୀପକ ରଞ୍ଜନ ମହାନ୍ତି, ନିର୍ଦ୍ଦେଶକ ଶୁଭମ୍ ନାୟକ, ମୁଖ୍ୟ ରେଫରି ରୀତା ଦାଶ, ସଂଯୋଜକ ଜୟ ପ୍ରକାଶ ଜେନା ଓ ତାରାକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।




ରାଜ୍ୟ ସବ୍ଜୁନିୟର ବ୍ୟାଡ୍ମିଣ୍ଟନରେ ପୁରସ୍କାର ଲାଭ କରିଥିବା ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ